

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

**❋ ଚତୁର୍ଥ ପୁଷ୍ପ ❋ ତୃତୀୟ ପାଖୁଡ଼ା ❋ ଷୋଡ଼ଶ ସଂଖ୍ୟା ❋**


*ସଂପାଦକ* : କେଶବ ଦାସ

*ପ୍ରକାଶକ* : ଶ୍ରୀ କେଶବ ଚନ୍ଦ୍ର ସାମଲ
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

*ମୁଦ୍ରଣ ଓ ଅକ୍ଷରସଜ୍ଜା* : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି:ପ୍ରତିଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

❁ କେଶବାବ୍ଦ : ଦ୍ୱାଚତ୍ୱାରିଂଶତ୍ ❁ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❁

# ପ୍ରବେଶ ପରିଚିତି

❁ ଚତୁର୍ଥ ପୁଷ୍ପ ❁
ତୃତୀୟ ପାଖୁଡ଼ା
ଷୋଡ଼ଶ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ

❁ ତୃତୀୟ ମହକ ❁ କେଶବାବ୍ଦ : ୫୭ ❁ ଆବିର୍ଭାବ ମାସ ❁ ଦେବସ୍ନାନ ପୂର୍ଣ୍ଣିମା ❁

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ପାଦୁକା ବନ୍ଦନା | ୧ |
| **ସିଂହଦ୍ୱାର** | |
| ଜଣାଣ | ୨ |
| ଅନାମ ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୫ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) | ୬ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ: ମୋହ | ୧୩ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୧୮ |
| ଉତ୍ତିଷ୍ଠତ ! ଜାଗ୍ରତ !! | ୨୦ |
| ଜିଜ୍ଞାସା : ଜିଜ୍ଞାସୁ : | ୨୩ |
| **ଭଜନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କଲ୍ୟାଣ ଦେବି ତୋତେ | ୨୯ |
| କେଶବ କୈବଲ୍ୟ କଳିକା | ୩୧ |
| ପୁରାଣ ଗଳ୍ପାଂଶର ମୀମାଂସା ଖଣ୍ଡ | ୩୪ |
| 'କଳିକଳ୍ପଗୀତା'ରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୩୬ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୩୮ |
| ଆଶ୍ରମ ସନ୍ଦେଶ | ୪୦ |
| ଘୋଷଣା ପତ୍ର | ୪୨ |

## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶାସନ



''ପୂର୍ଣ୍ଣବ୍ରହ୍ମ ସ୍ୱରୂପିଣଂ ମୁକ୍ତିମୋକ୍ଷ ପ୍ରଦାୟକମ୍ ।
ପ୍ରଣମାମି ସଦାତଂ ତୁ ଶୁଭଦଂ ଭକ୍ତବତ୍ସଳମ୍ ॥''

## ମଙ୍ଗଳାଚରଣ

### ଶ୍ରୀପଦ ପାଦୁକା ବନ୍ଦନା

ବନ୍ଦଇ ଶ୍ରୀପଦ ପାଦୁକା ।
ସଂସାର ସାଗର ନଉକା ॥୧॥

ବନ୍ଦଇ ହୃଦଗତ ସ୍ଥଳେ ।
ଲଗାଅ ଚରମର କୂଳେ ॥୨॥

ବନ୍ଦଇ ପ୍ରତ୍ୟକ୍ଷ ଶ୍ରୀଗୁରୁ ।
ଲୟ ଲଗାଇ ଚିତ୍ତେ ଦୃଢ଼ ॥୩॥

ବନ୍ଦଇ ପ୍ରଭାତେ ପ୍ରଦୋଷେ ।
ରସାଇ ଚରମର ରସେ ॥୪॥

ବନ୍ଦଇ ଶ୍ରୀପାଦୁକା ପ୍ରାନ୍ତେ ।
ଚରମଗତି ଦିଅ ଅନ୍ତେ ॥୫॥

ବନ୍ଦଇ ଦେଇ ମନ ପ୍ରାଣ ।
ପଦପାଦୁକା କର ତ୍ରାଣ ॥୬॥

ବନ୍ଦଇ ନୟନାଭିରାମ ।
ପୂରାଅ ମୋର ମନସ୍କାମ ॥୭॥

ବନ୍ଦଇ ପାଦୁକା ଯୁଗଳ ।
ଅନ୍ତଃକରଣେ ଦିଅବଳ ॥୮॥

ବନ୍ଦଇ ପ୍ରେମାସ୍ପଦ ମୋର ।
ସକଳଭୀତି କର ଦୂର ॥୯॥

ବନ୍ଦଇ ଦେବ ପୂଜାସ୍ପଦ ।
ଖଣ୍ଡହେ ବିପଦ ଆପଦ ॥୧୦॥



ବନ୍ଦଇ ଭକତ ବତ୍ସଳ ।
ଦିଅ ହେ ପରମାର୍ଥ ବଳ ॥୧୧।

ବନ୍ଦଇ ଭକ୍ତଜନ ଧ୍ୟେୟ ।
ଦିଅ ଶକତି ଅପ୍ରମେୟ ॥୧୨।

ବନ୍ଦଇ ଶ୍ରୀପଦ ପାଦୁକା ।
ଭକ୍ତ ରକ୍ଷଣ ତୁମେ ଏକା ॥୧୩॥

ବନ୍ଦଇ ନତ କରି ଶିର ।
ପଦପାଦୁକା ମହା ବୀର ॥୧୪॥

ବନ୍ଦଇ ଲୟ ରଖି ମନେ ।
ଧନୀ କରାଅ ଧର୍ମ ଧନେ ॥୧୫॥

ବନ୍ଦଇ ଜୀବନ କରତା ।
ମୁକ୍ତି ନିର୍ବାଣ ମୋକ୍ଷ ଦାତା ॥୧୬॥

ବନ୍ଦଇ ଦେବ ମହେଶ୍ୱର ।
ଚରମ ରସ ଦାନ କର ॥୧୭॥

ବନ୍ଦଇ ଦେବ ପରଂବ୍ରହ୍ମ ।
ହେ ପିତା, ପତି, ସଖା ମମ ॥୧୮॥

ବନ୍ଦଇ ଧ୍ୟାନାସନେ ବସି ।
ଯିବାକୁ ଚରମରେ ରସି ॥୧୯॥

ବନ୍ଦଇ ଚରମ ଦେବତା ।
ସର୍ବ ସାଧନ ସିଦ୍ଧି ଦାତା ॥୨୦॥

ବନ୍ଦଇ ଶ୍ରୀପଦ ପାଦୁକା
ଚରମ ନାଥ ତୁହି ଏକା ॥୨୧॥




## ଜଣାଣ

ଠାକୁର, ଆହେ ଠାକୁର !
ସେହି ପ୍ରଭୁ ତୁମେ ନୁହଁ କି ?
ପରଶି ଚରଣ ପଥରେ ପାଷାଣ ତାରଣ କରି ନ ଥିଲକି ?? (୦)
ସୁଆଦିଆ ଫଳ ଆଗେ ଚାଖିସାରି
ଅଇଁଠାଖୁଆଇ ଥିଲା ତ ଶବରୀ
କେତେ ଭାଗ୍ୟବତୀ ପାଇଲା ମୁକତି ଆପଣେ ନ ଥିଲ ଦେଇକି ? (୧)
କୁମ୍ଭୀର କବଳେ ପଡ଼ି ସିନ୍ଧୁଜଳେ
ଡାକିଥିଲା ଗଜ ପରାଣ ଆକୁଳେ
ଶୁଣି ପଣାଖେଳେ ଚକ୍ରପେଷି ହେଳେ ନକ୍ରେ ନ ଥିଲ ସଂହାରି କି ? (୨)
ବିପଦେ ହରିଣୀ ଡାକିଲା ଆରତେ
ଜାଣି ତା' ଆରତ ତୁମେ ଅନ୍ତର୍ଗତେ
ପେଡ଼ିଲ ଦୁର୍ଗତି ଆହେ ଶିରୀପତି ମୋ ଡାକ ନଶୁଣ କାହିଁକି ? (୩)
ଆକୁଳରେ ଡାକି ହେବାରୁ ନିରାଶ
ଶ୍ରୀବତ୍ସ ବ୍ରାହ୍ମଣ ମନେ ବହିରୋଷ
ମାଇଲା ଗୋଇଠା ମଣି ତାକୁ ମିଠା ତା' ପାଦ ନ ଥିଲ ଚୁମ୍ବିକି ? (୪)
ଭାର ବୋହିଥିଲ ଗୀତାପଣ୍ଡା ପାଇଁ
ହେ କପଟି ! ସତେ କିଛି ଜାଣ ନାହିଁ
କହେ ହରି ପ୍ରଭୁ, ଦାସେ ଛଳିବାଟା ତୁମ ପକ୍ଷେ ଶୋଭା ପାଏକି ? (୫)

# ଅନାମ ଭଜନ

ଖେଳୁଛି ପରମହଂସ ମରମସ୍ଥଳେ ।
ମାୟାଘୋରେ କାୟାଧରି ଏ ଭବଜଳେ ॥୦॥

ସେ ହଂସ ନୀରବେ ଖେଳେ
ନିଗମ ସୂତୁର ଭୋଳେ
ସବୁ ଦେଖି ଜାଣି ଶୁଣି ଥାଏ ଆକୁଳେ ॥୧॥

ନାହିଁ ଦୁଃଖ ନାହିଁ ଜରା
ରୋଗ ଶୋକ ମୃତ୍ୟୁ କାରା
ସବୁରି ଉପରେ ବସି ଥାଏ ସରଳେ ॥୨॥

ଭୋଗେନା ବରଷା ଶୀତ
ଗ୍ରୀଷମ ଅବା ବସନ୍ତ
କାରଣରେ ବିଜେ ସେହୁ କାରଣ ବଳେ ॥୩॥

କେହି ନୁହେଁ ଆପଣାର
କେହିନୁହେଁ ପର ତା'ର
ନିର୍ବିକାର ପୁରୁଷ ସେ ଭାବର ଭୋଳେ ॥୪॥

ନାହିଁ ଜନମ ମରଣ
ଅକାରଣ ସେ କାରଣ
ସୂକ୍ଷ୍ମରେ ରଚଇ ଲୀଳା ଲୀଳାଙ୍କ ମେଳେ ॥୫॥

***

# ମୁଖଶାଳା

## ଭକ୍ତ ଡାଏରି

*'କେ ହେତବୋ ବ୍ରହ୍ମଗତେସ୍ତୁ ସନ୍ତ । କେ ସନ୍ତି ସନ୍ତୋଽବ୍ୟକ୍ତବୀତରାଗା ।*
*ସତ୍‌ସଙ୍ଗତିର୍ଦାନବିଚାର ତୋଷାଃ ॥ ଅପାସ୍ତମୋହାଃ ଶିବତତ୍ତ୍ୱନିଷ୍ଠାଃ ॥' (ମଣିରତ୍ନମାଳା ନବମ ଶ୍ଳୋକ)*

**ଶଙ୍କରାଚାର୍ଯ୍ୟ ସ୍ୱରଚିତ ମଣିରତ୍ନମାଳାର ୯ମ ଶ୍ଳୋକରେ ପ୍ରଶ୍ନୋତ୍ତର ଛଳରେ ସ୍ପଷ୍ଟ ବ୍ୟକ୍ତ କରନ୍ତି-**

(୧) ପ୍ରଶ୍ନ - ବ୍ରହ୍ମାନୁଭୂତି ଓ ବ୍ରହ୍ମପ୍ରାପ୍ତିର ଉପାୟ କ'ଣ ?

ଉତ୍ତର - ସତ୍‌ସଙ୍ଗ, ସତ୍‌ପାତ୍ରରେ ଦାନ, ପରମାତ୍ମା ଚିନ୍ତନ, ସତ୍‌ଅସତ୍ ବିଚାର ଓ ସନ୍ତୋଷ ଦ୍ୱାରା ବ୍ରହ୍ମାନୁଭୂତି ମିଳିଥାଏ ।

(୨) ପ୍ରଶ୍ନ - ଏ ସଂସାରରେ ପ୍ରକୃତ ସାଧୁ କିଏ ?

ଉତ୍ତର - ଯେଉଁମାନେ ସମସ୍ତ ବିଷୟରେ ବୀତସ୍ପୃହ, କ୍ରୋଧ, ଦ୍ୱେଷ, ଈର୍ଷା, ଅସୂୟା ରହିତ ଓ ଶିବତତ୍ତ୍ୱନିଷ୍ଠ ଅର୍ଥାତ୍ ଜଗତର କଲ୍ୟାଣ ସାଧନରେ ତତ୍ପର, ସେମାନେ ସାଧୁ ରୂପେ ସମ୍ମାନିତ ଓ ଆଦୃତ ହୁଅନ୍ତି ॥

'ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥ (ଗୀତା : ୭/୧୯ ଶ୍ଳୋକ)

ବହୁ ଜନ୍ମପରେ ଶେଷ ଜନ୍ମରେ 'ବାସୁଦେବ ହିଁ ସବୁକିଛି' - ଏହି ଜ୍ଞାନ ଲାଭ କରି ଜ୍ଞାନୀ ସର୍ବାତ୍ମ ଦୃଷ୍ଟି ଦ୍ୱାରା ମୋକ୍ଷସ୍ୱରୂପ ମୋତେ ପ୍ରାପ୍ତ ହୁଅନ୍ତି । ଅତଏବ ଏଭଳି ମହାତ୍ମା ଅତୀବ ଦୁର୍ଲଭ । ଅର୍ଥାତ୍, ପୂର୍ବ ପୂର୍ବ ଜନ୍ମର ସଞ୍ଚିତ ପୁଣ୍ୟ ଫଳରେ ଶେଷ ଜନ୍ମରେ ବାସୁଦେବ - ଅର୍ଥାତ୍ ପୁରୁଷୋତ୍ତମ ପରମାତ୍ମା ହିଁ ଚରାଚର ବିଶ୍ୱବ୍ରହ୍ମାଣ୍ଡ ବ୍ୟାପ୍ତ ହୋଇଛନ୍ତି, ଏହିପରି ଦୃଷ୍ଟିରେ ସେ ମୋତେ ଭଜନ କରନ୍ତି । ଏହିପରି ସର୍ବାତ୍ମଦୃଷ୍ଟି - 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' - ଏହାର ଅନୁଭୂତି ଅତି ଦୁର୍ଲଭ ॥

କର୍ମଫଳ ଭୋଗ କରିବାକୁ ଏବଂ କର୍ମ କରିବାକୁ ଦୁର୍ଲଭ ମାନବ ଶରୀର ଧରି ଆମେ ଏହି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଅଛୁ । କର୍ମକଲେ ମଧ୍ୟ ସମତ୍ୱବୁଦ୍ଧି ଯୁକ୍ତ ଜ୍ଞାନୀଗଣ କର୍ମଜାତ ଫଳରେ ଆବଦ୍ଧ ହୁଅନ୍ତି ନାହିଁ । ସୁତରାଂ ସେମାନେ ଜନ୍ମରୂପକ ବନ୍ଧନ ଅର୍ଥାତ୍ ସଂସାର ବନ୍ଧନରୁ ମୁକ୍ତିଲାଭ କରି ସର୍ବଉପଦ୍ରବ ରହିତ ମୋକ୍ଷପଦ (ଚରମ ପ୍ରାପ୍ତି) ପ୍ରାପ୍ତ ହୁଅନ୍ତି ॥

କଳ୍ପତରୁଙ୍କର ଶରଣାଗତ ହୋଇ ମଧ୍ୟ ଭେଦବୁଦ୍ଧିର ବଶବର୍ତ୍ତୀ ହୋଇ ନାନାଦି ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ଦୃଷ୍ଟିରୁ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ରାଜନୈତିକ ଦୃଷ୍ଟିକୋଣ ରଖି କର୍ମକଲେ, କସ୍ମିନ୍‌କାଳେ କର୍ମଜାତ ଫଳରୁ ମୁକ୍ତ ହୋଇ ପାରିବ ନାହିଁ । ଫଳତଃ କର୍ମଫଳ ବନ୍ଧନରେ ପଡ଼ିବା ଦୋଷରୁ ସଂସାରର ବିଷୟାବିଷ ବନ୍ଧନରେ ଅବଶ ପତିତ ହେବ ହିଁ ହେବ । ଏହା ସତ୍ତ୍ୱେ ମୁକ୍ତିମୋକ୍ଷ ନିର୍ବାଣ ବା ଚରମ ପ୍ରାପ୍ତି ଅଥବା ଜ୍ୟୋତିଃଦର୍ଶନକରି ସୂକ୍ଷ୍ମଦର୍ଶନଯୋଗୀ କିମ୍ବା ବ୍ରହ୍ମଦର୍ଶନ/ଆତ୍ମ ଦର୍ଶନର ପରିକଳ୍ପନା ରଖିବା ପାଗଳର ପ୍ରଳାପ ବ୍ୟତୀତ ଅନ୍ୟ କ'ଣ ହୋଇପାରେ ??

କଳ୍ମଷକାଳିମାରେ କଳେବର କଳୁଷିତ କରି କଳ୍ପିତ କଲ୍ୟାଣ ପାଇଁ ଦିଶାହରା ହେଲେ, କଲ୍ୟାଣୀୟ ହୋଇ ପାରିବକି ? କର୍ମ ନିର୍ଘଣ୍ଟ ଅନୁସାରେ କର୍ମଣ୍ୟ କର୍ମଯୋଗରେ କର୍ମିଷ୍ଠ ନ ହେଲେ, କଲ୍ୟାଣ ପ୍ରାପ୍ତି ହୁଏ ନାହିଁ, କାହାରି ବି ହୋଇ ନାହିଁ । କର୍ପଟଧାରୀ କପଟୀ ତୁଲ୍ୟ ଶରଣାଗତ ହେବାକୁ ହିଁ ହୁଏ, ହେବାକୁ ହେବ ।

**କମଳ ପଦ ଯୁଗଳରେ ଶରଣାଗତିର ସହିତ,**

**ବିନୀତ,**

**କେଶବ ଦାସ ବୃନ୍ଦାବନ, ସମ୍ପାଦକ, ଚରମ ॥**

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

**ଅଚ୍ୟୁତଙ୍କ ଲେଖନୀରୁ ....**

''ପ୍ରାଣ ପବନକୁ ଉର୍ଦ୍ଧ୍ୱକୁ ତୋଳ । ମୂର୍ଦ୍ଧନୀ ମଣ୍ଡଳେ କର ହୋ ଠୁଳ ॥
ଅନାହତ ଧ୍ୱନି ପ୍ରକାଶ ହେବ । ଚିତା ମଧ୍ୟରେ କରିଥାଅ ଠାବ ॥
ବ୍ରହ୍ମାଣ୍ଡ ଫୁଟି କରୁ ଅଛି ନାଦ । ଅତି ସୁଲଳିତ ବଂଶୀ ଶବଦ ॥

*- ଅବାଡ଼ ସଂହିତା : ଅଚ୍ୟୁତାନନ୍ଦ ଦାସ ॥*

*ପଞ୍ଚଦଶ ଶତାବ୍ଦୀର ପଞ୍ଚସଖାମାନଙ୍କ ମଧ୍ୟରୁ ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଲେଖନୀ ମୁନରୁ ବହୁ ସଂଖ୍ୟକ ଗୀତାଗ୍ରନ୍ଥ ସୃଷ୍ଟି ହୋଇଛି । ସେ ମଧ୍ୟରୁ 'କଳିକଳ୍ପଗୀତା' ମହାପୁରୁଷଙ୍କର ଏକ ଅପ୍ରକାଶିତ କୃତି । ଏହା ଏକ ମାଳିକା ତଥା ବ୍ରହ୍ମଜ୍ଞାନ ମୂଳକ ରଚନା । ପ୍ରିୟଶିଷ୍ୟ ରାମଦାସଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଚ୍ୟୁତାନନ୍ଦ ତାହାଙ୍କୁ କେତେକ ଭବିଷ୍ୟତ୍‌ବାଣୀ ଶୁଣାଇ ଅଛନ୍ତି । କଳିଯୁଗରେ ଦେଶର ଅବସ୍ଥା ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଅଛନ୍ତି । ଗ୍ରନ୍ଥର ଶେଷ ପର୍ଯ୍ୟାୟରେ ଛାୟା ସାଧନା, ଜ୍ୟୋତିଃ ସାଧନା ଏବଂ ଅବାଡ଼ ସାଧନା ବିଷୟକ ଅନେକ ତତ୍ତ୍ୱ ପରିବେଷିତ ହୋଇଛି । ସମୁଦାୟ କୋଡ଼ିଏ ଗୋଟି ପଟଳରେ ଗ୍ରନ୍ଥଟି ସମ୍ପୂର୍ଣ୍ଣ ହୋଇଛି । ସେହି କଳିକଳ୍ପଗୀତାରୁ ମାତ୍ର ଆଠଗୋଟି ପଦ ଏଠାରେ ଉଦ୍ଧୃତ ହୋଇଛି ଏବଂ ସାଧାରଣ ତତ୍ତ୍ୱର ଭାବରେ ତାହାର ବ୍ୟାଖ୍ୟା ପାଠକ/ପାଠିକାମାନଙ୍କର ଗୋଚରାର୍ଥେ ପରିବେଷଣ ହେଉଅଛି ॥*

### 'କଳିକଳ୍ପଗୀତା' ରୁ ଉଦ୍ଧୃତାଂଶ ଓ ବ୍ୟାଖ୍ୟା -

ସପ୍ତାଙ୍ଗ ଅଷ୍ଟାଙ୍ଗ ବ୍ରହ୍ମ ଗୁଣାଣ ।
ବେଦ ନିର୍ବେଦ ବହୁକ୍ରିୟା ମାନ ॥

ସପ୍ତ ପଞ୍ଚାମ୍ନିକ କହିବ ଯେହୁ ।
ଦେବୀ ଖର୍ପରୁ ଉଦ୍ଧରିବ ସେହୁ ॥

ମହତ ପରୀକ୍ଷା ସେଠାରେ ହେବ ।
ଜାଲିଆ ମାନଙ୍କ ମନେ ପଡ଼ିବ ॥

ଠକ ଭକତ ନାଶ ଯିବେ ଥୋକେ ।
କଳି ଭାରତରେ ପଡ଼ିବେ ଥୋକେ ॥

ଅଠର ଦିବସ କଳି ଭାରତ ।
ହେବ ଉଶ୍ୱାସ ପୃଥ୍ୱୀ ଉତପାତ ॥

ଅନନ୍ତ କିଶୋର ନୃପତି ହେବ ।

ଭଲ ମନ୍ଦ ବାଛି ବୁଝାଇ ଦେବ ॥

ଧବଳ ଗିରିରେ ରହିବେ ପ୍ରଭୁ ।

ନାଶ କରିବେ ମ୍ଲେଚ୍ଛମାନ ସବୁ ॥

ପୃଥ୍ୱୀ ଉଷ୍ଣ୍ୱାସ କରିବେ ଅନନ୍ତ ।

ଭାବେ କହିଲା ପାମର ଅଚ୍ୟୁତ ॥

**ରତ୍ନବେଦୀରେ 'ଚରମ'ର ଏହି ସଂଖ୍ୟାର ୩୪ ପୃଷ୍ଠାରେ ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା ପଢ଼ିବାକୁ ପାଇବେ ॥**

କୃତଘ୍ନ ଯେ ଜନ ତା'ର ଶରୀର ନରକ ।

ପଦେପଦେ ତା ବଚନ କଷଣ ଦାୟକ ॥

ନରକୁଳେ କଳଙ୍କ ସେ ହୀନମତି ପାପୀ ।

କହେ ଯେ ବଚନ ଆତ୍ମ ଗରିମାଦି ସ୍ଥାପି ॥

- ଗୋଦାବରୀଶ ମହାପାତ୍ର ॥

ନୀଚ ଉଚ୍ଚପଦେ ହେଲେ ମଣ୍ଡିତ ।

ମୂର୍ଖ ପୁତ୍ର ଯେବେ ହୁଏ ପଣ୍ଡିତ ॥

ଅମାନୀ ଯଦ୍ୟପି ଲଭେ ସମ୍ମାନ ।

ଜଗତକୁ ମଣେ ତୃଣ ସମାନ ॥

- ଚିନ୍ତାମଣି ॥

ସଂଗ୍ରାମରେ ନାଶ ହେଲେ ସ୍ୱର୍ଗବାସ

ଜିତିଲେ ଭୋଗ ସମ୍ପତ୍ତି ।

ପଶ୍ଚାଦ୍‌ପଦହେଲେ ଅପଯଶ ଲଭି

ସହଜେ ନରକଗତି ॥

- ଗଙ୍ଗାଧର ॥

ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର ।

ମାନେ ଅବଶେଷେ ସତ୍ୟ ପାଖେ ହାର ॥

- ଗୋପବନ୍ଧୁ ॥

ଭାଗ୍ୟବାନସଦା ଭାଗ୍ୟଫଳ ଲଭେ

ଅଭାଗା ଲଭେ ଅଶିବ ।

ସାଗର ମନ୍ଥନେ କେଶବ କମଳା

ଗରଳ ଲଭିଲେ ଶିବ ॥

- ଗଙ୍ଗାଧର ॥

କର୍ମଫଳ ଘେନି ଜନ୍ମ ଲଭୁଛନ୍ତି

ଜୀବଗଣ ବସୁଧାରେ ।


ଫଳ ଭୁଞ୍ଜିସାରି ଯାଉଛନ୍ତି ପୁଣି

କୃତକର୍ମ ଅନୁସାରେ ॥

- ଗଙ୍ଗାଧର ॥

ବୁଝୁନୁ ଥରେ ସବୁ ହିସାବ
ରଖୁଛି ସେହି ଲେଖି ।
ଥରେ ବିଶ୍ୱାସ ଭାଜନ ହେଲେ
ପାରିବୁ ସବୁ ଦେଖି ॥

ଦେଖି ପାରୁନୁ ଆଗରେ ତୋର
ଜଳୁଛି ହୁତାଶନ ।
ତୋତେ ଯେ ଦେଖୁଅଛି ନିରତେ
ବିରସ ତା'ର ମନ ॥




## ଗଳ୍ପାଂଶ

*ଧର୍ମବିଶ୍ୱାସ ଦୃଷ୍ଟିରୁ ପୁରାଣରୁ ଉଦ୍ଧୃତ ଆଖ୍ୟାନର ଆଲୋଚନା ଏଠାରେ କରାଯାଉ ନାହିଁ । ପୁରାଣ ସାହିତ୍ୟ ସୂକ୍ଷ୍ମ ଯୌଗିକ ପ୍ରକ୍ରିୟାର ଏକ ମାର୍ଜିତ ଶୈଳୀର ସ୍ୱାକ୍ଷର ବହନ କରେ । ପୁରାଣ କବିଙ୍କର କାହାଣୀ କଳ୍ପନାର କାରୁତା ଓ ଚାରୁତାର ଅନ୍ତରାଳରେ ଲୁକ୍କାୟିତ ସୂକ୍ଷ୍ମ ଯୋଗମାର୍ଗର ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ଉନ୍ମୋଚନ ନିମନ୍ତେ 'ତରମ'ରେ 'ପୁରାଣ ପୃଷ୍ଠାରୁ' ଗଳ୍ପାଂଶ ଓ ତହିଁର ମୀମାଂସା ସଂଯୋଜିତ ।*

*ବାଲ୍ମୀକି, ବଳରାମ, ଜୈନକବି ବିମଳସୂରୀ, ରବିଷେଣ, ଜିନ୍‌ସେନ୍, ଗୁଣଭଦ୍ର, ସ୍ୱୟମ୍ଭୁ, ପୁଷ୍ପଦନ୍ତ, ବଙ୍ଗଳାର କୃତ୍ତିବାସ ଓଝା, ତାମିଲ କବି କମ୍ବନ, ହିନ୍ଦୀରେ ତୁଳସୀ ଦାସ ଇତ୍ୟାଦି ବହୁ କବି ବହୁଭାଷାରେ ରାମାୟଣ ବା ରାମଚରିତ ରଚନା କରି କାଳଜୟୀ ହୋଇ ପାରିଛନ୍ତି । ଏତଦ୍ ବ୍ୟତୀତ କାବ୍ୟକାର ଭାବରେ ଅଶ୍ୱଘୋଷ, କାଳିଦାସ, ଅଭିନନ୍ଦ ଆଦି ଅନେକେ, ସ୍ୱରଚିତ କାବ୍ୟରେ ରାମଚରିତ ଆଖ୍ୟାନର କିଛି କିଛି ଅଂଶର ବର୍ଣ୍ଣନା ଦେଇଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଆ କାବ୍ୟଯୁଗର କବି ଉପେନ୍ଦ୍ରଭଞ୍ଜଙ୍କର କାବ୍ୟ 'ବୈଦେହୀଶ ବିଳାସ'ର ଆଙ୍ଗିକତା ଓ ଆତ୍ମିକତା ଉପୋରୀର୍ଣ୍ଣ ।*

*ଏଥର ପ୍ରସିଦ୍ଧ ବଙ୍ଗଳା କବି (ପଞ୍ଚଦଶ ଶତାବ୍ଦୀର) ଫୁଲିୟାର କୃତ୍ତିବାସ ଓଝାଙ୍କ ବିରଚିତ ''ରାମାୟଣ ପାଁଚାଲୀ'' ର ଲଙ୍କାକାଣ୍ଡରୁ ଗଳ୍ପାଂଶଟି ଗୃହୀତ । ଏହା ଓଡ଼ିଆ ରାମାୟଣରେ ନାହିଁ । ଏହି ଗଳ୍ପାଂଶଟି ଯେପରି ସୁଖପାଠ୍ୟ ସେହିପରି ବହୁ ଗହନ ଯୋଗ ଶିକ୍ଷାରେ ଋଦ୍ଧିମନ୍ତ । ଆଶାକରୁ ଶଂସିତ ଗଳ୍ପାଂଶ ଓ ଏହାର ମୀମାଂସା ଯୋଗମାର୍ଗୀ ବହୁ ଅନୁସନ୍ଧିତ୍ସୁଙ୍କର ବହୁଳ ସଂଶୟ ଦୂର କରିବାରେ ସମର୍ଥ ହେବ ॥*

### କୃତ୍ତିବାସ କୃତ ବଙ୍ଗଳା ରାମାୟଣର ଲଙ୍କାକାଣ୍ଡରୁ ଗୃହୀତ

**ତରଣୀସେନ୍‌ର ଯୁଦ୍ଧଯାତ୍ରା ଓ ପତନ**

ଧୂମ୍ରାକ୍ଷ, କୁମ୍ଭକର୍ଣ୍ଣ, ଅତିକାୟ, ମକରାକ୍ଷ ଆଦି ବଛାବଛା ସେନାପତିଙ୍କର ଶ୍ରୀରାମଙ୍କ ସହିତ ଯୁଦ୍ଧ ଓ ପତନ ପରେ ଲଙ୍କେଶ୍ୱର ରାବଣ ବିଭୀଷଣ ପୁତ୍ର ତରଣୀସେନଙ୍କୁ ସ୍ମରଣ କରନ୍ତି । ରାଜାଙ୍କର ଆଦେଶ ପାଇ ତରଣୀସେନ ରାବଣକୁ ଭେଟି ଆନ୍ତୁମ ପ୍ରଣାମ ନିବେଦନ କଲେ । ରାବଣ ତରଣୀସେନକୁ ସେନାପତି ପଦରେ ବରଣ କଲେ ଏବଂ ତରଣୀସେନ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବାକୁ ସୈନ୍ୟସାମନ୍ତଙ୍କୁ ଆଜ୍ଞା ଦେଲେ । ମା' ସରମାଙ୍କୁ ଦର୍ଶନ କରି ବୀରପୁତ୍ର ତରଣୀସେନ ଯୋଡ଼ ହସ୍ତରେ ମା'ଙ୍କୁ ପ୍ରଣାମ କରି କହିଲେ, 'ମା' ଗୋ, ରାଜାଙ୍କ ଆଦେଶ ମୁଁ ଯୁଦ୍ଧକୁ

ଯିବି । ମୋର ଭାଗ୍ୟ ଭଲ ଅଛି, ଯୁଦ୍ଧକ୍ଷେତ୍ରରେ ମୁଁ ପୂର୍ଣ୍ଣବ୍ରହ୍ମ ନାରାୟଣଙ୍କୁ ଦର୍ଶନ କରିବି ଏବଂ ରାମଙ୍କ ଦର୍ଶନରେ ମୋର ମନ ଦେହପ୍ରାଣ ପବିତ୍ର ହେବ । ସେଠାରେ ପିତାଙ୍କର ପବିତ୍ର ଚରଣ ଯୁଗଳ ମଧ୍ୟ ଦର୍ଶନ କରିବାର ସୌଭାଗ୍ୟ ମୋତେ ମିଳିବ । ତେଣୁ, ଜନନୀ ଗୋ ମୋତେ ଆଶୀର୍ବାଦ ଦିଅ, କଲ୍ୟାଣ କର, ଯୁଦ୍ଧ ସ୍ଥଳକୁ ଯିବାକୁ ଅନୁମତି ଦିଅ ।'

ପରମବୀର ପୁତ୍ର ତରଣୀସେନ ଯୁଦ୍ଧକୁ ଯିବ ଶୁଣି ଜନନୀ ଚମକି ଉଠି ଉଚ୍ଚସ୍ୱରରେ କ୍ରନ୍ଦନ କଲେ । ମା' ସରମା କହିଲେ, 'କ'ଣ କହିଲୁ ପୁଅ, ତୁ ଯୁଦ୍ଧକୁ ଯିବୁ ? ନା-ନା ନରବାନରଙ୍କ ସହିତ ଯୁଦ୍ଧ କରିବାକୁ ମୁଁ କଦାପି ତୋତେ ଛାଡ଼ିବି ନାହିଁ । ଲଙ୍କା ଛାଡ଼ି ତୋତେ ନେଇ ମୁଁ ଅନ୍ୟସ୍ଥାନକୁ ଚାଲିଯିବି । ଏ ରାଜତ୍ୱ ଧରି ଲଙ୍କେଶ୍ୱର ଏଠାରେ ଥାଆନ୍ତୁ । ତୋ ବାପା ବିଭୀଷଣ ଧାର୍ମିକଜନ ବୋଲି ସମସ୍ତେ ଜାଣନ୍ତି । ତେଣୁ ରେ ପୁଅ, ପାପ ସଙ୍ଗ ତ୍ୟାଗ କରି ରାମଙ୍କର ଶରଣ ନେବା ତୋ ପକ୍ଷରେ ଉଚିତ କର୍ତ୍ତବ୍ୟ । ତୁ ଯାଇ ରାମଙ୍କର ସ୍ତୁତିକର, କାରଣ ସେ ମନୁଷ୍ୟ ନୁହଁନ୍ତି, ମନୁଷ୍ୟ ଦେହଧାରୀ ଗୋଲୋକପତି ଅଟନ୍ତି । ଦୁରାତ୍ମା ରାକ୍ଷସକୁଳକୁ ସଂହାର କରିବା ନିମନ୍ତେ ବିଷ୍ଣୁ ଅଯୋଧ୍ୟାର ଦଶରଥଙ୍କର ପୁତ୍ର ସ୍ୱରୂପରେ ରାମ ଅବତାର ହୋଇଅଛନ୍ତି । ବିଷମ କାଳ ଉପସ୍ଥିତ ଜାଣି ତୋ ପିତା ଲଙ୍କାପୁର ତ୍ୟାଗ କରି ଶ୍ରୀରାମଙ୍କର ଶରଣ ନେଇଅଛନ୍ତି । ତୁ ସୁବୁଦ୍ଧି ଓ ବିଚକ୍ଷଣ ଅଟୁ । ଏ ସବୁ ଜାଣିଶୁଣି କାହିଁକି ପୁଣି ଯୁଦ୍ଧକୁ ଯିବାକୁ ବାହାରିଛୁ ?'

କାତରବାଣୀ ମାତାଙ୍କ ମୁଖରୁ ଶୁଣି ତରଣୀସେନ ମା'ଙ୍କୁ ଉତ୍ତର ଦେଇ କହିଲେ, 'ଜନନୀ ଗୋ, ମୁଁ ଭଲଭାବରେ ଜାଣେ ରାମ ହିଁ ବିଷ୍ଣୁଙ୍କର ଅବତାର । ତଥାପି ତାଙ୍କ ସହିତ ଯୁଦ୍ଧ କରିବା ପାଇଁ ମୁଁ ସ୍ଥିର କରି ସାରିଛି । ସର୍ବଶାସ୍ତ୍ର ପାଠ କରି ଏପରିକି ଦେବଗଣଙ୍କ ମୁଖରୁ ଏହା ମୁଁ ଜାଣେ ଯେ, ରାମଙ୍କ ହାତରେ ମୃତ୍ୟୁ ବରଣ କଲେ, ଗୋଲୋକରେ ସ୍ଥାନ ମିଳେ । ତେଣୁ ମା'ଗୋ, ତୁମେ କାହିଁକି ବୃଥା ବିଷାଦରେ କାତର ହେଉଛ ? ସତରେ କହିଲ ଗୋ ମା', ଏ ବିଶ୍ୱରେ କିଏ କ'ଣ କାହାକୁ ମାରି ପାରେ ? କେହି କ'ଣ କାହାର ଶତ୍ରୁ ହୋଇପାରେ ? ସେହି ଏକ ମାତ୍ର ବିଷ୍ଣୁ ହିଁ ସର୍ବବ୍ୟାପୀ । କେବଳ ମାୟଚକ୍ଷୁରେ ଆମେ ଭିନ୍ନ ଭିନ୍ନ ଦେହଧାରୀ ରୂପରେ ଦେଖୁଛୁ ମାତ୍ର । କାଳଠାରୁ ହିଁ ସକଳର ଉତ୍ପତ୍ତି ପୁଣି କାଳ ହିଁ ସର୍ବ ପ୍ରଳୟ କରେ । ତେଣୁ ମିଛଟାରେ ମରଣ ଭୟରେ ଭୟଭୀତ ହେବା ବୃଥା ଓ ନିରର୍ଥକ ଅଟେ । ମୋର ସୌଭାଗ୍ୟ ମୁଁ ପିତାଙ୍କ ମୁଖରୁ ମହାଯୋଗ ତତ୍ତ୍ୱ ଶୁଣିଛି ଏବଂ ଏକଥା ମଧ୍ୟ ଜାଣିଛି ଯେ, ଏ ଶରୀର ଅନିତ୍ୟ ଅଟେ, ମିଥ୍ୟା ମାୟାର ଯନ୍ତ୍ର ଅଟେ । ଯଦି ତାଙ୍କ ଦାସର ପୁତ୍ର ବୋଲି ରାମ ମୋତେ ବଧ ନ କରନ୍ତି, ତେବେ ତାଙ୍କରି ପାଦପଦ୍ମରେ ପ୍ରଣାମ କରି ମୁଁ ଯୁଦ୍ଧକ୍ଷେତ୍ରରୁ ଫେରିଆସିବି ।'' ''କାଳ ହିଁ ସର୍ବଶକ୍ତିମାନ । କାଳ ପୂର୍ଣ୍ଣହୋଇଗଲେ, ତ୍ରିଭୁବନରେ କାହାର ଶକ୍ତିଅଛି ରକ୍ଷା କରିବ ?'' ମହାଜ୍ଞାନବତୀ ସତୀ ସରମାସୁନ୍ଦରୀ ନୟନଯୁଗଳରୁ ଝରୁଥିବା ଲୋତକଧାରକୁ ସମ୍ବରଣ କରି ଏତକ କହିଲେ ।

ଠିକ୍ ସମୟରେ ବୀର ତରଣୀସେନ ନିଜର ସର୍ବାଙ୍ଗରେ ରାମନାମ ଲେଖି ଯୁଦ୍ଧପୋଷାକରେ ସୁସଜ୍ଜିତ ହୋଇ ସୈନ୍ୟ ସାମନ୍ତଙ୍କୁ ଆନନ୍ଦରେ ହସି ହସି 'ସାଜ ସାଜ' ବୋଲି ଆଦେଶ ଦେଲେ । ଅସଂଖ୍ୟ ସୈନ୍ୟ ରଥ, ଗଜ, ଅଶ୍ୱରେ ଶୂଳ, ଶେଳ, ଧନୁତୀର, ଖଡ୍ଗ ଆଦି ଅସ୍ତ୍ରଶସ୍ତ୍ର ଧାରଣ କରି ଯୁଦ୍ଧ ପ୍ରାଙ୍ଗଣକୁ ମହାଘୋର ଗର୍ଜନ

କରି ଯାତ୍ରାକଲେ । ଅନ୍ୟ ପକ୍ଷରୁ ବାନର ସେନା ରଥ, ପତାକାଦିରେ ପବିତ୍ର ଗଙ୍ଗା ମୃତ୍ତିକାରେ ସହସ୍ର ରାମନାମ ଲେଖି 'ରାମଙ୍କର ଜୟ' ଧ୍ୱନିରେ ଗଗନ ପବନ ମୁଖରିତ କରି ବୃକ୍ଷ ଓ ପଥର ଧରି ଅସୁର ବାହିନୀର ସମ୍ମୁଖୀନ ହେଲେ । ମହାପ୍ରଳୟଙ୍କରୀ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା । ବୀର ତରଣୀସେନ୍‌ଙ୍କର ସେନାପତିତ୍ୱରେ ମହାପରାକ୍ରମଶାଳୀ ଅସୁରବାହିନୀ ବାନରସେନାଙ୍କୁ ଅସ୍ତ୍ରଶସ୍ତ୍ର ଆଘାତରେ ବ୍ୟତିବ୍ୟସ୍ତ କରି ପକାଇଲେ । ବାନରସେନା ଛତ୍ରଭଙ୍ଗ ଦେଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ଏହା ଲକ୍ଷ୍ୟ କରି ପ୍ରଭୁ ଶ୍ରୀରାମଚନ୍ଦ୍ର ମିତ୍ର ବିଭୀଷଣଙ୍କୁ ଡାକି କହିଲେ : 'ହେ ମିତ୍ର ବିଭୀଷଣ, ଦେଖ ତ ଆଜି ଯୁଦ୍ଧକୁ ଅସୁରଙ୍କ ପକ୍ଷରୁ କିଏ ଆସିଛି ।' ବିଭୀଷଣ କହିଲେ, 'ହେ ରାଜୀବଲୋଚନ, ରାବଣର ପାପ ଅନ୍ନରେ ପାଳିତ ଜଣେ କିଏ ଆସିଛନ୍ତି । ସମ୍ବନ୍ଧରେ ସେ ରାବଣର ଭ୍ରାତୃଷ୍ପୁତ୍ର (ପୁତୁରା), ସଂଗ୍ରାମରେ ସେ ତା'ର ଜ୍ଞାତି, ଧର୍ମ ଦୃଷ୍ଟିରୁ ସେ ଧର୍ମପୁତ୍ର ଏବଂ ଜଣେ ବିଚକ୍ଷଣ ଯୋଦ୍ଧା ଅଟନ୍ତି' । ବିଭୀଷଣ ଏହିପରି ଭାବରେ ତରଣୀସେନର ଠିକ୍ ପରିଚୟ ଦେଲେ ।

ବିଭୀଷଣ ଓ ରାମଚନ୍ଦ୍ରଙ୍କର ଏପରି କଥୋପକଥନ ବେଳେ ବୀର ତରଣୀସେନ ଉଚ୍ଚସ୍ୱରରେ ଡାକ ଛାଡୁଛି : 'କାହିଁ ? କେଉଁଠି ଅଛ ହେ ରାମ, ଦୟାମୟ ? କେତେବେଳେ କେଉଁଠି ତୁମର ଦର୍ଶନ ପାଇବି ହେ ରାମ, ରଘୁମଣି ! ଆଉ କେତେବେଳେ ପିତାଙ୍କୁ ଦର୍ଶନ କରି ମୋ ଜନ୍ମ ଓ ଜୀବନକୁ ସଫଳ କରିବି ? ହେ ଦେବ ନାରାୟଣ, ମୋତେ ଉଦ୍ଧାରକର, ଦର୍ଶନ ଦିଅ ।' ଏହିପରି କହି ତରଣୀସେନ ରାମଙ୍କ ଦିଗରେ ରଥ ଚଳାଇବା ପଥରେ ନୀଳବୀର ପଥ ଓଗାଳିଲା । ନୀଳ ଗର୍ଜନ କରି କହିଲା, 'ବେଟା, ଏଥର ଆଉ କୁଆଡ଼େ ଯିବୁ ? ଏକ ଚପେଟାଘାତରେ ମୁଁ ତୋର ମଥା ଛିଡ଼ାଇବି । ବିଭୀଷଣପୁତ୍ର ତରଣୀସେନ ହାତଯୋଡ଼ି ବିନୟରେ କହିଲା 'ହେ ବୀର ପଥ ଛାଡ଼ । ମୁଁ ଶ୍ରୀରାମଲକ୍ଷ୍ମଣଙ୍କୁ ଦର୍ଶନ କରିବା ପାଇଁ ଯାଉଛି ।' ନୀଳ ହୁଙ୍କାର ଦେଇ କହିଲା - 'ପର୍ବତ କଚାଡ଼ି ମୁଁ ଏବେ ତୋର ପ୍ରାଣ ନେବି । ତୁ ଆଉ କ'ଣ ରାମଲକ୍ଷ୍ମଣଙ୍କୁ ଦର୍ଶନ କରି ପାରିବୁ କିରେ ? ତରଣୀସେନର ସର୍ବାଙ୍ଗରେ ଏବଂ ରଥ ଓ ପତାକା ଚାରିଆଡ଼େ ରାମ ନାମ ଲେଖା ହୋଇଥିବାର ଦେଖି ବାନରଗଣ ତା'ର ଭକ୍ତିଭାବକୁ ତାଚ୍ଛଲ୍ୟରେ ଉପହାସ କରିବାକୁ ଲାଗିଲେ । ଦୁଷ୍ଟ ରାକ୍ଷସ କେତେ ମାୟା ନଜାଣେ ସତେ ! ଧାର୍ମିକ ହୋଇ ମଧ୍ୟ ଯୁଦ୍ଧ କରିବାକୁ ବାହାରି ଆସିଛି !' ବାନରମାନେ ଟାପରା କରି କହିଲେ ।

ତରଣୀସେନକୁ ନୀଳବୀର ମହାକୋପରେ ଭର୍ତ୍ସନା କରି ଗୋଟିଏ ବଡ଼ଗଛ ଉପାଡ଼ିଆଣି ରାକ୍ଷସ ସେନାପତି ମୁଣ୍ଡରେ କଚାଡ଼ିବା ସମୟରେ ବୀର ତରଣୀସେନ ହସି ହସି ତାହା ବାମହାତରେ ଧରିନେଲା । ଏହି ଆକ୍ରମଣ ବ୍ୟର୍ଥ ହେବାରୁ ନୀଳ ନିମିଷକ ମଧ୍ୟରେ ପର୍ବତଟିଏ ଉପାଡ଼ିଆଣି ହୁଙ୍କାର କରି ତରଣୀସେନ ଉପରେ କଚାଡ଼ିବା ମୁହୂର୍ତ୍ତରେ ତାହା ତରଣୀର ଗଦାଘାତରେ ଚୂରମାର ହୋଇଗଲା । ତପ୍ରେ ତରଣୀସେନ ନୀଳକୁ ଆକ୍ରମଣ କଲା । ତରଣୀର ବାଣ ପ୍ରହାରରେ ନୀଳ ରକ୍ତବାନ୍ତି କରି ଅଜ୍ଞାନ ହୋଇଗଲା । ନୀଳର ଏପରି ଅବସ୍ଥା ଦେଖି ବୀର ହନୁମାନ ଡିଆଁଟିଏ ମାରି ରଥ ଉପରକୁ ଚଢ଼ିଯାଇ ସାରଥି ହାତରୁ ପ୍ରବୋଧ କାଢ଼ିନେଲା । ଏହା ଦେଖି ବୀର ତରଣୀସେନ ଏକ ଚପେଟାଘାତରେ ହନୁମାନକୁ ରଥରୁ ତଳକୁ ଖସାଇ ପକାଇଲା । ହନୁମାନ ସହିତ ଯୁଦ୍ଧରେ ତରଣୀସେନର ବିଜୟ ଦେଖି ଅଙ୍ଗଦ ଆଗେଇ ଆସିଲା । ଅଙ୍ଗଦ ମଧ୍ୟ ତରଣୀସେନ ଠାରୁ ପରାସ୍ତ ହେଲା ।

ବାନର ସେନାର ସବୁ ବଡ଼ ବଡ଼ ବୀରଯୋଦ୍ଧା ପରାଜୟ ସ୍ୱୀକାର କରିବା ପରେ ସୁଷେଣ, ସୁଗ୍ରୀବ ଆଦି ମଧ୍ୟ ପରାଜିତ ହେଲେ ।

ରଣରଙ୍ଗରେ ବାନରସେନାର ଏପରି ଛତ୍ରଭଙ୍ଗ ଦେଖି ରାମ ଓ ଲକ୍ଷ୍ମଣ ଧନୁଶର ହସ୍ତରେ ତରଣୀସେନ ସମ୍ମୁଖରେ ବିଜେ କଲେ । ବୀର ତରଣୀର ଡାହାଣ ପଟରେ ଜାମ୍ବୁବାନ ଏବଂ ବାମପଟରେ ବିଭୀଷଣ ମଧ୍ୟ ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ । ବୀର ତରଣୀ ରଥରୁ ଓହ୍ଲେଇ ଦୂରରୁ ପିତା ବିଭୀଷଣଙ୍କୁ ସଙ୍କେତରେ ପ୍ରଣାମ ନିବେଦନ କଲା । ତତ୍ପରେ ଯୋଡ଼ ହସ୍ତରେ ଶ୍ରୀରାମ ଲକ୍ଷ୍ମଣଙ୍କୁ ମଧ୍ୟ ଭକ୍ତି ସହକାରେ ପ୍ରଣାମ କଲେ । ରାମ ବିଭୀଷଣଙ୍କୁ ପଚାରିଲେ ଯେ, ବିପକ୍ଷ ପକ୍ଷରୁ ଆମ ସହିତ ଯୁଦ୍ଧ କରିବାକୁ ଆସି ଏହି ନିଶାଚର କାହିଁକି ଆମ୍ଭ ଦୁଇଜଣଙ୍କୁ ପ୍ରଣାମ କରୁଛି । ତହୁଁ ବିଭୀଷଣ ଉତ୍ତରରେ କହିଲେ ଯେ, ହେ ପ୍ରଭୁ, ତୁମେ କ'ଣ ଏହାର କାରଣ ଜାଣନା ? ଲଙ୍କାପୁରରେ ଥାଇ ମଧ୍ୟ ଏ ତୁମର ଜଣେ ଅନୁରକ୍ତ ଭକ୍ତ । ତୁମ ଚରଣରେ ଏକାନ୍ତ ଲୟ ବ୍ୟତୀତ ଏ ଅନ୍ୟ କିଛି ଜାଣେ ନାହିଁ । କେବଳ ରାଜା ଲଙ୍କେଶ୍ୱରର ଆଦେଶରେ ଏ ଯୁଦ୍ଧକ୍ଷେତ୍ରକୁ ଆସିଅଛି । ବିଭୀଷଣଙ୍କର କଥାଶୁଣି ରାମ କହିଲେ, 'ଏ ଯଦି ପ୍ରକୃତରେ ଆମର ଅନୁରକ୍ତ ଭକ୍ତ, ତେବେ ଏହି ଆଶୀର୍ବାଦ କରୁଛି ଯେ ତା'ର ମନୋବାଞ୍ଛା ପୂର୍ଣ୍ଣ ହେଉ ।' ଲକ୍ଷ୍ମଣ ଏହାଶୁଣି କହିଲେ, 'ଭାଇ ! ତୁମେ ଏ କ'ଣ କହିଲ ? ରାବଣ ଜୟ ହିଁ ଏ ରାକ୍ଷସର ଅଭିଳାଷ ।' ରାମ ମୃଦୁ ହସି ଉତ୍ତରଦେଲେ, 'ନା, ଲକ୍ଷ୍ମଣ ! ତୁମେ ଜାଣ ନାହିଁ । ପ୍ରକୃତ ଭକ୍ତର କଦାପି ବିଷୟ ବାଞ୍ଛା ନ ଥାଏ, ଏହାର ମଧ୍ୟ ନାହିଁ । ଏହିପରି କଥୋପକଥନ କାଳରେ ତରଣୀସେନ ଧନୁଟଙ୍କାର କରି ଯୁଦ୍ଧ ପାଇଁ ଆଗେଇଆସିଲେ । ତାହୁଁ ତାହୁଁ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା । ରାମ, ଲକ୍ଷ୍ମଣ ଆଦିଙ୍କର ଶତଶତ ବାଣକୁ ବୀର ତରଣୀସେନ୍ ଶ୍ରୀରାମ ନାମ ସ୍ମରଣ କରି କାଟି ପକାଇଲା । ଅମର୍ଥ, ସମର୍ଥ, କର୍ଣ୍ଣରେଖା, ଅଗ୍ନି ଅବତାର ଆଦି ବାଣକୁ ତରଣୀ ବରୁଣ ବାଣରେ ସଂହାରକଲା । ଲକ୍ଷ୍ମଣଙ୍କର ପାଶୁପତ ବାଣକୁ ବୈଷ୍ଣବ ବାଣରେ ତରଣୀ ନିବାରଣ କଲା । ସେହିପରି ପର୍ବତ ବାଣକୁ ପବନ ବାଣରେ, ସର୍ପବାଣକୁ ଗରୁଡ଼ ବାଣରେ, କୁହ (କୁହୁଡ଼ି) ବାଣକୁ ତିକୁର ବାଣରେ ପରାହତ କଲା । ଶେଷରେ ଲକ୍ଷ୍ମଣ ଗନ୍ଧର୍ବବାଣ ପ୍ରୟୋଗ କରି ରାକ୍ଷସବାହିନୀକୁ ଛାରଖାର କଲେ । ତହୁଁ ତରଣୀସେନ ଗୋଟିଏ ଜାଠାରେ ଲକ୍ଷ୍ମଣଙ୍କର ମସ୍ତକରେ ଆଘାତ କରିବାରୁ ଅଜ୍ଞାନ ହୋଇ ଭୂତଳଶାୟୀ ହେଲେ । ବୀର ହନୁମାନ ଲକ୍ଷ୍ମଣଙ୍କୁ ନେଇ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ ।

ସୁଜ୍ଞାନୀ ରାମଚନ୍ଦ୍ର ତ୍ରିଭୁବନ ବିଜୟୀ ଧନୁର୍ବାଣ ଧରି ତରଣୀ ସହିତ ଯୁଦ୍ଧ ପାଇଁ ଆଗେଇ ଆସିଲେ । ଏଠାରେ ତରଣୀସେନ ଶ୍ରୀରାମଙ୍କର ବିଶ୍ୱରୂପ ଦର୍ଶନର ସୌଭାଗ୍ୟ ଲାଭକଲା । ଶ୍ରୀରାମଙ୍କର ପ୍ରତିଟି ଲୋମକୂପରେ ଗୋଟିଏ ଗୋଟିଏ ବ୍ରହ୍ମାଣ୍ଡ ତରଣୀସେନ ଦେଖିଲା । ମର୍ତ୍ତ୍ୟଲୋକ, ତପଲୋକ, ବ୍ରହ୍ମଲୋକ ଇତ୍ୟାଦି ରାମ ଶରୀରରେ ସ୍ପଷ୍ଟ ଦେଖାଯାଉଥିଲା । ତହୁଁ ତରଣୀସେନ ଶ୍ରୀରାମଙ୍କ ପାଦପଦ୍ମରେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କଲା । ଧନୁର୍ବାଣ ତ୍ୟାଗ କରି ଶ୍ରୀରାମଙ୍କର ପଦ୍ମପାଦପୀଠରେ ସ୍ତୁତିକରିବାକୁ ଆରମ୍ଭ କଲା ॥

''ବିଶ୍ୱରୂପ ରାମେର ଦେଖିଲ ନିଶାଚର । ବ୍ରହ୍ମାଣ୍ଡ ଏକେକ ଲୋମକୂପେର ଭିତର ॥
ପର୍ବତ କନ୍ଦର ଦେଖେ କତ ନଦନଦୀ । ମର୍ତ୍ତ୍ୟଲୋକ ତପଲୋକ ବ୍ରହ୍ମଲୋକ ଆଦି ॥

ମାୟାତେ ମନୁଷ୍ୟ ଲୀଳା ଗୋଲୋକରପତି । ଚରଣେ ତରଙ୍ଗମୟୀ ଗଙ୍ଗା ଭାଗୀରଥୀ ॥
ଯକ୍ଷରକ୍ଷ କିନ୍ନର ଦେବତା ଲାଖେ ଲାଖେ । ବିସ୍ମୟ ହୋଇୟା ମନେ ବିଶ୍ୱରୂପ ଦେଖେ ॥
ଅଷ୍ଟାଙ୍ଗ ଲୋଟାୟେ ଭୂମେ ପ୍ରଣାମ କରିଲ । ଧନୁର୍ବାଣ ଫେଲେ ସ୍ତବ କରିତେ ଲାଗିଲ ॥
କହିଛେ ତରଣୀସେନ୍ ଯୋଡ କରି ହାତ । ଦେବେର ଦେବତା ତୁମି ଜଗତେର ନାଥ ॥
ତୁମି ବ୍ରହ୍ମା ତୁମି ବିଷ୍ଣୁ ତୁମି ମହେଶ୍ୱର । କୁବେର ବରୁଣ ତୁମି ଯମ ପୁରନ୍ଦର ॥
ତୁମି ସୂର୍ଯ୍ୟ ତୁମି ଚନ୍ଦ୍ର ତୁମି ଦିବା ରାତି । ଅନାଥେର ନାଥତୁମି ଜଗତେର ପତି ॥
ତୁମି ସୃଷ୍ଟି ତୁମି ସ୍ଥିତି ତୋମାତେ ପ୍ରଳୟ । ସତ୍ୱଃ ରଜଃ ତମଃ ଗୁଣେ ତୁମି ବିଶ୍ୱମୟ ॥
ମତ୍ସ୍ୟ କୂର୍ମ ବରାହନୃସିଂହ ରୂପଧାରୀ । ହିରଣ୍ୟ କଶିପୁରିପୁ ଗୋଲୋକ ବିହାରୀ ॥''

ବାଣ ବିନ୍ଧିବା ଦୂରେ ଥାଉ, ତରଣୀସେନର ଭକ୍ତିଭାବ ଓ ସ୍ତବସ୍ତୁତି ରାମ କମଳଲୋଚନ ବିହ୍ୱଳିତ ହୋଇ ବିଭୀଷଣଙ୍କୁ କହିଲେ, ''ହେ ମିତ୍ର ! ଲଙ୍କାରେ ଏବେବି ଏପରି ଭକ୍ତଥିବାର ଜାଣିଲୁ । କିପରି ଏପରି ଅନୁଗତ ଅନୁରକ୍ତ ଭକ୍ତ ସହିତ ଯୁଦ୍ଧ କରିବି ?

''କଣ୍ଟକ ଫୁଟିଲେ ମମ ଭକ୍ତେର ଶରୀରେ । ଶେଲେର ସମାନ ବାଜେ ଆମାର ଅନ୍ତରେ ॥
ଭକ୍ତ ମମ ପିତାମାତା ଭକ୍ତ ମମ ପ୍ରାଣ । କେସନେ ଏ ହେନ ଭକ୍ତେ ପ୍ରହାରିବ ବାଣ ??''

ଏପରି କହି ରାମ ଧନୁଶର ତ୍ୟାଗ କଲେ । ଏହା ଦେଖି ଭକ୍ତବୀର ତରଣୀସେନ ଚିନ୍ତା କଲା : ମୁଁ ଯଦି ଏପରି ଭକ୍ତିଭାବ ଦେଖାଇବି ତେବେ ରାମଚନ୍ଦ୍ର ମୋ ସହିତ ଯୁଦ୍ଧ କରିବେ ନାହିଁ । ତେବେ ଏ ମୋର ରାକ୍ଷସ ଦେହରୁ ମୁଁ ଉଦ୍ଧାର ପାଇବି କିପରି ? ମନ ମଧ୍ୟରେ ଏହା ବିଚାର କରି ବୀରଯୋଦ୍ଧା ତରଣୀ ନାନାଦି କର୍କଶ ବାକ୍ୟ ରାମ ଲକ୍ଷ୍ମଣଙ୍କ ପ୍ରତି ପ୍ରୟୋଗ କରି ଧନୁରେ ଶର ଯୋଖିଲା । ବିଭୀଷଣଙ୍କ ପ୍ରରୋଚନାରେ ରାମ ମଧ୍ୟ ଧନୁର୍ବାଣ ଧରି ବଛାବଛା ଶର ପ୍ରହାର କଲେ । ତରଣୀ ସେସବୁକୁ ଅର୍ଦ୍ଧ ପଥରୁ ନଷ୍ଟ ବିନଷ୍ଟ କରି ଦେଲା । ରାମ ଓ ତରଣୀସେନଙ୍କ ମଧ୍ୟରେ ମହାଘୋର ଯୁଦ୍ଧ ହେଲା । ଶେଷରେ ବିଭୀଷଣଙ୍କ ମନ୍ତ୍ରଣାରେ ରାମ ବ୍ରହ୍ମାସ୍ତ୍ର ଆହ୍ୱାନ କରି ପ୍ରୟୋଗ କଲେ । ମହା ତେଜଶାଳୀ ବ୍ରହ୍ମାସ୍ତ୍ର ଗୋଟିଏ ମୁହୂର୍ତ୍ତରେ ତରଣୀସେନର ମସ୍ତକ ଛେଦନ କଲା । କଟା ମୁଣ୍ଡଟି 'ଜୟରାମ, ଜୟରାମ, ଜୟଜୟ ରାମ' ଉଚ୍ଚାରଣ କରି କହିଲା ''ହେ ପ୍ରଭୁ ଜୀବନଦେବତା, ତୁମ ହାତରେ ମୋର ପ୍ରାଣ ଗଲା, ତୁମ ଚରଣରେ ମୋ ପ୍ରାଣ ମିଶି ଯାଉ । ପରଲୋକରେ ତୁମ ଶ୍ରୀଚରଣରେ ମୋତେ ସ୍ଥାନ ଦିଅ । ମୋର ମନୋବାଞ୍ଛା ପୂର୍ଣ୍ଣକର'' ।

ସହସା ବିଭୀଷଣ ଶୋକ କାତରରେ କାନ୍ଦି ଉଠିଲେ । ରାମ ତାଙ୍କୁ କୋଳରେ ଧରି କାନ୍ଦିବାର କାରଣ ପଚାରିଲେ । ସେ କହିଲେ ଯେ ତରଣୀସେନ ହିଁ ତାଙ୍କର ପୁତ୍ର, ତେଣୁ ପୁତ୍ରର ମରଣରେ କାନ୍ଦୁଛନ୍ତି । ରାମ ବିସ୍ମିତ ହୋଇ କହିଲେ, ଏକଥା ତୁମେ ମୋତେ ପ୍ରଥମରୁ ନ କହି ତରଣୀକୁ ବଧ କରିବାର ସମଗ୍ର ମନ୍ତ୍ରଣା ମୋତେ ଦେଲ କିପରି ? ତୁମ ପୁତ୍ରବୋଲି ଜାଣିଥିଲେ, ମୁଁ କ'ଣ ତାକୁ ବଧ କରିଥାନ୍ତି । ଏତକ କହି ରାମଚନ୍ଦ୍ର ମଧ୍ୟ ବିଭୀଷଣଙ୍କ

ସହିତ କାନ୍ଦିବାକୁ ଲାଗିଲେ । ଲକ୍ଷ୍ମଣ, ସୁଗ୍ରୀବ, ଅଙ୍ଗଦ, ହନୁମାନ, ସୁଷେଣ, ନଳ, ନୀଳ ଜାମ୍ବୁବାନ ସହିତ ସମଗ୍ରବାହିନୀ କାନ୍ଦିବାକୁ ଲାଗିଲେ । ରାମଚନ୍ଦ୍ରଙ୍କର ସାନ୍ତ୍ୱନା ବାକ୍ୟରେ ବିଭୀଷଣ କ୍ରନ୍ଦନ ସମ୍ବରଣ କରି କହିଲେ, ''ପ୍ରଭୁ, ଧନ୍ୟ ମୋର ପୁତ୍ର ତରଣୀସେନ । ପୁଣ୍ୟବନ୍ତ ସେ । ତୁମ ହସ୍ତରେ ଜୀବନଦେଇ ସେ ନିର୍ବାଣ ଲାଭ କଲା । ବୈକୁଣ୍ଠ ଗୋଲୋକରେ ସ୍ଥାନପାଇଲା । କୁମ୍ଭକର୍ଣ୍ଣ ଆଦି ଯେତେ ବୀର ତୁମ ହାତରେ ନିହତ ହେଲେ, ସମସ୍ତେ ମୁକ୍ତି ପାଇଗଲେ । ତେବେ ମୁଁ ଏ ଅନିତ୍ୟ ଦେହଧରି ତୁମର ଶ୍ରୀଚରଣ ସେବା କରି କି ଲାଭ ପାଇଲି ? ମୁଁ ଯଦି ତୁମ ହାତରେ ମୃତ୍ୟୁବରଣ କରନ୍ତି, ତେବେ ମୁଁ ମଧ୍ୟ ବୈକୁଣ୍ଠରେ ସ୍ଥାନ ଲାଭ କରି ପାରନ୍ତି । କିନ୍ତୁ ମୋର ଦୁର୍ଭାଗ୍ୟ ଯେ ମୁଁ ବ୍ରହ୍ମାଙ୍କ ଠାରୁ ବର ପାଇଛି - ମୋର ମରଣ ହେବ ନାହିଁ, ତେଣୁ ମୁଁ ଧରାଧାମରେ ବଞ୍ଚିରହି କେବଳ ଯାତନା ଯନ୍ତ୍ରଣା ଭୋଗ କରୁଥିବି । ଏଥିପାଇଁ ମୁଁ କାତରରେ କ୍ରନ୍ଦନ କରୁଥିଲି ।'' ଶ୍ରୀରାମଚନ୍ଦ୍ର କହିଲେ ''ହେ ମିତ୍ର ବିଭୀଷଣ, ତୁମେ ଯିଏ, ମୁଁ ମଧ୍ୟ ସିଏ । ସାଧୁର ପୁଣି ଜନ୍ମମୃତ୍ୟୁ ଗୋଟାଏ କ'ଣ ? ଅନିତ୍ୟ ଜନ୍ମମୃତ୍ୟୁ ସାଧୁ ପାଇଁ ସମାନ । ଏତିକି ମନେରଖ, ତୁମେ ଯେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ଥିବ, ସେତେଦିନ ପର୍ଯ୍ୟନ୍ତ ସମାନ କରୁଣା ତୁମେ ମୋଠାରୁ ଅବଶ୍ୟ ଲାଭ କରିବ । ଏଥିରେ ଊଣା ଅଧିକ ହେବ ନାହିଁ ।

*ପ୍ରକାଶ ଥାଉ କି - ପୁରାଣ ପୃଷ୍ଠାରୁ ଏହି ଗଳ୍ପ ''ତରଣୀସେନ୍‌ର ଯୁଦ୍ଧ ଯାତ୍ରା ଓ ପତନ''ର ମୀମାଂସା ରତ୍ନବେଦୀର ୩୨ ପୃଷ୍ଠାରେ ପଢ଼ିବାକୁ ପାଇବେ ।'' - ସମ୍ପାଦନା*

**ବାଣୀ**

*ଜଳପାତ୍ର ଶୂନ୍ୟ ନ ହେଲେ ଯେତେ ଜଳ ଢାଳିଲେ ବି ସବୁ ଉଛୁଳି ତଳେ ପଡ଼ିଯିବ । ସେହିପରି ମୁଣ୍ଡରେ ଓ ମନରେ ବସା ବାନ୍ଧିଥିବା ଅହଂକାର, ମିଥ୍ୟା ବାସନା, କାମନା ଆଦି ବିଷୟ ଜଞ୍ଜାଳ ଦୂର ହୋଇ ସ୍ଥାନ ପ୍ରସ୍ତୁତ ନ ହେଲେ ଆଧ୍ୟାତ୍ମିକ ଜ୍ଞାନ, ଚେତନା ରହିବ କେଉଁଠାରେ ? ତେଣୁ ଗୁରୁମୁଖୀ ହୋଇ, ଗୁରୁନିଷ୍ଠାରେ ଅଭ୍ୟାସ ରଖିଲେ ସେମାନେ ନିଶ୍ଚୟ ବିଦାୟ ନେବେ ।*

*- ଅଧର ପିୟୂଷ*

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



ସ୍ଥୁଳ ବସ୍ତୁରେ ଅତିମାତ୍ରାରେ ଜଡ଼ିତ ହେବାର ଭାବକୁ ମୋହ କୁହାଯାଏ । ସାଧାରଣ ଜୀବ ସାଧାରଣତଃ ଅର୍ଥ, ସମ୍ମାନ, ପଦବୀ, ପ୍ରତିପତ୍ତି, ସ୍ଥୁଳପ୍ରାପ୍ତି ଆଦି ପାଇଁ ଏକ ପ୍ରକାର ପାଗଳ ହୋଇ ପଡ଼ନ୍ତି । ଏତାଦୃଶ ପାଗଳାମି ହିଁ ଆସକ୍ତି ଜନିତ ମୋହ । ଏ ପ୍ରକାର ପାଗଳାମିରେ ପରମାର୍ଥ ଜୀବନ ସାର୍ଥକ ହୁଏନାହିଁ, ହୋଇନାହିଁ । କାରଣ ପରମାର୍ଥ ଜୀବନର ସାର୍ଥକତା ପାଇଁ ଅର୍ଥ, ସମ୍ମାନ, ପ୍ରତିପତ୍ତି, ପଦବୀ, କ୍ଷମତା, ସୁଖ ଐଶ୍ୱର୍ଯ୍ୟ ଆଦିର ଆବଶ୍ୟକତା ଆଦୌ ନାହିଁ । ଜ୍ୟୋତିଃଦର୍ଶନ ଅଭିଳାଷୀ କୌଣସି ସାଧକ ଏସବୁ ପଛରେ ଦୌଡ଼େ ନାହିଁ । ଯଦି ସେ ଏସବୁ ପଛରେ ଦୌଡୁଥାଏ, ତେବେ ତା'କୁ ସାଧକ କୁହାଯିବ ନାହିଁ କି ତା'ର ଜ୍ୟୋତିଃଦର୍ଶନ ଏ ଜନ୍ମରେ ସମ୍ଭବ ହେବ ନାହିଁ । ମୋହ ଫାଶରେ ପଡ଼ି ସେ ଯନ୍ତ୍ରଣାରେ ଛଟପଟ ହେବା ହିଁ ସାର ହେବ ।।

ସାଧନପଥରେ ମୋହ ପ୍ରତିବନ୍ଧ ହେଉଥିବାରୁ, 'ଚରମ' ପୃଷ୍ଠାରେ ଠାକୁରଙ୍କ ଦର୍ଶନରୁ 'ମୋହ'ର ସୋଦାହରଣ ବ୍ୟାଖ୍ୟା ନିୟମିତ ଦିଆ ଯାଇ ସାଧକମାନଙ୍କର ମତିଭ୍ରମ ଉପଶମ କରାଯିବାର ବ୍ୟବସ୍ଥା କରାଯାଉଛି ।।

## ପଞ୍ଚଦଶ ସଂଖ୍ୟାର ପୂର୍ବାନୁସୃତିରୁ — ଅନିତ୍ୟସାତ୍ତ୍ୱିକ ଓ ଆକାଂକ୍ଷିକ

କିନ୍ତୁ ବିଶୁଳାୟ ଗୁରୁଦେବଙ୍କର ଉକ୍ତି ପ୍ରତି କର୍ଣ୍ଣପାତ ନ କରି ଧ୍ୱମ୍ପି ଧାଡ଼ିଲେ : ଆପଣ ଯେଉଁ ଉପଦେଶ ଦେଉଛନ୍ତି, ସେସବୁ କାମରେ ପରିଣତ କରିବାକୁ ମୋତେ କଷ୍ଟବୋଧ ହେଉଛି । ମୁଁ ଆପଣଙ୍କ ବାକ୍ୟକୁ ସିନା ନିଜ ଆଚରଣରେ ବାସ୍ତବ ଭାବରେ ଫୁଟାଇ ପାରୁନାହିଁ, କିନ୍ତୁ ଅନ୍ୟମାନଙ୍କୁ ତ କରିବାକୁ କହୁଛି । ଯେଉଁ କାମ ଆପଣଙ୍କୁ କରିବାକୁ ପଡ଼ନ୍ତା, ଆପଣ ଯାହା ସବୁ ବୁଝନ୍ତେ, ସେ କାମ ତ ମୁଁ କରୁଛି; ମୁଁ ତାହା ବୁଝୁଛି । ଶିଷ୍ୟମାନଙ୍କର ଦୋଷତ୍ରୁଟି ଦେଖି ସେମାନଙ୍କୁ ସଚେତନ କରାଇବା ଆପଣଙ୍କର କାମ । ଆପଣଙ୍କ ଉପଦେଶ ବାକ୍ୟ ସକଳ ମନେରଖି ମୁଁ ନିଜେ ଶିଷ୍ୟମାନଙ୍କୁ ସଚେତନ କରାଇ ପାରୁଛି । ମୁଁ ଆପଣଙ୍କ ବାକ୍ୟ ସମୂହ ଅନ୍ୟମାନଙ୍କୁ କେବଳ କହିବି, କିନ୍ତୁ ନିଜେ ବାସ୍ତବ କର୍ମରେ କରି ପାରିବି ନାହିଁ । ତେଣିକି ଆପଣଙ୍କର ଯାହା ଇଚ୍ଛା ତାହା କରନ୍ତୁ ।

ଆର୍ଯ୍ୟଋଷି ଜରଦ୍‌ଗବ ଅସନ୍ତୁଷ୍ଟ ହୋଇ କହିଲେ

ଘର ପରିବାର ଛାଡ଼ି ଅଇଲୁ  ଆଶ୍ରମରେ ଶିଷ୍ୟ ହୋଇ ରହିଲୁ ।।
ଗୁରୁ ବାକ୍ୟ ଦିନେ ମାନିଲୁ ନାହିଁ  ତେବେ ଏଠାରେ ରହିଲୁ କିପାଇଁ ।।
ପେଡ଼ି ପୁଟୁଳିକୁ ତୋହର ଧର ।  ନିଜ ବାଟେ ବାଟେ ଘରକୁ ଫେର ।।

ଜରଦ୍‌ଗବ ଅବାଧ ଜିଦ୍‌ଖୋର୍ କପଟାଚାରୀ ଶିଷ୍ୟ ବିଶୁଳାୟକୁ ଆଶ୍ରମରୁ ବହିଷ୍କାର କରିଦେଲେ । ବିଶୁଳାୟ ଆଶ୍ରମରୁ ବିତାଡ଼ିତ ହୋଇ ଅନ୍ୟତ୍ର ଅନ୍ୟ ଗୋଟିଏ ଆଶ୍ରମ ତୋଳି ରହିଲା । ସେ ଆଶ୍ରମରେ ମଧ୍ୟ କେତେକ ଶିଷ୍ୟଙ୍କୁ ଗ୍ରହଣ କରି, ସେଠାରେ ରଖାଇ ଗୁରୁଙ୍କର ଉପଦେଶ ଓ ଆଚରଣ ବିଧି ସବୁକୁ ସେମାନଙ୍କୁ

କହି କାମରେ ପରିଣତ କରାଇଲା । ନୂତନ ଗୃହୀତ ଶିଷ୍ୟମାନେ ମଧ ଉତ୍ସାହିତ ହୋଇ **ବିଶୁଳାୟର** ଗୁରୁକୁଳ ଆଶ୍ରମରେ ସାଧନାମାର୍ଗରେ ଶୃଙ୍ଖଳିତ ହୋଇ ରହିଲେ । **ବିଶୁଳାୟ** ଉପଦେଷ୍ଟା ଆସନରେ ବସି ଗୁରୁଗିରି ଆରମ୍ଭ କରିଦେଲା । **ଜଡ଼ଦ୍‌ଗବ** ଏକଥା ଜାଣି ଦିନେ **ବିଶୁଳାୟର** ଆଶ୍ରମ ପରିଦର୍ଶନ କରିବାକୁ ଗଲେ ॥

**ଋଷି ଜରଦ୍‌ଗବ** ସେଠାରେ ପହଞ୍ଚି ଦେଖିଲେ ବିଶୁଳାୟ ସ୍ନାନ ସମାପନ ନିମନ୍ତେ ଯାଉଥିଲେ । ଗୁରୁ **ବିଶୁଳାୟର** ପଛେ ପଛେ ଚାଲିଲେ । ତାଙ୍କ ପଛରେ ଥାଇ ଗୁରୁ ତାଙ୍କର **ଇଚ୍ଛାଶକ୍ତି** ପ୍ରୟୋଗ କଲେ । ବିଶୁଳାୟ ଗୁରୁଙ୍କର ଶକ୍ତିକୁ ସହ୍ୟକରି ନ ପାରି ଝୁଣ୍ଟି ପଡ଼ିଲେ । ପଛକୁ ଚାହିଁ **ବିଶୁଳାୟ** ଦେଖେ ତ ଗୁରୁ ତା' ସମ୍ମୁଖରେ ଉଭା ହୋଇଛନ୍ତି । କାଳବିଳମ୍ବ ନ କରି ସଙ୍ଗେ ସଙ୍ଗେ **ଜରଦ୍‌ଗବ** ପ୍ରଶ୍ନ କଲେ, **ବିଶୁଳାୟ !** 'ତୁମେ କାହିଁକି ଝୁଣ୍ଟି ପଡ଼ିଲ, କହି ପାରିବ ?' **ବିଶୁଳାୟ** କ୍ଷଣମାତ୍ର ସ୍ତମ୍ଭୀଭୂତ ହୋଇ କହିଲେ, 'ଗୁରୁଦେବ, ମୁଁ ବର୍ତ୍ତମାନ ବୁଝି ପାରିଛି, ମୋର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହୋଇଛି । ଆପଣଙ୍କର ଶକ୍ତି ମୋ ଉପରେ କାମ କରିଛି । ମୋର-ଜଡ଼ତ୍ୱ କଟି ଯାଇଛି । ଚେତନା ଫେରି ଆସିଛି । ମୋତେ ଏଥର କ୍ଷମା କରନ୍ତୁ । **ଜରଦ୍‌ଗବ** କହିଲେ, 'ତୁମର ଗୁରୁ ହେବାର ଯୋଗ୍ୟତା ନଥାଇ ତୁମେ ଗୁରୁ ହୋଇ ଶିଷ୍ୟ ଗ୍ରହଣ କରିବା ଦ୍ୱାରା ଶିଷ୍ୟମାନଙ୍କର ସମସ୍ତ ପାପ ଗ୍ରହଣ କରି ପରମପିତାଙ୍କ ଦ୍ୱାରା **ଅଭିଶପ୍ତ** ହୋଇସାରିଛ ଏବଂ ତୁମ ପାଇଁ ଗୁରୁଦରଧାନଳ ଦଣ୍ଡ ଲାଗୁ ହୋଇସାରିଛି । ପିତୃଯାନ ମଣ୍ଡଳରେ ୩୪୨ ବର୍ଷ ଭୋଗ କରି ପଶୁଯୋନରେ **ଅବଶ୍ୟ ଜନ୍ମ ନେବ ।'**

ଗୁରୁଦେବଙ୍କର ସ୍ଥୂଳନୀତିକୁ ଅବଲମ୍ବନ କରି କପଟାଚାରରେ ଧ୍ୟାନଜପ ଆଦି ଅଭ୍ୟାସକର୍ମ ଲୋକ ଦେଖାଣିଆ ଭାବରେ କରି ଅନ୍ତଃସ୍ଥ ସୂକ୍ଷ୍ମବୀଜକୁ ଅଦୃଷ୍ଟରେ ଯେଉଁ ମୋହ ଭୋଗ କରାଏ, ତାହାକୁ ଅନିତ୍ୟସାତ୍ତ୍ୱିକ ମୋହ କୁହାଯାଏ । ଏହି ମୋହରେ ପଡ଼ି ପ୍ରାଣୀ ଗୁରୁଙ୍କର ଅବାଧ ହୋଇ ଅହଂବୁଦ୍ଧି ସର୍ବସ୍ୱ ହେବା ଦ୍ୱାରା ପରଜନ୍ମରେ ପଶୁଯୋନକୁ ଚାଲିଯାଏ ।

ତେଣୁ ଆପଣା ଖିଆଲରେ । ଗୁରୁ ଭଜିଲେ ଶିଷ୍ୟ ମରେ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଶୁଣିଲ ବତ୍ସ ଦେଇ ଧ୍ୟାନ । ଅନିତ୍ୟ ସାତ୍ତ୍ୱିକ ଆଖ୍ୟାନ ॥
ଏବେହୁଁ ସାବଧାନ ହୋଇ । କର୍ମଯୋଗକୁ ଶିରେ ବହି ॥
ଚଳିବ ସାଧନ ପଥରେ । ରହି ଗୁରୁଙ୍କ ଅଧୀନରେ ॥
ନ ହେବ ତେବେ ଯୋଗ ଭ୍ରଷ୍ଟ । ଜୀବନ ହେବ ନାହିଁ ନଷ୍ଟ ॥

ମୋହ ପ୍ରକରଣରୁ ଗୁର୍ବାଗଂଜନ ମୋହର ପ୍ରଥମ ଛଅଗୋଟି ଅର୍ଥାତ୍ : (୧) ଦ୍ରବ୍ୟସାତ୍ତ୍ୱିକ ମୋହ (୨) ସେବା ସାତ୍ତ୍ୱିକ ମୋହ (୩) କୃତି ସାତ୍ତ୍ୱିକ ମୋହ (୪) ସବ୍ୟସାତ୍ତ୍ୱିକ ମୋହ (୫) ନିତ୍ୟ ସାତ୍ତ୍ୱିକ ମୋହ ଏବଂ (୬) ଅନିତ୍ୟ ସାତ୍ତ୍ୱିକ ମୋହ ସମ୍ପର୍କରେ ଜାଣିବା ପରେ ବ୍ରହ୍ମଜିଜ୍ଞାସୁ **ତତ୍ତ୍ୱଅନୁସନ୍ଧିତ୍ସୁ** ଶିଷ୍ୟ ଠାକୁରଙ୍କ ସାନ୍ନିଧ୍ୟରେ ପୁଣି ଜାଣିବାର/ଶୁଣିବାର ଆକାଂକ୍ଷା ପ୍ରକାଶ କରି କହୁଛନ୍ତି :

ଆକାଂକ୍ଷିକ ମୋହ ଆଖ୍ୟାନ । ଭୋ ଦେବ ! କରନ୍ତୁ ବ୍ୟାଖ୍ୟାନ ॥
ସପ୍ତମେ ଏହାର କ୍ରମିକ । ବୁଝାଇ କୁହ ପଦ୍ମମୁଖ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

କର୍ମଯୋଗରେ ଲକ୍ଷ୍ୟ ନାହିଁ । ଅଧିକ ଫଳ ଥାଏ ଚାହିଁ ॥
ଏ ଆକାଂକ୍ଷିକ ମୋହ କହି । ବୁଝ ହେ ବତ୍ସ ବୁଦ୍ଧି ଦେଇ ॥

କର୍ମଯୋଗ, ଧର୍ମଧାରା ଓ ଅଭ୍ୟାସ କର୍ମଯୋଗରେ ଧର୍ମଧାରାକୁ ଟାଣ ନ କରି ଅଧିକ ଫଳ ପାଇବା ପାଇଁ ଆଶା ଆକାଙ୍କ୍ଷା ରଖିବା ହେତୁ ଯେଉଁ ମୋହ ଜାତ ହୁଏ, ତାହାକୁ ଆକାଙ୍କ୍ଷିକ ମୋହ କୁହାଯାଏ ।

ପ୍ରାଣୀ ଏହି ମୋହରେ ପଡ଼ି ଅନ୍ତର୍ଗତରେ ଫଳର ଆଶାକୁ ଗାଢ଼ କରିଥାଏ ଏବଂ କର୍ମଯୋଗ ଅଧିକ କଠିନ ହେତୁ, ତା'କୁ ଯେତିକି ଭଲଲାଗେ ବା ତା' ଦେହ ଯେତିକି ସହେ ସେତିକି ମାତ୍ର ଅଳ୍ପେ ବହୁତେ କରି ଅର୍ନ୍ତଜଗତର ସାଧନ ପ୍ରତି ଲକ୍ଷ୍ୟ ନ ଦେଇ ଫଳ ପ୍ରାପ୍ତି ଆଶାରେ ଅଧିକ ଅନୁରାଗୀ ହୋଇଥାଏ । ଏହାଫଳରେ ଏହିଭାବ ବହିର୍ମୁଖୀ ହୋଇ ଫଳର ଚିନ୍ତନ ଔଚ୍ଚସୀ ହୋଇଥାଏ । କିନ୍ତୁ, କୌଣସି ଫଳ ପ୍ରକୃତରେ ଫଳେ ନାହିଁ, ଫଳିପାରେ ନାହିଁ । ଆକାଂକ୍ଷିକ ମୋହଗ୍ରସ୍ତମାନେ ଗୁରୁଙ୍କର ଅଲୌକିକତାରୁ ସମସ୍ତ ଫଳ ପ୍ରାପ୍ତିର ଆଶାକରି ବାରମ୍ବାର ଗୁରୁଙ୍କର ସାନ୍ନିଧ ଲାଭ କଲେ ମଧ ଗୁରୁକୃପାର ଫଳ ଫଳେ ନାହିଁ । ପୁରୁଷାର୍ଥ ବିନା ଗୁରୁକୃପା ମିଳିବା ଦୁସ୍କର, ଦୁଷ୍ପ୍ରାପ୍ୟ ଏହା । ଏହି ମୋହ ପୁରୁଷାର୍ଥ ପ୍ରୟୋଗରେ କର୍ମ କରାଇ ଦିଏ ନାହିଁ ।

ଆକାଂକ୍ଷିକ ମୋହକୁ ବୁଝିବା ନିମନ୍ତେ ଏଠାରେ ଗୋଟିଏ ଆଖ୍ୟାୟିକାର ବର୍ଣ୍ଣନା କରାଯାଉଅଛି । ବହୁ ବର୍ଷ ପୂର୍ବେ ଏହି ଭାରତରେ ହିମାଳୟର ପାଦଦେଶରେ **ଅସିତ** ବୋଲି ଜଣେ ଋଷି ଥିଲେ । ସେ ଗୁରୁକୁଳ ଆଶ୍ରମଟିଏ ପ୍ରତିଷ୍ଠା କରି ଦୂରାଗତ ଶିଷ୍ୟମାନଙ୍କୁ ଗ୍ରହଣ କରି ବେଦବେଦାନ୍ତ ଇତ୍ୟାଦି ନାନା ଶିକ୍ଷା ଦେଉଥିଲେ । ଆଶ୍ରମ ଅନ୍ତେବାସୀ ଶିଷ୍ୟମାନେ ଗୁରୁଦେବ **ଅସିତ** ଋଷିଙ୍କ ଉପଦେଶବାକ୍ୟକୁ ବେଦବାକ୍ୟ ତୁଲ୍ୟ ମଣି ପ୍ରାଣପଣେ ଲାଗି ପଡ଼ି କାର୍ଯ୍ୟରେ ବାସ୍ତବ ରୂପ ଦେଉଥିଲେ । ଶିକ୍ଷା ସମାପ୍ତି ପରେ ଗୁରୁଙ୍କଠାରୁ ବିଦାୟ ନେଇ ଆଶ୍ରମ ଛାଡ଼ି ଚାଲି ଯାଉଥିଲେ । ସେହିପରି ନୂତନ ଶିଷ୍ୟମାନେ ମଧ ଆଶ୍ରମକୁ ଆସୁଥିଲେ । **ଦେବଲାଲ** ବୋଲି **ଅସିତ**ଙ୍କର ଜଣେ ଶିଷ୍ୟ ଥିଲା । ଧନାଢ଼୍ୟ ପରିବାରରୁ ଆସିଥିବା କାରଣରୁ **ଦେବଲାଲ** ଗୁରୁକୁଳ ଆଶ୍ରମରେ ଅବସ୍ଥାନ କାଳରେ ଋଷି **ଅସିତଙ୍କ** ତତ୍ତ୍ୱାବଧାନରେ ରହି ମଧ ଦୈନନ୍ଦିନ ଦିନଚର୍ଯ୍ୟାରେ ଅଭ୍ୟାସ କର୍ମଯୋଗ ଯଥା ବିଧି ପାଳନ କରି ପାରୁ ନଥାଏ । କିନ୍ତୁ, ବେଦ ବେଦାନ୍ତ ଷଡ଼ ଦର୍ଶନ ଆଦିରେ ସେ ଅନ୍ୟ ସମସ୍ତ ଶିଷ୍ୟଙ୍କୁ ଟପି ଯାଇଥାଏ । ଦିନେ ଋଷି **ଦେବଲାଲକୁ** ପାଖକୁ ଡାକି କହିଲେ, ''ବତ୍ସ ! ତୁମେ ଏବେ ସ୍ୱଗୃହକୁ ଫେରିଯାଅ । କର୍ମଧାରାରେ ମନ ଦେଇ ଅଭ୍ୟାସ ଯୋଗ ନିୟମିତ କରିବାକୁ ଚେଷ୍ଟା ଚଳାଅ । ଏଠାରେ ତୁମର ସମସ୍ତ ଶିକ୍ଷା ସମାପ୍ତ ହୋଇଛି ।'' ଗୁରୁଙ୍କ ଠାରୁ ବିଦାୟ ଘେନି **ଦେବଲାଲ** ସ୍ୱଗୃହକୁ ଫେରି ଆସି ସମସ୍ତଙ୍କୁ ବେଦବେଦାନ୍ତ ଓ ଦର୍ଶନ ତତ୍ତ୍ୱ ଅନର୍ଗଳ ଗାଇ ଶୁଣାଇ ଆତ୍ମ ପ୍ରସାଦ ଲାଭ କଲା । ଯେ ଶୁଣିଲା ସେ ଧନ୍ୟ ଧନ୍ୟ କଲା । ଶ୍ରୋତାମାନଙ୍କର ପ୍ରଶଂସା ବାକ୍ୟରେ **ଦେବଲାଲ** ଅହଙ୍କାରରେ ଫାଟିଗଲା ପରି ଅନୁଭବ କଲା । ମାତ୍ର କର୍ମଯୋଗ ଅଭ୍ୟାସ କରି ପାରୁ ନ ଥାଏ, ଯେତିକି ସମ୍ଭବ ଓ ସହ୍ୟ ସେତିକି ର' ଠ' କରି ବାକି ସବୁ ଛାଡ଼ି ଦେଉଥାଏ । କର୍ମଯୋଗ ସାଧନା ବିନା **ଦେବଲାଲ** ଗୁରୁକୃପା ଲାଭ କରି ପାରୁ ନ ଥାଏ, ମାତ୍ର ବାକ୍ୟବୀର ସାଜି ବକ୍ତୃତା ଦେବାରେ ଶତମୁଖ ହୋଇଯାଇଥାଏ । କହୁଁ କହୁଁ ସେ କହିବାକୁ ଲାଗିଲା, 'ଗୁରୁ ମୋ ଭିତରେ ଅଛନ୍ତି' । ଗୁରୁ କୃପାକରି ମୋର ସବୁକାମ କରିଦେଉଛନ୍ତି । ଗୁରୁ ଆମ ଘରେ ରୋଷେଇ କରନ୍ତି । କି ସୁସ୍ୱାଦୁ ଅମୃତତୁଲ୍ୟ ସେ ଖାଦ୍ୟ । ଗୁରୁ ମୋ ଜମିରେ ଧାନ ବୁଣନ୍ତି । ଫସଲ ଅମଳ କରନ୍ତି । ମୋ ଗୁହାଳ ସଫା କରନ୍ତି । ଇତ୍ୟାଦି ଇତ୍ୟାଦି କେତେ କଥା । ଗାଇ ବସିଲେ ବଡ଼ ପୋଥିଟିଏ ହେବ । ହେଲେ କ'ଣ ହେବ ? କର୍ମଯୋଗ ଅଭ୍ୟାସ ନ କରି କେବଳ ଫଳପ୍ରାପ୍ତିର ଆଶା ବୋଳି ଶେଷରେ **ଦେବଲାଲ** ଏକପ୍ରକାର ଉନ୍ମାଦ ହୋଇଗଲା । ପୁରୁଷାର୍ଥ ବିନା ଗୁରୁକୃପା ଯେ ମିଳେ ନାହିଁ ଏବଂ ପୁରୁଷାର୍ଥ ଦ୍ୱାରା ଯଥାକାଳରେ ତାହା ଅବଶ୍ୟ ମିଳେ, ଏହା ସ୍ମରଣ ରଖିବା ଉଚିତ୍ ।

***

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ଥରେ ମା' ବୋଲି ପ୍ରାଣ ଖୋଲି ଡାକ । ଯିଏ କେବଳ ମା' ବୋଲି ପ୍ରାଣଭରି ଡାକି ଜାଣେ, ଆଉ ଚକ୍ଷୁଜଳରେ ଭସାଇଜାଣେ ବୁକୁ, ତା' ପାଇଁ କିଛି ଅଭାବ ନାହିଁ । କିଏ ବୁଝେ ଏହି ମଧୁର ମା' ଧ୍ୱନିରେ କେତେ ମଧୁ ନିହିତ ଅଛି ? ଯେ ବୁଝିଛି, ସେ ମଜିଛି । ତାକୁ ହିଁ ତନ୍ତ୍ର କହେ ମାଂସ ସାଧକ । ଆତ୍ +ମା (ଆତ୍ମା)ର ଅନ୍ତ (ଶେଷ) ଅକ୍ଷର ମା' । ତେଣୁ ମା' ହିଁ ଆତ୍ମ ଶକ୍ତି । ରଜପ୍ରଧାନ ଜିହ୍ୱା ଯେତେବେଳେ ମା' ଶବ୍ଦ ଦ୍ୱାରା ତାଳୁରେ ଲାଗେ, ସେତେବେଳେ ଯେଉଁ ଭକ୍ତି ସୁଧା କ୍ଷରଣ ହୁଏ, ତାକୁ ପାନ କରି ଯାହାର ସର୍ବାଙ୍ଗରେ ଶିହରଣ ଜାଗେ, ସେହି ହିଁ ମାଂସ (ମାସ୍+ସ) ସାଧକ । ସେହି ହିଁ ମାତୃତ୍ୱର ବନ୍ଦନା ଗାନ କରେ ସୁଲଳିତ କଣ୍ଠରେ ।*

## ''ଇଏ ବି ଜଣେ ନାରୀ''

କ୍ରମାଗତ ଭାବରେ ଏହି ସ୍ତମ୍ଭ ମାଧ୍ୟମରେ ମାତୃ ଉପାସନା ପ୍ରସଙ୍ଗରେ ଆଲୋଚନା ହୋଇ ଆସୁଅଛି । ରତ୍ନଗର୍ଭା ଏଇ ଭାରତବର୍ଷ । ଯୁଗଯୁଗ ଧରି ଏଠାରେ ମାତୃବନ୍ଦନା ଶୀର୍ଷ ସ୍ଥାନ ଅଧିକାର କରି ସୃଷ୍ଟି କରିଛି ପୁରାଣ, ଉପନିଷଦ ଓ ଇତିହାସ । ଏଥରକ ଆସନ୍ତୁ ଅନୁଶୀଳନ କରିବା ଏକ ନାରୀର ଜୀବନଚର୍ଯ୍ୟା । ସେ ନାରୀ ଜଣକ ପୁରାଣର ସୀତା, ଅନସୂୟା, ଦ୍ରୌପଦୀ ନୁହଁନ୍ତି କିମ୍ବା ଇତିହାସର ଲକ୍ଷ୍ମୀବାଈ ମଧ୍ୟ ନୁହଁନ୍ତି । ଏଇ ଯୁଗର ଏକ ଅଜ୍ଞାତ ପଲ୍ଲୀର ଜଣେ ଗୃହିଣୀ । ଜଙ୍ଗଲରେ ଅନେକ ସୁବାସିତ ଫୁଲ ଫୁଟି ମଉଳିଯାଏ । କେହି ଜାଣି ପାରନ୍ତିନି । ଠିକ୍ ସେହିପରି ଏଇ ଚିରବନ୍ଦନୀୟା ନାରୀ ଜଣକ ଭବିଷ୍ୟତ ପୁରାଣର ଏକ ଅଧ୍ୟାୟ ସୃଷ୍ଟି କରି ସମସ୍ତଙ୍କର ଅଜାଣତରେ ଆଶ୍ରୟ ପାଇଛନ୍ତି ଚରମପାଦରେ ।

ପଶ୍ଚିମ ବଙ୍ଗ ପ୍ରଦେଶର ମୁର୍ଶିଦାବାଦ ଜିଲ୍ଲାରେ ଜନ୍ମ । ନାଁଟି ତାଙ୍କର ଗାୟତ୍ରୀ । ପିଲାଟି ଦିନରୁ ବଂଶ ପରମ୍ପରା ଅନୁଯାୟୀ ବର୍ଦ୍ଧମାନ ଜିଲ୍ଲାର ତାରାପୀଠର ଅଧିଷ୍ଠାତ୍ରୀ ମାଆ ତାରାଙ୍କ ଉପାସନାରେ ବ୍ରତୀ । ଦାରିଦ୍ର୍ୟର କଶାଘାତରେ ବିଦ୍ୟା ଅଧ୍ୟୟନ ସମ୍ଭବ ହେଲାନାହିଁ । କିନ୍ତୁ ଯୌବନ ସ୍ପର୍ଶରେ ଧୀରେ ଧୀରେ ଅସାମାନ୍ୟା ସୁନ୍ଦରୀ ହୋଇ ଉଠିଲେ । ଗୋଟିଏ ଦରିଦ୍ର ପରିବାରରେ ଅପରୂପା ଝିଅଟିଏ ରହିଲେ ଆଜିର ସମାଜରେ କି ପ୍ରକାର ବିପଦ ଘନେଇ ଆସେ ତାହା ଆଲୋଚନା କରିବାର ଆବଶ୍ୟକତା ନାହିଁ । ସେହିପରି ଏକ ହୃଦୟ ବିଦାରକ ପରିସ୍ଥିତିରେ କେତେକ ଅସାମାଜିକ ପ୍ରବୃତ୍ତିର ଯୁବକମାନଙ୍କ କବଳରେ ପଡ଼ିଗଲେ ସେଇ ତାରା ପ୍ରିୟା ଗାୟତ୍ରୀ । ଅହେତୁକି ବିପଦରେ କାତର ପ୍ରାର୍ଥନା ଯେତେବେଳେ ସମସ୍ତ ସୀମା ପାର ହୋଇଗଲା, କମ୍ପି ଉଠିଲା ଆରାଧ୍ୟା ମା' ତାରାଙ୍କ ଆସନ । ସୂକ୍ଷ୍ମ ସତ୍ତାରୁ ଝରି ପଡ଼ିଲା ଆଶିଷର ଧାରା । ଅଚାନକ ଏକ କଳା ମେଘ ଘୋଟି ଆସିଲା ।

ପ୍ରବଳ ବର୍ଷା ସାଙ୍ଗକୁ ବାତ୍ୟାର ପ୍ରକୋପରେ କବଳିତ କରିଥିବା ଉଦ୍‌ଭ୍ରାନ୍ତ ଯୁବକମାନେ ଛତ୍ରଭଙ୍ଗ ଦେଲେ । ରକ୍ଷା ପାଇଗଲେ ବିଚରା । ସେହିଦିନଠାରୁ ମାଆଙ୍କ ପ୍ରତି ନିଷ୍ଠା, ଏକାଗ୍ରତା ଓ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୋଇଗଲା । ଦିନେ ପରିବାରର ଅଜ୍ଞାଣତରେ ଅଦମ୍ୟ ସାହସରେ ମାଆଙ୍କ ପ୍ରତି ଏକାନ୍ତ ବିଶ୍ୱାସ ରଖି ଏକାକୀ ବାହାରି ପଡ଼ିଲେ ମା' ତା'ରାଙ୍କ ଦର୍ଶନ ଉଦ୍ଦେଶ୍ୟରେ । ଅପୂର୍ବ ଲୀଳାମୟୀ ସେ । ତାଙ୍କର ଅଦ୍ଭୁତ ଲୀଳାରେ ବିଚରା ଗାୟତ୍ରୀ ସେଠାରେ ପହଞ୍ଚି ପାରିଲେ ନାହିଁ । ପଥମଧ୍ୟରେ ଅଚାନକ ଏକ ସୁଦର୍ଶନ ଓଡ଼ିଆ ଯୁବକଙ୍କ ସଂସ୍ପର୍ଶରେ ଆସି ତାଙ୍କର ଜୀବନ ସାଥୀ ହେବାର ସ୍ୱପ୍ନ ନେଇ ଚାଲିଗଲେ ତାଙ୍କରି ସାଙ୍ଗରେ । କିଛିଦିନ ବାହାରେ କଟାଇବା ପରେ ସ୍ୱାମୀଙ୍କ ସହ ଯେତେବେଳେ ଓଡ଼ିଶାକୁ ଶ୍ୱଶୁରାଳୟକୁ ଆସନ୍ତି ସେତେବେଳେ ତାଙ୍କର ଦୁଃଖ ଆରମ୍ଭ ହୋଇଗଲା । ଅଜଣା ଅଶୁଣା ଏକ ଝିଅକୁ ନିଜ ପରିବାରର ବୋହୂରୂପେ ସ୍ୱୀକାର କରିବାକୁ ସେମାନେ ନାରାଜ । ସ୍ୱାମୀଙ୍କର ଜିଦ୍ ପରିସ୍ଥିତି ସହ ଖାପ ଖୁଆଇ ସେମାନଙ୍କ ନିକଟରେ ରହି ସେମାନଙ୍କୁ ନିଜର କରିବାକୁ ହେବ । ସତୀ ଶିରୋମଣୀ ଗାୟତ୍ରୀ ସ୍ୱାମୀଙ୍କର ଆଦେଶକୁ ଗ୍ରହଣ କଲେ ଓ ସମସ୍ତ ପ୍ରକାର ଅମାନୁଷିକ ବ୍ୟବହାର, ଘୃଣା, ଅତ୍ୟାଚାରକୁ ହସି ହସି ନିଜର କରି ନେଲେ । ମନରେ, ହୃଦୟରେ କିନ୍ତୁ ସେଇ ଗୋଟିଏ ମନ୍ତ୍ର ''ମା ତା'ରା ରକ୍ଷାକର । ହଠାତ୍ ଲୀଳାମୟୀଙ୍କର କରୁଣା ଝରିଯାଏ । ସ୍ୱପ୍ନରେ ଆଦେଶ ଦିଅନ୍ତି - ''ତୋର ଜୀବନର ସର୍ବସ୍ୱ, ଏ ଜଗତର କର୍ତ୍ତା ନିଜେ ଆଜି ମାନବ ଶରୀରରେ ବିଦ୍ୟମାନ । କେଶବ ନାମରେ ଗୁପ୍ତଲୀଳା ରଚନା କରି ଚାଲିଛନ୍ତି । ତେଣୁ ତୁ ଏଥରକ ''ମା' ତାରା'' ଡାକ ଛାଡ଼ି ''ଜୟ ଶ୍ରୀ କେଶବ'' ଗ୍ରହଣ କର। ଶୟନେ ସ୍ୱପନେ, ଜାଗରଣେ ତାଙ୍କରି ନାମ ଜପକର । ତୋର ସମସ୍ତ ଦୁଃଖ ମୋଚନ ହେବ ।'' ବିଚରା ଠିକଣା ପଚାରିବା ପୂର୍ବରୁ ନିଦ୍ରା ଭଙ୍ଗ ହୋଇଗଲା । ଆନନ୍ଦରେ ପୁଲକିତ ହୋଇ ଉଠିଲା ତନୁମନ । କିଏ ସେହି କେଶବ ? କେଉଁଠାରେ ଲୁଚି ରହିଛନ୍ତି ପ୍ରଭୁ ତ୍ରିଲୋକସ୍ୱାମୀ ? ଧୀରେଧୀରେ ମନ ବ୍ୟାକୁଳ ହୋଇ ଉଠିଲା । ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଲେ ସ୍ୱପ୍ନ ନିର୍ଦ୍ଦେଶିତ ମାତୃ ଆଦେଶ ।

ପ୍ରଭୁ ପରମେଶ ଯୁଗେ ଯୁଗେ ସତୀର ପରାକାଷ୍ଠାରେ ପରାସ୍ତ ହୋଇଛନ୍ତି । ସତୀର ସତୀତ୍ୱ, ତେଜ ନିକଟରେ ତାଙ୍କର ମାୟା ପଟଳ ଆଦୌ ତିଷ୍ଠି ପାରେ ନାହିଁ । ଏହାର ଅନେକ ପ୍ରମାଣ ଅଛି । ଆଜି ତା'ର ବିଡ଼ମ୍ବନା କିପରି ହେବ ? ଏଇ ମା' ଗାୟତ୍ରୀଟି କାୟ, ମନ, ବାକ୍ୟରେ ସତୀ, ଜନ୍ମରୁ ଆଜିଯାଏ ଅକଥନୀୟ ଯନ୍ତ୍ରଣା ଦେଇ ଗତି କରିଥିଲେ ମଧ କେବେ ବି ପଥ ଭ୍ରଷ୍ଟ ହୋଇ ନାହାଁନ୍ତି । ମାତ୍ର ଥରକ ଦେଖାରେ ଭୁଲ ହେଉ ବା ଠିକ୍ ହେଉ ଯାହାକୁ ପତି ରୂପରେ ଗ୍ରହଣ କରିଛନ୍ତି, ତାଙ୍କୁ ଖୁସି କରିବାକୁ ଜୀବନକୁ ପଳ ପଳ କରି ଦଗ୍ଧ କରିଛନ୍ତି । ସୂକ୍ଷ୍ମସତ୍ତା ଛାଡ଼ି ସ୍ଥୂଳ ଶରୀରରେ ମାନବୀୟ ଲୀଳାରଚନା କରି ତ୍ରିଲୋକ ସ୍ୱାମୀ ଯେତେବେଳେ ସ୍ୱୟଂ ଉପସ୍ଥିତ, ଜଣେ ସତୀର ଡାକକୁ କେତେଦିନ ଉପେକ୍ଷା କରି ପାରିବେ ? ଅଚାନକ ଦିନେ ଯାଇ ଦର୍ଶନ ଦିଅନ୍ତି ସେଇ ସୌଭାଗ୍ୟବତୀ ଗାୟତ୍ରୀଙ୍କୁ । ଆଶୀର୍ବାଦ ବିଭୂତି ଦେଇ ସଙ୍ଗରେ ନେଇ ଆସନ୍ତି ତା'ର ପାରିବାରିକ ସମସ୍ତ ଦୁଃଖ, ଯନ୍ତ୍ରଣାକୁ । ଆସିଲାବେଳକୁ ଛାଡ଼ି ଆସନ୍ତି ଶ୍ରୀପଦ ପାଦୁକାକୁ । ସେହି ମୁହୂର୍ତ୍ତରୁ ହିଁ ଚିରଅବହେଳିତା, ଘୃଣିତା ଗାୟତ୍ରୀ ହୋଇଉଠନ୍ତି ଶ୍ୱଶୁରାଳୟରେ ପ୍ରତ୍ୟେକଙ୍କ ପରମ ଶ୍ରଦ୍ଧେୟା । ଅବିରତ ସେଇ ଶ୍ରୀପାଦୁକା ସେବାରେ ନିଜକୁ ନିୟୋଗ କରି ସଂସାର ଧର୍ମ ପାଳନ କରି ଜୀବନର ଅବଶିଷ୍ଟ ସମୟ କଟାଇ ଦେବାକୁ ସଂକଳ୍ପ ନେଇଛନ୍ତି । ଆଶ୍ରମ ପରିସରକୁ ସେ ଆସି ନାହାନ୍ତି । ବିଧିବଦ୍ଧ ଭାବରେ ଧାରା ନେଇ ନାହାନ୍ତି । ତଥାପି ପ୍ରଭୁଙ୍କର ଅସୀମ କୃପା ଲାଭ କରିଛନ୍ତି କରୁଛନ୍ତି ସେହି ସାଧ୍ୱୀ କେବଳ ତାଙ୍କର ପବିତ୍ର ହୃଦୟ, ସରଳମନ ଓ ଏକନିଷ୍ଠ ଭକ୍ତି ମାଧ୍ୟମରେ ।

ଜନସମାଜର ଅଗୋଚରରେ, ଆଶ୍ରମ ପରିସର ବାହାରେ ଏହିପରି ଅନେକ ଘଟଣା ପ୍ରତି ମୁହୂର୍ତ୍ତରେ ଘଟି ଚାଲିଛି । ଗୋଲକ ବିହାରୀ ଅନ୍ତର୍ଯ୍ୟାମୀ ଗୋପନେ ଗୋପନେ ଅଦ୍ଭୁତ ଲୀଳା ରଚନା କରି ଚାଲିଛନ୍ତି । ସ୍ଥୂଳରେ ତା'ର ହିସାବ କି'ଏ ବା ରଖିବାକୁ ସମର୍ଥ ହୋଇ ପାରିବ ? ତେବେ ଗୋଟିଏ କଥା ନିଶ୍ଚିତ ଯେ, ସେ ଯିଏ ହୋଇଥାଉ, ଯେଉଁଠାରେ ଥାଉ, ସ୍ଥୂଳରେ ପ୍ରଭୁଙ୍କୁ ଜାଣିଥାଉ ବା ନଜାଣିଥାଉ, ଯଦି ନାରୀର ମର୍ଯ୍ୟାଦା ରକ୍ଷା କରି ସତୀତ୍ୱର ତେଜ ଶରୀରରେ ଗ୍ରହଣ କରିପାରେ, ତେବେ ସେ ନିଶ୍ଚୟ ଧରାଦେବେ ଏଥିରେ କୌଣସି ସନ୍ଦେହ ନାହିଁ । ଯୁଗଯୁଗଧରି ଏହା ପ୍ରମାଣିତ ।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଶୈଶବ-ବାଲ୍ୟ-କୈଶୋର ଅବସ୍ଥାରୁ ସମ୍ପ୍ରଦାୟ ବିହୀନ ମାନବିକ ଧର୍ମଧାରାରେ ଜୀବନକୁ ପରିଚାଳିତ କରି ସନ୍ତାନସନ୍ତତିମାନଙ୍କୁ ମଣିଷ ପରି ମଣିଷଟିଏ ଗଢ଼ି ତୋଳିବାର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତିଟି ପିତାମାତାଙ୍କର । ସେଥିପ୍ରତି ସୁତୀକ୍ଷ୍ଣ ନଜର ଦେବା ଲକ୍ଷ୍ୟରେ ଚରମ ପୃଷ୍ଠାରେ ଏହି ବିଭାଗର ଅବତାରଣା । ନିଜେ ପଢ଼ନ୍ତୁ, ନିଜର ପୁତ୍ରକନ୍ୟାଙ୍କୁ ପଢ଼ିବାରେ ପ୍ରେରଣା ଦିଅନ୍ତୁ ଏବଂ / ବା ଆବଶ୍ୟକ ସ୍ଥଳେ ନିଜେ ପଢ଼ି ସେମାନଙ୍କୁ ଶୁଣାନ୍ତୁ, ବୁଝାଇ ଦିଅନ୍ତୁ । ସୁଫଳ ଫଳିବ ନିଶ୍ଚୟ ॥*

ପ୍ରତିଦିନ ଠିକ୍ ସମୟରେ ଧାରା ଅଭ୍ୟାସ କରିବା ଦିନଠାରୁ ଦେବାଶିଷ ଆଉ କୌଣସି ଅଝଟ କରେ ନାହିଁ । ଚଗଲା ହୁଏ ନାହିଁ । ନିଜର ପାଠପଢ଼ାରେ ମନ ଦେଇ ତା'ର ସମସ୍ତ କାର୍ଯ୍ୟ ଏକ ନିର୍ଦ୍ଧାରିତ ନୀତିରେ କରି ଚାଲିଥାଏ । ବାପା ଓ ମାଆଙ୍କ ମନରେ ଅପାର ଆନନ୍ଦ । ପ୍ରଭୁଙ୍କ ପ୍ରତି ଗଭୀର କୃତଜ୍ଞତା । ତାଙ୍କରି ଅପାର କରୁଣାରୁ ପୁଅଟି ଧୀରେ ଧୀରେ ସ୍ଥିର ମତି ହୋଇ ଯାଉଛି ।

ହଠାତ୍ ଦିନେ ସ୍କୁଲରୁ ଫେରି ମନକୁ ମାରି ଚୁପ୍ ହୋଇ ଶୋଇ ରହିଲା । ମାଆ ଯେତେ ଡାକିଲେ ବି ଉଠିଲା ନାହିଁ କି କଥା କହିଲା ନାହିଁ । ମାଆ ବୁଝିଲେ ଆଜି ଗୋଟେ କ'ଣ ମୁଣ୍ଡକୁ ଚୁକି ଯାଇଛି । ପିଲାଟା ସକାଳୁ ସ୍କୁଲକୁ ଯାଇଥିଲା । ଏ ପର୍ଯ୍ୟନ୍ତ ଖାଇ ନାହିଁ । ବାଧ୍ୟ ହୋଇ ଏକ ମିଥ୍ୟାର ଛଳନା ନେଇ କହିଲେ ''ଶୀଘ୍ର ଉଠିଆ ଖାଇ ନେ । ଖବର ଆସିଛି - ଠାକୁରେ ଆଜି ଆମ ଘରକୁ ଆସିବେ ।'' ବିଜୁଳିର ଚମକ ପରି ଉଠି ପଡ଼ିଲା ଦେବାଶିଷ । ଠାକୁରଙ୍କ ନାଁ ଶୁଣିବାମାତ୍ରେ ତା ମନରେ ଉଙ୍କି ମାରୁଥିବା ସମସ୍ତ ଦ୍ୱନ୍ଦ୍ୱ ସତେ ଯେପରି ପାଣି ଫୋଟକା ପରି ମିଳେଇ ଗଲା । ସଙ୍ଗେ ସଙ୍ଗେ ସୁନା ପିଲାଟି ପରି ମା'ଙ୍କ ସାଥୀରେ ଯାଇ ଖାଇଦେଲା । ତା ପରେମାଆ ପଚାରିଲେ, ''କହିଲୁ ଧନ ! ତୋର ଆଜି କ'ଣ ହୋଇଥିଲା ? କାହିଁକି ମନଦୁଃଖ କରି ଶୋଇଥିଲୁ ?'' ଦେବାଶିଷ କହିଲା, ''ମାଆ । ସେଥିପାଇଁ ପରା ଆଜି ସ୍କୁଲରେ ପାଠ ପଢ଼ାରେ ମଧ ମନ ଲାଗିଲା ନାହିଁ । ଠାକୁରେ ଚରମରେ ଲେଖିଥିଲେ, ଅତିକମ୍‌ରେ ମାସରେ ଥରେ ଆଶ୍ରମ ଆସି ଦର୍ଶନ କରିଯିବା ଉଚିତ୍ । କହିଲ ମାଆ । ଆଜିକୁ ଦୁଇମାସ ହେଲା ଆମେ ଆଶ୍ରମ ଯାଇନେ କିମ୍ୱା ଠାକୁରଙ୍କୁ ଦେଖିନେ । ଆଜି ମନ ମୋର ବହୁତ ଦୁଃଖ ହୋଇଗଲା । ତାଙ୍କୁ ଖାଲିଟିକେ ଦେଖିବାକୁ ମନ ବହୁତ ବ୍ୟାକୁଳ ହୋଇ ଉଠିଲା । କିନ୍ତୁ ବାପା ତ ନାହାନ୍ତି । କାହା ସାଙ୍ଗରେ ଯିବି ? ସେଥିପାଇଁ ମନରେ ଟିକେ ଅଭିମାନ ଆସିଗଲା । ପ୍ରଭୋ ! ତୁମେ କହିଥିଲ, ''ମୁଁ ତୁମ ପାଖେ ପାଖେ ଅଛି । ତୁମର ବ୍ୟାକୁଳତା ମାତ୍ରେ ତୁମକୁ ନିଶ୍ଚୟ ଦର୍ଶନଦେବି ।'' ଆଜି ମୋର ମନ ଏକାନ୍ତ ଭାବରେ କାନ୍ଦୁଛି ତୁମକୁ ଦେଖିବାକୁ । ଦେଖି ପାରିବିନି ?'' ଏଇ ଭାବରେ ଅଭିମାନ କରିଥିଲି ତାଙ୍କୁ ନ ଦେଖିବା ଯାଏ ଖାଇବି ନାହିଁ । ତୁମେ ଯାଇ ମତେ କହିଲ ଯେ, ସେ ଆଜି ଆସିବେ । ସତରେ ମାଆ ! ଆମ ଠାକୁରଙ୍କ ପରି ଆଉ କେହି ନାହିଁ । କେତେ କରୁଣାମୟ ସେ । ଚିନ୍ତା କଲା ମାତ୍ରେ ମନର ସମସ୍ତ କାମନା ସଙ୍ଗେ ସଙ୍ଗେ ପୂର୍ଣ୍ଣକରି ଦେଉଛନ୍ତି । ଆନନ୍ଦରେ ଅଧିର ହୋଇ ପଡ଼ିଲା ଦେବାଶିଷ । କିନ୍ତୁ ବିଚରା ମାଆ ଭୟରେ ପ୍ରମାଦ ଗଣିଲେ । ପୁଅକୁ ଖୋଇବାକୁ ସିନା ମିଛରେ ସେ ଆସିବେ ବୋଲି କହିଦେଲେ । ଏବେ କ'ଣ କରିବେ ? ସରଳ ମନ । ରାତିସୁଦ୍ଧା ଯେତେବେଳେ ପ୍ରଭୁ ନ ଆସିବେ ସେ ଏହି ଚପଳମତି ଜିଦ୍‌ଖୋର ପୁଅଟିକୁ ସମ୍ଭାଳିବେ କିପରି ? ମନେ ମନେ କାତର ପ୍ରାର୍ଥନା କରି ଚାଲିଲେ, ''ପ୍ରଭୁ ! ଏ ବିଷମ ସଙ୍କଟରୁ ତ୍ରାହିକର ।''

କ୍ରମଶଃ ସନ୍ଧ୍ୟା ଆସିଗଲା । ପୂଜା ପ୍ରାର୍ଥନା ସରିଗଲା । ଦେବାଶିଷ ମା'ଙ୍କୁ ଆଉ କିଛି ନ କହି ତା'ର ଚନ୍ଦନ, ଫୁଲ ଇତ୍ୟାଦି ଯୋଗାଡ଼ରେ ଲାଗିଗଲା । ମାଆଙ୍କୁ ବରାଦ କଲା, ''ମାଆ ! ଠାକୁରେ ଆସିବେ - ତୁମେ ଘର ଦୁଆରମୁହଁ ଗୋବର ଦେଇ ଲିପୁ ନାହଁ କାହିଁକି ? ବାଧ ଶିଶୁଟି ପରି ମାଆ ଅନ୍ତରରେ କୋହ ଆଖିରେ ଲୁହ ରଖି ସେ କାର୍ଯ୍ୟଟି ମଧ କଲେ । ସମୟ ଯେତେ ଅତିକ୍ରାନ୍ତ ହେଉଛି ଦେବାଶିଷ ସେତେ ଅସ୍ଥିର କରି ପକାଉଛି । ମାଆ ତା'ଠାରୁ ଆହୁରି ବିଚଳିତ ହେଉଛନ୍ତି । କିପରି କହିଥିବା ମିଛରୁ ରକ୍ଷା ପାଇବେ ?

କିନ୍ତୁ କାହିଁକି ଏତେ ଚିନ୍ତା ? ତାଙ୍କର ଅନେକ ନାମ ମଧରୁ ଗୋଟିଏ ନାମ ପରା ଚିନ୍ତାମଣି । ଭକ୍ତର ଆକୁଳ ଚିନ୍ତା ତାଙ୍କୁ କ'ଣ କେବେ ସ୍ଥିର ରଖି ପାରିଛି ? ଦେବାଶିଷର ପବିତ୍ର ଆବେଗ ଓ ମାଆଙ୍କର ଆକୁଳ ପ୍ରାର୍ଥନାରେ ଆସନ ଥରି ଉଠିଲା । ଉଭୟଙ୍କ ଭାବକୁ ଗ୍ରହଣ କରି ଭାବଗ୍ରାହୀ ବାହାରି ପଡ଼ିଲେ । ଭକ୍ତ ମନବାଞ୍ଛା ପୂର୍ଣ୍ଣ କରି ନିଜର ନାମ ସାର୍ଥକ କରିବାକୁ । ଯେତେବେଳେ ହଠାତ୍ ଯାଇ ଦେବାଶିଷର ଘରେ ପହଞ୍ଚିଗଲେ, ସେତେବେଳେ ଦେବାଶିଷ ଆନନ୍ଦରେ ଲୋଟି ପଡ଼ିଲା ସେଇ ଛନ୍ଦାଚରଣରେ । ଶ୍ରଦ୍ଧାରେ ଟେକିନେଲେ ପ୍ରଭୁ ନିଜର ଅଭୟ କୋଳକୁ । ଆହା ! କି ଅପୂର୍ବ ମିଳନ । ଅଦ୍ଭୁତ ସଂଯୋଗ । ମାଆ କିନ୍ତୁ ଏତେ ହତବାକ୍ ହୋଇ ଯାଇଛନ୍ତି ଯେ ପ୍ରଭୁଙ୍କ ଅର୍ଚ୍ଚନା କ'ଣ କରିବେ ? ପ୍ରଣାମ କରିବାକୁ ବି ଭୁଲି ଯାଉଛନ୍ତି । ତାଙ୍କୁ ଆହୁରି ଆଶ୍ଚର୍ଯ୍ୟ କରି ଭକ୍ତାନୁରାଗୀ ଭୁବନଭୁଲା ହସଟିଏ ଦେଇ କହିଲେ, ''କାହିଁକି ଏପରି ମନଦୁଃଖ କରି ଠିଆ ହୋଇଛ ? ମୁଁ ଖବର ପଠାଇଥିଲି ଆଜି ଆସିବାକୁ । ଆସିଲି ତଥାପି କାହିଁକି ତୁମେ କାନ୍ଦୁଛ ?'' ଠିକ୍ ସେହି ବାକ୍ୟ-ଯେଉଁଟି ମାଆ ମିଛରେ କହିଥିଲେ ଦେବାଶିଷକୁ । ମାଆ ଆନନ୍ଦରେ କଇଁ କଇଁ ହୋଇ କାନ୍ଦି ଉଠିଲେ । କଣ୍ଠ ରୁଦ୍ଧ ହୋଇଗଲା । କେବଳ ଏତିକି ପାଟିରୁ ବାହାରି ଆସିଲା, ''ପ୍ରଭୁ ! ତୁମର ମହିମା, ତୁମର ଲୀଳା ତୁମର କରୁଣା ବୁଝିବାକୁ କେବଳ ତୁମେ ହିଁ ସମର୍ଥ ।''

ଦେଖିଲ ପିଲାଏ ? ଦେବାଶିଷର ମନ ଦର୍ଶନ ପାଇଁ ବ୍ୟାକୁଳ ହେଲା । ମାଆ ସିନା ଭାବୁଛନ୍ତି ସେ ତାକୁ ଖୋଇବାକୁ ମିଛି କହୁଛନ୍ତି । କିନ୍ତୁ ମିଛ ନୁହେଁ । ଦେବାଶିଷର ନିଷ୍ଠା, ଭକ୍ତିରେ ସନ୍ତୁଷ୍ଟ ହୋଇ ମାଆଙ୍କ ମାଧମରେ ଆସିବାର ଖବର ସେ ହିଁ ଦେଲେ ଏବଂ ଶେଷରେ ବାସ୍ତବରେ ନିଜେ ଆସି ଦେବାଶିଷର ଇଚ୍ଛାପୂର୍ଣ୍ଣ କଲେ । ଏହିପରି ଶିଶୁପରି ସରଳ ମନରେ ତାଙ୍କୁ ଡାକିଲେ ସେ କଦାପି ଥୟ ହୋଇ ରହି ପାରିବେ ନାହିଁ ।

## ବାଣୀ

କାଳ ବହୁରୂପୀ । କେତେବେଳେ କେଉଁ ରୂପରେ ତୁମ ସମ୍ମୁଖରେ ଉପସ୍ଥିତ ହେବେ କେବଳ ତାଙ୍କୁ ହିଁ ଜଣା । ତେଣୁ କାୟ ମନ, ବାକ୍ୟରେ ନିଜକୁ ଶ୍ରୀଗୁରୁ ଚରଣାରବିନ୍ଦରେ ସମର୍ପଣ କର । କାଳ ସ୍ପର୍ଶ କରି ପାରିବ ନାହିଁ ।

ଶ୍ରୀଗୁରୁସ୍ୱାମୀ

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଅଧୁନାତନ ସମାଜରେ ବହୁ ନୂତନ ପୁରାତନ ସମସ୍ୟା ମଧ୍ୟରେ ମାନବିକ ଅଧିକାର ସାବ୍ୟସ୍ତ କରିବାର ସମସ୍ୟା ସମ୍ପ୍ରତି ବହୁଭାବରେ ବହୁକ୍ଷେତ୍ରରେ ବହୁଳାଂଶରେ ଆଲୋଚିତ ହେଉଛି । ନିଖିଳ ବିଶ୍ୱର ଯୁବଗୋଷ୍ଠୀଙ୍କୁ ଏଥିରେ ସାମିଲ କରି ଏକ ନିର୍ଦ୍ଦିଷ୍ଟ ସର୍ବ ଜନ ମଙ୍ଗଳକାରୀ ଲକ୍ଷ୍ୟରେ ଆଗେଇ ନେବାର ଆହ୍ୱାନ ଉପଲବ୍ଧ କରାଯାଉଛି । ଯୁବ ସମ୍ପ୍ରଦାୟ ଚକ୍ଷୁରେ ଶାନ୍ତିର ଅଂଜନ ଦେଇ ହୃଦୟରେ ଆତ୍ମବିଶ୍ୱାସର ଆନନ୍ଦ ସଂଚାର କରି ଆତ୍ମସ୍ଥ ସୁଖରେ ସ୍ଥିତ କରାଇବା ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଧର୍ମଧାରଣା ପ୍ରତି ବୀତସ୍ପୃହ ଯୁବପୀଢ଼ି ଜୀବନଯାତ୍ରାରେ ଧର୍ମର ସହାୟତା ସମ୍ବନ୍ଧରେ ନିଃସଂଶୟ ହେଲେ ଏବଂ ଆଧ୍ୟାତ୍ମିକ ଜୀବନ ଯାତ୍ରାରେ ଗୁରୁଙ୍କର କୃପା ସମ୍ପର୍କରେ ନିଃସନ୍ଦେହ ଦୃଢ଼ ଧାରଣା ଅବବୋଧ କରି ପାରିଲେ, ଆମର ବିଶ୍ୱାସ : ସମାଜରୁ ବହୁ ଭାବରେ ଅସାମାଜିକତା, ଅବିବେକିତା ଏବଂ ଅମାନୁଷିକତା ସହଜସୁନ୍ଦର ଉପାୟରେ ଦୂରୀଭୂତ ହୋଇ ପାରିବ । ଏହି ମହତ୍ ଉଦ୍ଦେଶ୍ୟରେ ଆମର ଏଥରର ପରିକଳ୍ପନା :*
***ଗୁରୁବିନୁ ଭବନିଧି ତରଇ ନ କୋଇ......***

ଆଧ୍ୟାତ୍ମିକ ଉନ୍ନତି ବା ଆତ୍ମୋନ୍ନୟନ ପାଇଁ ଗୁରୁଙ୍କ ହାତରେ ହିଁ ଚାବିକାଠି ରହିଥାଏ । ଗୁରୁଙ୍କର କୃପା ନ ହେଲେ, କୌଣସି ସାଧକ/ସାଧିକା ଭଗବଦ୍ କୃପା ପାଇ ପାରନ୍ତି ନାହିଁ । ଗୁରୁ ସନ୍ତୁଷ୍ଟ ନ ହେଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ । ବାମନ କଳ୍ପରେ ସ୍ପଷ୍ଟଭାବରେ ଉଲ୍ଲେଖ ଅଛି :

**''ଯୋ ମନ୍ତ୍ରଃ ସ ଗୁରୁଃ ସାକ୍ଷାତ୍ ଯୋ ଗୁରୁଃ ସ ହରିଃ ସ୍ୱୟଂ ।**
**ଗୁରୁର୍ଯସ୍ୟ ଭବେଦ୍ ତୁଷ୍ଟ ତସ୍ୟ ତୁଷ୍ଟୋ ହରିଃ ସ୍ୱୟଂ ।।'**

ଅର୍ଥାତ୍ - ଗୁରୁଦତ୍ତ ମନ୍ତ୍ର ହିଁ ସାକ୍ଷାତ୍ ଗୁରୁ ଅଟନ୍ତି । ଶ୍ରୀ ଗୁରୁ ହିଁ ସ୍ୱୟଂ ଶ୍ରୀହରି ଅଟନ୍ତି । ଯାହାଙ୍କର ଗୁରୁ ସନ୍ତୁଷ୍ଟ ଅଟନ୍ତି, ତାଙ୍କ ଉପରେ ସ୍ୱୟଂ ହରି ମଧ୍ୟ ସନ୍ତୁଷ୍ଟ ରହନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, ଗୁରୁ, ଗୁରୁଦତ୍ତ ମନ୍ତ୍ର ଏବଂ ହରି ସମସ୍ତେ ହିଁ ଏକ ଅଟନ୍ତି । ସେମାନଙ୍କ ମଧ୍ୟରେ ଭିନ୍ନାଭିନ୍ନ ଭେଦାଭେଦ ହିଁ ନାହିଁ ।।

ରାମ ଚରିତ ମାନସର ପ୍ରଥମ କାଣ୍ଡରେ **୧୬୬ନଂ** ଦୋହାରେ ଏ **ସମ୍ପର୍କରେ ଉଲ୍ଲେଖ ରହିଛି :**

**''ରାଖଇ ଗୁରୁ ଜୌଂ କୋପ ବିଧାତା ।**
**ଗୁରୁ ବିରୋଧ ନହିଁ କୋଉ ଜଗତ୍ରାତା ।।(ରା.ଚ.ମା. ୧/୧୬୬)**

ଅର୍ଥାତ୍ - ଯାହା ଉପରେ ସୃଷ୍ଟି କର୍ତ୍ତା ବିଧାତା କୋପ କରନ୍ତି, ତା'କୁ ଗୁରୁ ରକ୍ଷା କରିପାରନ୍ତି, କିନ୍ତୁ ଗୁରୁ ଯାହା ଉପରେ କ୍ରୋଧ କରନ୍ତି, ତା'କୁ ଜଗତରେ କେହି ମଧ୍ୟ ରକ୍ଷା କରି ପାରନ୍ତି ନାହିଁ ।

ଚରିତାମୃତରେ ମଧ୍ୟ ଠିକ୍ ଏହି ସ୍ୱର ଅନୁରଣିତ ହୋଇଛି, ଏହି ଭାବଧାରାର ସ୍ପଷ୍ଟ ପ୍ରକାଶ ହୋଇଛି :

**''କୃଷ୍ଣ ରୁଷ୍ଟ ହେଲେ ଗୁରୁ ରାଖିତେ ଯେ ପାରେ ।**
**ଗୁରୁ ରୁଷ୍ଟ ହେଲେ କୃଷ୍ଣ ରାଖିତେ ନା ପାରେ ।।'' (ଚୈତନ୍ୟ ଚରିତାମୃତ)**

ଶ୍ରୀ ଗୁରୁଙ୍କୁ ଜ୍ଞାନମୟ ଯୋଗୀରାଜ ଦେବଦେବ ଶଙ୍କରଙ୍କ ସହିତ ତୁଳନା କରାଯାଇଛି । ଯଥା :

''ବନ୍ଦେ ବୋଧମୟଂ ନିତ୍ୟଂ ଗୁରୁଂ ଶଙ୍କର ରୂପିଣମ୍ । ଯମାଶ୍ରିତୋହି ବକ୍ରୋପି ଚନ୍ଦ୍ରଃ ସର୍ବତ୍ର ବନ୍ଦ୍ୟତେ ।।''

ଶଙ୍କର ମଙ୍ଗଳ ବାଚକ ଶବ୍ଦ । ଶଙ୍କର ହେଉଛନ୍ତି ତତ୍ତ୍ୱଜ୍ଞାନର ପ୍ରତୀକ । ଜ୍ଞାନମୟ ଶଙ୍କରଙ୍କର ସମ୍ପର୍କରେ ଆସି ଶୁକ୍ଳା ଦ୍ୱିତୀୟା ତିଥିରେ ବକ୍ରଚନ୍ଦ୍ର ମଧ୍ୟ ସର୍ବତ୍ର ପୂଜା ପାଇଥାଏ । ଠିକ୍ ସେହିପରି ଜ୍ଞାନମୟ ଶଙ୍କର ସ୍ୱରୂପ ଶ୍ରୀଗୁରୁଙ୍କର ସଂସ୍ପର୍ଶରେ ଆସି ଜଗତର ପାପୀ, ତାପୀ, କୋପୀ : ଯିଏ ଯାହା ହେଉ ପଛକେ ତା'ର ସମସ୍ତ ମଳିନତା ଆପେ ଆପେ ଦୂର ହୋଇଯାଏ ଓ ସେ ସର୍ବତ୍ର ଚନ୍ଦ୍ର ସଦୃଶ ଶୋଭାପାଏ ।

**ଗୁରୁ ବନ୍ଦନାରେ ଆମ୍ଭେମାନେ ସମସ୍ତେ ପ୍ରତିଦିନ ସଂଜେ ସକାଳେ ଉଚ୍ଚାରଣ କରୁ :**

''ଗୁରୁଃ ବ୍ରହ୍ମା ଗୁରୁଃ ବିଷ୍ଣୁ ଗୁରୁଃ ଏବ ମହେଶ୍ୱରଃ ।'' ଅର୍ଥାତ୍ : ଗୁରୁହିଁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଅଟନ୍ତି । ଶଙ୍କର ମଧ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ପ୍ରତୀକ । ଶଙ୍କରଙ୍କର ପ୍ରତୀକ ଲିଙ୍ଗ । ତେଣୁ ଶିବଲିଙ୍ଗ ଏକାଧାରାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ପ୍ରତୀକାତ୍ମକ ଅଭିବ୍ୟକ୍ତି । ତେଣୁ, ଲିଙ୍ଗ ପୁରାଣରେ ସ୍ପଷ୍ଟତଃ ଉଲ୍ଲେଖ ଅଛି :

**''ମୂଳେ ବ୍ରହ୍ମା ତଥା ମଧ୍ୟେ ବିଷ୍ଣୁ ତ୍ରିଭୁବନେଶ୍ୱର । ତଦୁପରି ମହାଦେବଃ ପ୍ରଣବାଖ୍ୟଃ ସଦାଶିବ ।''**

ଲିଙ୍ଗ ମୂଳରେ ବ୍ରହ୍ମା, ମଧ୍ୟ ଭାଗରେ ବିଷ୍ଣୁ ଓ ଉପର ଅଂଶରେ ମହାଦେବ ଅବସ୍ଥାନ କରିଥାଆନ୍ତି । ତେଣୁ, ଶଙ୍କର ହେଉଛନ୍ତି, ବ୍ରହ୍ମା ବିଷ୍ଣୁ ଓ ମହାଦେବ : ରଜ, ସତ୍ତ୍ୱ, ତମ : ତ୍ରିଗୁଣର ଏକତ୍ର ସମାହାର । ସେହିପରି ଶ୍ରୀଗୁରୁସ୍ୱାମୀ ହିଁ ଏକାଧାରରେ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର । ଶ୍ରୀଗୁରୁସ୍ୱାମୀ ଏକାଧାରରେ ତ୍ରିଗୁଣ (ସତ୍ତ୍ୱ, ରଜ, ତମ)ର ପୂର୍ଣ୍ଣ ଅଧିକାରୀ । ତେଣୁ ସେ ହିଁ ନିର୍ଗୁଣ ପରମ ପୁରୁଷ । ସେ ପୂର୍ଣ୍ଣ ପରମବ୍ରହ୍ମ । ସେ ସଚ୍ଚିଦାନନ୍ଦ ବିଗ୍ରହ । ସେ ନାମରେ ଅନାମ, ରୂପରେ ଅରୂପ, ଗୁଣରେ ନିର୍ଗୁଣ, ମାୟାରେ ମାୟାତୀତ । ସଂସାର ନ କରି ମଧ୍ୟ ସେ ସଂସାରୀ- ଶ୍ରେଷ୍ଠ ସଂସାରୀ । ସଂସାରରେ ଥାଇ ମଧ୍ୟ ସେ ସଂସାରର ସକଳ ଛନ୍ଦ, କପଟ, ବିଷୟ ବିଷର ଉର୍ଦ୍ଧ୍ୱରେ । ପଙ୍କରେ ଘାଣ୍ଟି ହେଉଥିବା ପରି ପ୍ରତୀୟମାନ ହେଲେ ମଧ୍ୟ ତାଙ୍କଠି ଅଣୁମାତ୍ର ପଙ୍କ ଲାଗି ନାହିଁ । ସେ ସ୍ୱଚ୍ଛ ସ୍ଫଟିକ ପରି ସଦା ଉଜ୍ଜ୍ୱଳ । ଗୁରୁତତ୍ତ୍ୱ ଉପରେ ଆଧାର କରି ଶ୍ରୀ ଗୁରୁସ୍ୱାମୀଙ୍କର ଏ ସକଳ ମହତ୍ତ୍ୱ ଉପଲବ୍ଧ କରିବା ପ୍ରତ୍ୟେକ ଅନୁଗତ, ଶିଷ୍ୟ, ଶିଷ୍ୟା, ସାଧକ, ସାଧିକା ଏପରିକି ସର୍ବ ସାଧାରଣଙ୍କର ସର୍ବୋପରି ଆଜିର ଉଦ୍‌ଭ୍ରାନ୍ତ ଯୁବ ଗୋଷ୍ଠୀର ଏକାନ୍ତ କର୍ତ୍ତବ୍ୟ ॥

ସବୁ ସାଧନାର ମୂଳରେ ଗୁରୁକୃପା ଲାଭ ହିଁ ଶ୍ରେଷ୍ଠତମ ସାଧନା । ଗୁରୁସ୍ୱାମୀଙ୍କର କୃପା ନ ମିଳିଲେ, କୌଣସି ସାଧନା ସିଦ୍ଧ ହୁଏ ନାହିଁ, ହୋଇ ନାହିଁ । ସାଧକ ବିଧି ପୂର୍ବକ ସାଧନା ନ କରି ସୁଦ୍ଧା କେବଳ ଗୁରୁସ୍ୱାମୀଙ୍କର କୃପାବଳରେ ଆଧ୍ୟାତ୍ମିକ ଅଭ୍ୟୁଦୟର ଶୀର୍ଷସ୍ଥଳରେ ଉପନୀତ ହୋଇଥିବାର ବହୁଳ ପ୍ରମାଣ ଆଧ୍ୟାତ୍ମିକ ଇତିହାସରେ ଅବଶ୍ୟ ରହିଛି । ସ୍ୱାମୀ ବିବେକାନନ୍ଦ, ଭୀମଭୋଇ, କବୀର ପ୍ରଭୃତି ଏହାର ପ୍ରକୃଷ୍ଟ ନିଦର୍ଶନ । ସୁତରାଂ, ଯାହିତାହି ଗୁରୁଗ୍ରହଣ କଲେ ଏତାଦୃଶ ଆତ୍ମୋନ୍ନୟନ ସମ୍ଭବ ହୁଏ ନାହିଁ । ବ୍ୟକ୍ତିଗତ ଜୀବନରେ ନାନାଦି ପ୍ରପଞ୍ଚକର୍ମ କୌଶଳ ପ୍ରଦର୍ଶନ କରୁଥିବା ଚରିତ୍ରହୀନ ବ୍ୟକ୍ତିର କୁଶଳୀ ବାକ୍‌ପଟୁତାର ଶୀକାର ହୋଇ ତାକୁ ଗୁରୁ ମାନିନେଲେ କେବଳ ଆଧ୍ୟାତ୍ମିକ ଅଭ୍ୟୁଦୟ ସମ୍ଭବ ନୁହେଁ ।

ଚୈତନ୍ୟଯୁକ୍ତ, ଦୈବିକ ଆଧ୍ୟାତ୍ମିକ ଶକ୍ତି ସମ୍ପନ୍ନ ଗୁରୁଙ୍କ ନିକଟରେ 'କିଏ' ? କ'ଣ ?? କାହିଁକି ???ର ପ୍ରଶ୍ନ ନ ଉଠାଇ ନିଜକୁ ସରଳ ସହଜ ସୁନ୍ଦର ଭାବରେ ଶ୍ରୀଗୁରୁସ୍ୱାମୀଙ୍କର ଚରଣତଳେ ସମର୍ପଣ କରିଦେବା ଉଚିତ୍ । ଅତଃପର ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞା ଅନୁଜ୍ଞା, ଆଦେଶ ଉପଦେଶ ସକଳକୁ ଦୈବ ନିର୍ଦ୍ଦେଶ ମନେକରି ଅକୁଣ୍ଠିତ ଚିତ୍ତରେ ତାହା ପାଳନ କରିବା ଏକାନ୍ତ ଉଚିତ୍ । ମହାତ୍ମା ତୁଳସୀ ଦାସଙ୍କ ଭାଷାରେ :

''ସୋଇ ସେବକ ପ୍ରିୟତମ ମମ ସୋଇ । ମମ ଅନୁଶାସନ ମାନୈ ଜୋଇ ॥''

ଅର୍ଥାତ୍ - ଭଗବାନ ବା ଶ୍ରୀଗୁରୁସ୍ୱାମୀଙ୍କର ଆଦେଶ ଉପଦେଶକୁ ଯେଉଁ ଶିଷ୍ୟ ଅକୁଣ୍ଠ ଚିତ୍ତରେ, ବିନା ପ୍ରଶ୍ନରେ, ବିନା ସଂକୋଚରେ ସରଳ ଭାବରେ ଗ୍ରହଣ କରିନିଏ ଓ ତାହା ଅକ୍ଷରେ ଅକ୍ଷରେ ଶ୍ରଦ୍ଧା ଓ ଭକ୍ତିର ସହିତ

ପାଳନ କରେ, ସେ ହିଁ ହେଉଛି ଶ୍ରୀ ଗୁରୁସ୍ୱାମୀଙ୍କର ପ୍ରିୟତମ ସେବକ ବା ଦାସମାନଙ୍କ ମଧ୍ୟରେ ଶ୍ରେଷ୍ଠ । ତେଣୁ ନରରୂପୀ ନାରାୟଣ ସ୍ୱରୂପ ଶ୍ରୀଗୁରୁସ୍ୱାମୀଙ୍କର ଆଦେଶକୁ ବିନାବାକ୍ୟବ୍ୟୟରେ ବିନାଯୁକ୍ତିରେ ଶିରୋଧାର୍ଯ୍ୟ କରି ପାଳନ କରିବା ପ୍ରତ୍ୟେକଙ୍କର ଉଚିତ୍ ସାଧନା । ଗୁରୁକୃପା ଲାଭର ଏହା ହିଁ ସହଜତମ ସାଧନା । ଯିଏ ପୂର୍ଣ୍ଣ ପ୍ରାଣରେ, ପୂର୍ଣ୍ଣ ମନରେ, ପୂର୍ଣ୍ଣ ହୃଦୟରେ ଶ୍ରୀଗୁରୁସ୍ୱାମୀଙ୍କର କଥାକୁ ତିଳେମାତ୍ର ତଳେ ପକାଇ ନ ଦେଇ ପାଳନ କରେ, ସେ ହିଁ ହେଉଛି ପ୍ରକୃତ ଅର୍ଥରେ ଶ୍ରେଷ୍ଠ ସାଧକ, ସାଧକୋତ୍ତମ ॥

ଅନ୍ୟ ପକ୍ଷରେ ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞାଅନୁଜ୍ଞା, ଆଦେଶ ଉପଦେଶାଦିକୁ ଯେ କେହି କେତେବେଳେ ସାମାନ୍ୟତମ ଅବିଶ୍ୱାସ ବା ସନ୍ଦେହରେ ଅବହେଳା କଲେ, ଅଣୁମାତ୍ର ଅବଜ୍ଞା କଲେ, ତାଙ୍କର ସାଧନା, ପାଣ୍ଡିତ୍ୟ, ତ୍ୟାଗ, ଅନୁରକ୍ତି ସତ୍ତ୍ୱେ ସେ କଦାପି ସୁଖଶାନ୍ତି ଆନନ୍ଦ ଲାଭ କରି ପାରିବେ ନାହିଁ । ଶ୍ରୀ ଗୁରୁସ୍ୱାମୀଙ୍କର ମନରେ ବିନ୍ଦୁମାତ୍ର ଅସନ୍ତୋଷର ନିଆଁ ଜୁଳି ଉଠିଲେ, ତାହା ସହସ୍ରଗୁଣ ବଳ ବିକ୍ରମ ଧାରଣ କରି ଶିଷ୍ୟର ଅନ୍ତଃସ୍ଥଳରେ ବିଷ ଅଗ୍ନିର ବନ୍ୟା ଖେଳାଇ ଦିଏ । ଶ୍ରୀ ଗୁରୁସ୍ୱାମୀଙ୍କର ଉଷ୍ଣ ନିଃଶ୍ୱାସରେ ସେ ପୋଡ଼ି ଛାରଖାର ହୋଇଯାଏ । ଶ୍ରୀଗୁରୁସ୍ୱାମୀଙ୍କର ବଚନ କଥନରେ ଯାହା ବିଶ୍ୱାସ ନ ଥାଏ, ସେ ବାସ୍ତବ ଜୀବନରେ ତ ଦୂରର କଥା, ସ୍ୱପ୍ନରେ ସୁଦ୍ଧା ସୁଖ ସନ୍ତୋଷ ବା ସିଦ୍ଧି ଆଦୌ ପାଇପାରେ ନାହିଁ, କେହି ପାଇ ପାରି ନାହାନ୍ତି । ଅତଏବ ଶ୍ରୀ ଗୁରୁସ୍ୱାମୀଙ୍କର ବିରୋଧ ଆଚରଣ କରି ବା ଶ୍ରୀଗୁରୁସ୍ୱାମୀଙ୍କ ହୃଦୟରେ ସାମାନ୍ୟତମ ଅସନ୍ତୋଷର ବୀଜ ବପନ କରି, କେହି (ସେ ଯେ କେହି ହୁଅନ୍ତୁ ନା କାହିଁକି) ସୁଖଶାନ୍ତି ସନ୍ତୋଷ ଓ ଆନନ୍ଦରେ କାଳାତିପାତ କରି ପାରିବ ନାହିଁ । ଗୁରୁକ୍ଷେତ୍ରରେ, ଧର୍ମକ୍ଷେତ୍ରରେ, ପରମାର୍ଥ ଜୀବନ ଚର୍ଯ୍ୟାରେ କୌଣସି ପ୍ରକାର ଛନ୍ଦବନ୍ଧକଳ କୌଶଳ ଛଳକପଟ ଚଳେ ନାହିଁ, ଚଳିନାହିଁ, ଚଳିପାରିବ ନାହିଁ । ଏଥିନିମନ୍ତେ ସର୍ବାଦୌ ଆବଶ୍ୟକ ଶିଶୁସୁଲଭ ସରଳତା, ଆନୁଗତ୍ୟ ଏବଂ ପୂର୍ଣ୍ଣ ଶରଣାଗତି ।

ଗୁରୁଙ୍କର ଆଶୀର୍ବାଦ ହିଁ ଘନ ଅନ୍ଧକାର ମଧ୍ୟରେ ସୂର୍ଯ୍ୟଙ୍କର କିରଣ ସଦୃଶ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରେ । ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କର ପବିତ୍ର ପଦ୍ମପାଦର ସୁଗନ୍ଧ ଏବଂ ଅନୁରାଗ ରସରେ ପରିପୂର୍ଣ୍ଣ । ପ୍ରଭୁଙ୍କର ଚରଣରେଣୁ ସଂଜିବନୀ ସୁଧା । ଏହା ସେବନକଲେ ମ୍ରିୟମାଣ ମଧ୍ୟ ପୂର୍ଣ୍ଣପ୍ରାଣ ହୋଇଯାଏ । ଠାକୁରଙ୍କର ପଦରଜ ଶିଷ୍ୟଶିଷ୍ୟାମାନଙ୍କର ମନଦର୍ପଣରୁ ଅହଂକାର ରୂପକ ସବୁ ମଳିଧୂଳି ଝାଡ଼ି ସଫା କରିଦିଏ । ଠାକୁରଙ୍କର ପଦ୍ମପାଦର ନଖଶ୍ରେଣୀ ମଣିସଦୃଶ ଜ୍ୟୋତିର୍ମୟ । ଏହାକୁ ଧ୍ୟାନସ୍ଥ ଅବସ୍ଥାରେ ସ୍ମରଣକଲେ, ଦିବ୍ୟଦୃଷ୍ଟି ଉଦୟହୁଏ । ଦିବ୍ୟଦୃଷ୍ଟି ଉଦୟମାତ୍ରେ ସାଧକଶିଷ୍ୟର ହୃଦୟରୁ ଅହଂକାର ରୂପକ ଅନ୍ଧକାର ସମୂଳେ ଦୂରୀଭୂତ ହୁଏ । ଠାକୁରଙ୍କର ପଦଧୂଳିସିଦ୍ଧ ଅଞ୍ଜନ ସଦୃଶ । ଏହାର ପ୍ରୟୋଗରେ ବିବେକନେତ୍ର ପରିଷ୍କାର ହୋଇଯାଏ । ଜ୍ଞାନନେତ୍ର ଫିଟିଯାଏ । ଠାକୁରଙ୍କର ଯାବତୀୟ ଲୀଳା (ସ୍ଥୂଳ, ସୂକ୍ଷ୍ମ, କାରଣ) ଜ୍ଞାନ ଚକ୍ଷୁରେ ସୁସ୍ପଷ୍ଟତଃ ସ୍ୱଚ୍ଛ ଦେଖାଯାଏ, ଦେଖାଯାଉଛି ମଧ୍ୟ ।

ଆମର ବିଶ୍ୱାସ ଏବଂ ଉପଲବ୍ଧି ଏହି ଯେ, ପ୍ରଭୁଙ୍କର କରୁଣାକଣା ବିନା ବ୍ରହ୍ମା ହୁଅନ୍ତୁ ବା ଶଙ୍କର ହୁଅନ୍ତୁ, ଯେ କେହି ହୁଅନ୍ତୁ ନା କାହିଁକି, ଏ ଭବସାଗରରେ ବିଷୟାବିଷବନ୍ଧନରୁ ତରିଯାଇ ପାରିବେ ନାହିଁ, ପାରିନାହାନ୍ତି । ତୁମ ଆମ ପରି ସାଧାରଣ ମଣିଷଙ୍କ କଥା ତ ବହୁଦୂରରେ । ଯେ ଯେତେ ପ୍ରୌଢ଼ି ଦେଖାଇ ହୁଅନ୍ତୁ, ଗୁରୁ ସାଜି ମନ୍ତ୍ର ଦେଇ ଶିଷ୍ୟ ଗ୍ରହଣ କରନ୍ତୁ, ସାଷ୍ଟାଙ୍ଗ ପ୍ରଣାମ ଗ୍ରହଣ କରନ୍ତୁ ବା ଯେତେ ଭେଳିକି ଦେଖାଇ ମେଣ୍ଢା ବଗାଳ କରନ୍ତୁ ପଛକେ, ଏହି ନିତ୍ୟସତ୍ୟକୁ ଉପେକ୍ଷା କରିବାର ପରିଣାମ ଅନ୍ତିମରେ ତାଙ୍କୁ ହିଁ ଅପେକ୍ଷା କରି ରହିଛି, ରହିବ । କାରଣ, ଭବଭୟ ବିନାଶ କରିବା ପାଇଁ ଶ୍ରୀଗୁରୁସ୍ୱାମୀ ହିଁ ହେଉଛନ୍ତି ଏକମାତ୍ର ସମର୍ଥ । ସେ ଅଦ୍ୱିତୀୟ । ତାଙ୍କର ଦ୍ୱିତୀୟ କେହି ନାହିଁ । ଶ୍ରୀଗୁରୁସ୍ୱାମୀ ନିଜର ସମସ୍ତ ସିଦ୍ଧିର ନିର୍ଯ୍ୟାସଦେଇ ସେହି ଶକ୍ତି ମାଧ୍ୟମରେ ଅନୁଗତ ପ୍ରିୟ ଶିଷ୍ୟର ହିଁ କଲ୍ୟାଣ କରିଥାଆନ୍ତି । ତେଣୁ ସେ ହିଁ ଚିର ଶୁଭଙ୍କର, ଚିର କଲ୍ୟାଣକର, ଚିର ମଙ୍ଗଳମୟ ଶ୍ରୀଗୁରୁସ୍ୱାମୀ ହିଁ ଆମ୍ଭମାନଙ୍କୁ ଏହି ମହାବିଭୀଷିକାମୟ ପାପତାପ କ୍ଲିଷ୍ଟ ସଂସାର ସାଗରରୁ ତ୍ରାଣ କରିବା ପାଇଁ ଏକମାତ୍ର ସମର୍ଥ ପୁରୁଷ ॥

ରାମ ଚରିତ ମାନସ ଭାଷାରେ -

''ଗୁରୁ ବିନୁ ଭବନିଧି ତରଇ ନ କୋଇ । ଜୌଂ ବିରଞ୍ଚି ଶଙ୍କର ସମ ହୋଇ ॥''

(ରାମ ଚରିତ ମାନସ ୭ମ କାଣ୍ଡ : (୯୩ଦୋହା)

# ଜିଜ୍ଞାସା : ଜିଜ୍ଞାସୁ

କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ପରମଶ୍ରଦ୍ଧେୟ ଦିବଂଗତ ଯତୀଶଦା'ଙ୍କର ଅନିର୍ବାଣ ସ୍ମୃତି ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଏହି ବିଭାଗର ତାତ୍ତ୍ୱିକ ଆଲୋଚନା ଉତ୍ସର୍ଗୀକୃତ । ପରମ ପୁରୁଷ ଶ୍ରୀ ଶ୍ରୀ ଶ୍ରୀଠାକୁରଙ୍କର ସହିତ ସ୍ୱ ଯତୀଶ ଦା'ଙ୍କର ଦଶମୋଦକ ଉପରେ ତାତ୍ତ୍ୱିକ ପ୍ରଶ୍ନୋତ୍ତର ହିଁ ଏଥିରେ ସ୍ଥାନିତ ହୋଇ ଅଧ୍ୟାତ୍ମପ୍ରେମୀ ଜିଜ୍ଞାସୁ ଭକ୍ତଜନଙ୍କର ସନ୍ଦେହ ମୋଚନ କରି ପାରିଛି ।

ସ୍ୱ ଯତୀଶ ଦା'ଙ୍କ ଦୈନିକ ଦିନ ଲିପିରୁ ସଂଗୃହୀତ ଏହି ପ୍ରଶ୍ନୋତ୍ତରୀ ପ୍ରସ୍ତୁତ କରନ୍ତି ତତ୍ତ୍ୱବାହୀ ଶ୍ରୀ ଚନ୍ଦ୍ରଶେଖର ରାଉତ ଏବଂ ସମୀକ୍ଷା କରନ୍ତି ଶ୍ରୀ. କେଶବ ଦାସ ବୃନ୍ଦାବନ ।

ସଂଘୀୟ ଜୀବନଯାପନ ନିମନ୍ତେ ଏ ସକଳ ତତ୍ତ୍ୱ ପ୍ରତ୍ୟେକଙ୍କ ଅବଶ୍ୟ ପଠନୀୟ, ପାଳନୀୟ ଓ ଅନୁସରଣୀୟ ।।

## ଦଶମୋଦକରୁ : ଶିକ୍ଷାଗତ ଯୋଗ୍ୟତା ନମାପିବା : 'ଚରମ' ପଞ୍ଚଦଶସଂଖ୍ୟାର ଅନୁସୃତିରୁ :-

ପ୍ରଶ୍ନ : ଠାକୁରେ, ଆମ୍ଭମାନଙ୍କର ଅନ୍ତଃ କରଣରେ, ବୈଷୟିକ ଶିକ୍ଷାଗତ ଯୋଗ୍ୟତାରୁ ଯେଉଁ ଗୁଣ ଗୁଡ଼ିକ ବିକଶିତ ହୋଇଛି ସେମାନେ ନିଶ୍ଚୟ ସେମାନଙ୍କର ନିଜସ୍ୱ ଧର୍ମ ପ୍ରକାଶ କରିବା ତ ସ୍ୱାଭାବିକ । କାରଣ ବୃତ୍ତି ସକଳ ଓ ସଂସ୍କାର ସମୂହ ଶିକ୍ଷାରୁ ପ୍ରକାଶିତ ହୋଇ ବିକଶିତ ହେଉଅଛନ୍ତି । ପୁନଶ୍ଚ ଯେ ପର୍ଯ୍ୟନ୍ତ କାରଣ ଅଛି କାର୍ଯ୍ୟ ନିଶ୍ଚୟ ହେବ । ତେବେ ଶିକ୍ଷାଗତ ଯୋଗ୍ୟତା ଅଛି ମାନେ ତାହା ମପାଯିବା ସ୍ୱାଭାବିକ, କନ୍ତୁ ନମାପିବାର ଅର୍ଥ କ'ଣ ?

ଠାକୁର : ଗୋଟିଏ କଥାକୁ ଓଲଟ ପାଲଟ କରି କେତେ ପଚାରୁଛ । ଶୁଣ, ଶିକ୍ଷାଗତ ଯୋଗ୍ୟତାର ମାନରୁ ସ୍ଥିତ ପ୍ରକୃତି, ଗଣ ଓ ଅଇରିମାନେ ବିକଶିତ ହୋଇଥାଆନ୍ତି । ଅଗ୍ନିକୁ ଘୃତ ରୂପକ ଇନ୍ଧନ ଯୋଗାଇ ଅଧିକରୁ ଅଧିକ ପ୍ରଜ୍ୱଳିତ କଲାଭଳି, ପ୍ରକୃତି ମାନଙ୍କୁ ଭାବ ରୂପକ ଇନ୍ଧନ ଯୋଗାଇବା ଦ୍ୱାରା ତାହା ଅଧିକରୁ ଅଧିକ ପ୍ରଜ୍ୱଳିତ ହୋଇ ବିକାର ବିକୃତ ଭାବ ପୋଷଣ କରେ । ଯଦି ପ୍ରକୃତି ମାନଙ୍କଠାରୁ ଭାବକୁ ଅନ୍ତର କରି ନିଆଯାଏ ତାହାହେଲେ ପ୍ରକୃତି ଓ ତାହାର ବୃତ୍ତିଗୁଡ଼ିକ ଇନ୍ଧନ ଅଭାବରୁ ନିସ୍ତେଜ ହୋଇ ଯାଆନ୍ତି । ଭାବରୁ ଅନ୍ତର କରି ନେଲେ ଯୋଗ୍ୟତା ଆପେ ମୂଳ କେନ୍ଦ୍ରରେ ସ୍ଥିତ ରହି ଲୁଚିଯାଏ ।

ପ୍ରଶ୍ନ : ଭାବକୁ ଅନ୍ତର କରିବାର ଉପାୟଟି ତେବେ କ'ଣ ଅଟେ ?

ଠାକୁର : କଣ୍ଟା ଦ୍ୱାରା କଣ୍ଟାକୁ କାଢ଼ିବା ନ୍ୟାୟରେ ଭାବକୁ ଭାବ ଦ୍ୱାରା ଅନ୍ତର କରିବା ।

ପ୍ରଶ୍ନ : ଭଲ ଭାବରେ ଟିକେ ବୁଝାଇ କୁହନ୍ତୁ ।

ଠାକୁର : କୌଣସି କାରଣରୁ ତୁମେ ଦୁଃଖର ଭାବ ପୋଷଣ କରି ବିକୃତ ହୋଇ ଯାଇଅଛ, ଯଦି କେହି ଉପଦେଷ୍ଟା ଏହି ଅବସ୍ଥାରେ ତୁମ୍ଭର ଦୁଃଖକୁ ବୁଝି ଆଶ୍ୱାସନାର ଭାବ ତୁମ୍ଭକୁ ଦେଖାଇ ଦିଏ ତାହାହେଲେ ଦୁଃଖର ଭାବଟି ସଙ୍ଗେ ସଙ୍ଗେ ଉପଶମ ହୋଇଯାଏ । ଏଠାରେ ଦୁଃଖ ହେଉଛି ଏକରକମର ଭାବ ଓ ଆଶ୍ୱାସନା ହେଉଛି ଆଉ ଏକରକମ ଭାବ । ଆଶ୍ୱାସନା ଭାବ ଦ୍ୱାରା ଦୁଃଖର ଭାବକୁ ଅନ୍ତର କରି ଉପଶମ କରାଯାଇ ପାରୁଛି । ଏଣୁ ଭାବକୁ ଭାବ ଦ୍ୱାରା ଅନ୍ତର କରାଯାଇ ପାରିବ ।

ପ୍ରଶ୍ନ : ବୈଷୟିକ ବୋଧ ଓ ତାର ଭାବକୁ କେଉଁ ବୋଧ ଓ କେଉଁ ଭାବ ଦ୍ୱାରା ନିରୋଧ କରାଯାଇ ପାରିବ ? ଯେପରି ଦୁଃଖର ଭାବକୁ ଆଶ୍ୱାସନା ଭାବ ଦେଇ ଉପଶମ କରାଯାଇ ପାରୁଛି ଠିକ୍ ସେହିପରି ଏହା କିପରି ହେବ ?

ଠାକୁର : ଭୌତିକ ଜଗତର ସମସ୍ତ ଜାଗତିକ ବୈଷୟିକ ଭାବ ଓ ବୋଧକୁ ତାର ବିପରୀତ ବ୍ରହ୍ମ ବୋଧ ଓ ବ୍ରହ୍ମଭାବ ଦ୍ୱାରା ନିରୋଧ କରାଯାଇ ପାରିବ ।

ପ୍ରଶ୍ନ : କିପରି ?

ଠାକୁର : ଚୂନ ଓ ଖଇର ର ଧର୍ମ କ'ଣ ଜାଣିଛ ? ଚୂନ କଟୁ ଅଟେ ଆଉ ଖଇର ତିକ୍ତ (ପିତା) ଅଟେ । ଏହି ଦୁଇଟି ପଦାର୍ଥକୁ ମିଶାଇଦେଲେ ଏହାର ସ୍ୱାଦ ବଦଳି ଯାଇ ଆଉ କଟୁ ବା ତିକ୍ତ ନ ଲାଗି ଏହା ମଧୁରିଆ ଲାଗେ । ଠିକ୍ ସେହିପରି ଅନିତ୍ୟ ଜାଗତିକ ବୈଷୟିକ ଦୁଃଖ, ସୁଖର ଭାବରେ ନିତ୍ୟ ଶାଶ୍ୱତ ବ୍ରହ୍ମ ଭାବର ବିବେକ ଜ୍ଞାନରେ ସଂଯୋଗ ହେଲେ ଉଭୟ ଭାବର ଭାବ ବୋଧର ସଂଯୋଗ କ୍ରିୟାରେ ରୂପାନ୍ତରିତ ହୋଇ ଆତ୍ମବୋଧ ମିଳିଥାଏ । ଆଉ ଏହି ଆତ୍ମବୋଧର ଏ ଉଭୟ ବୋଧର ଗନ୍ଧ ଲେଶମାତ୍ର ରହିବ ନାହିଁ ।

ପ୍ରଶ୍ନ : ତାହାହେଲେ ଆମ ଭିତରେ ଥିବା ଭୌତିକ ବିଷୟ ଜ୍ଞାନରେ ବ୍ରହ୍ମ ଜ୍ଞାନର ସଂଯୋଗ ହେଲେ ଆତ୍ମ ଜ୍ଞାନ ବା ଆତ୍ମବୋଧ ଆସେ କିନ୍ତୁ ଆମେ ଏହି ବ୍ରହ୍ମଜ୍ଞାନ ପାଇବୁ କେଉଁଠୁ ?

ଠାକୁର : ବ୍ରହ୍ମଜ୍ଞାନ ପାଇବାକୁ ହେଲେ ବ୍ରହ୍ମନିଷ୍ଠ ଗୁରୁଙ୍କ ନିକଟକୁ ଯିବାକୁ ପଡ଼ିବ ।

ପ୍ରଶ୍ନ : ବ୍ରହ୍ମ ନିଷ୍ଠ ଗୁରୁଙ୍କୁ ଚିହ୍ନିବା କିପରି ?

ଠାକୁର : ବ୍ରହ୍ମ ଜ୍ଞାନ ଲାଭ କରିବାକୁ ଚାହୁଁଥିବା ବ୍ୟକ୍ତି ବ୍ରହ୍ମ ନିଷ୍ଠ ଗୁରୁଙ୍କୁ ଚିହ୍ନି ପାରିବ ନାହିଁ । କିନ୍ତୁ ବ୍ରହ୍ମନିଷ୍ଠ ଗୁରୁ ବ୍ରହ୍ମଜ୍ଞାନ ଶ୍ରବଣକାରୀ ଶ୍ରୋତାଙ୍କୁ ଚିହ୍ନି ପାରିବେ । ବ୍ରହ୍ମଜ୍ଞାନ ଜିଜ୍ଞାସୁ ଶ୍ରୋତା, ଆଉ ବ୍ରହ୍ମନିଷ୍ଠ ଗୁରୁଙ୍କର ଦୈବାତ୍ ଭେଟ ହୋଇଗଲେ ଲୁହାକୁ ଚୁମ୍ବକ ଟାଣିଲା ଭଳି ଆପେ ସୃଷ୍ଟି ଚକ୍ରର ନିୟମରେ ସଂଯୋଗ ହୋଇଯାଆନ୍ତି । ତତ୍ ସଙ୍ଗେ ସଙ୍ଗେ ବ୍ରହ୍ମନିଷ୍ଠ ଗୁରୁ ବ୍ରହ୍ମ ଜିଜ୍ଞାସୁ ଶ୍ରୋତାକୁ ଚିହ୍ନି ତା ପିଛା ଲାଗି ପଡ଼ନ୍ତି ଏବଂ ବ୍ରହ୍ମଜ୍ଞାନ ବୁଝାଇ ବୁଝାଇ ଆତ୍ମବୋଧ ପ୍ରାପ୍ତି କରାନ୍ତି ।

ପ୍ରଶ୍ନ : ଆମେ ଯଦି ଗୁରୁଙ୍କୁ ଚିହ୍ନି ନ ପାରିବୁ ତାହାହେଲେ ଆମର ଆଉ ଗୁରୁଙ୍କୁ ଖୋଜିବା ଦରକାର ନାହିଁ ।

ଠାକୁର : ନାଗରା ବାଡ଼େଇ କ'ଣ ଗୁରୁ ଖୋଜାଯାଏ । ଗୁରୁ ନାଗରା ବାଡ଼ାନ୍ତି ଜିଜ୍ଞାସୁ ବ୍ୟକ୍ତି ଶୁଣିକରି ଯାଏ । ବ୍ରହ୍ମ ନିଷ୍ଠ ଗୁରୁ ଧରାପୃଷ୍ଠକୁ ଆସିଲେ ସେ ଆପେ ଧରା ପଡ଼ି ଯାଆନ୍ତି । ଅନ୍ଧକାର ଭିତରେ ଯେପରି ଆଲୋକ ଧରାପଡ଼ିଯାଏ, ଲୁଚି, ରହି ପାରେ ନାହିଁ ସେହିପରି ସେ ଆପଣାଛାଏଁ ଧରା ପଡ଼ି ଯାଆନ୍ତି ।

ପ୍ରଶ୍ନ : ସମସ୍ତେ କ'ଣ ବ୍ରହ୍ମ ଜିଜ୍ଞାସୁ ହୋଇ ପାରିବେ ନାହିଁ ।

ଠାକୁର : ନାଁ, ସମସ୍ତେ ବ୍ରହ୍ମ ଜିଜ୍ଞାସୁ ହୋଇ ପାରିବେ ନାହିଁ । ଯେଉଁମାନେ ଶ୍ୱେତ ମଣ୍ଡଳରୁ ଆସି ଥାଆନ୍ତି ସେହିମାନେ କେବଳ ବ୍ରହ୍ମ ଜିଜ୍ଞାସୁ ହୋଇ ପାରନ୍ତି । ସମସ୍ତେ ବ୍ରହ୍ମଜ୍ଞାନ ଶୁଣି ପାରିବେ ମାତ୍ର ଭିତରେ ବ୍ରହ୍ମଜ୍ଞାନ କ୍ରିୟା କରିବ ନାହିଁ । ଆଉ ଯେଉଁମାନେ ସଂସ୍କାର ବିଶିଷ୍ଟ ଶ୍ୱେତ ମଣ୍ଡଳରୁ ଆସିଥିବେ ସେମାନେ ବ୍ରହ୍ମଜ୍ଞାନ ଶୁଣିବାମାତ୍ରେ ସେମାନଙ୍କର ତନୁ ମନରେ ତରଙ୍ଗ ସୃଷ୍ଟି ହୋଇ ବୈଷୟିକ ଜ୍ଞାନ ସହ ମିଶିଯାଏ । ଏହା ଫଳରେ ସେମାନେ ଆତ୍ମ ସନ୍ତୋଷ, ଆତ୍ମଜ୍ଞାନ ଓ ଆତ୍ମ ଚେତନ ଲାଭ କରନ୍ତି ।

ପ୍ରଶ୍ନ : ବ୍ରହ୍ମଜ୍ଞାନ ଶ୍ରବଣରେ ଯେଉଁମାନଙ୍କ ଉପରେ କିଛି ପ୍ରଭାବ ପଡ଼େ ନାହିଁ, କେବଳ ଶୁଣନ୍ତି ମାତ୍ର, ସେମାନଙ୍କର ଅବସ୍ଥା କ'ଣ ହୁଏ ? ଖାଲି ଶୁଣିବାର ଫଳ କ'ଣ କିଛି ନାହିଁ ।

ଠାକୁର : ବ୍ରହ୍ମଜ୍ଞାନୀ ଶ୍ରୋତା ଏକ, କିନ୍ତୁ ଦୁଇଟି **ସ୍ତରରେ ବିଭକ୍ତ,** ଗୋଟିଏ ସ୍ତରରେ କେବଳ ଶ୍ରୋତା (ଶୁଣି ଆନନ୍ଦ ପାଆନ୍ତି) ଓ ଅନ୍ୟ ସ୍ତରରେ **ଜିଜ୍ଞାସୁ** (ଜାଣିବାର ଇଚ୍ଛାରେ ଆବେଗ) । ଯେପରି ଗୋଟିଏ ସୂତାର ଦୁଇଟି ମୁଣ୍ଡ, ଏବଂ ଖାଲି ସୂତାଟିକୁ ଧରି ପକାଇଲେ ଦୁଇଟି ମୁଣ୍ଡ ଆପେ ଆପେ ମିଳିଯାଇଥାଏ । କେବଳ ଶ୍ରବଣ ମାଧ୍ୟମରେ ଟିକିଟିକି ଭାବ ସୃଷ୍ଟି ହୋଇ ଗଚ୍ଛିତ ହୁଏ ଓ କାଳକ୍ରମେ ତାହା ବର୍ଦ୍ଧିତ ହୋଇ ଗୃହୀତ ହୋଇଯାଏ । ଶ୍ରବଣ ଯେତେବେଳେ ଏହି ଅବସ୍ଥାରେ ପହଞ୍ଚେ ସେତେବେଳେ ଜାଣିବାପାଇଁ ପ୍ରବଳ ଆବେଗ ସୃଷ୍ଟି ହୁଏ । ଏଣୁ ପ୍ରଥମେ କେବଳ ଶ୍ରୋତା ହୋଇ ବ୍ରହ୍ମଜ୍ଞାନ ଶ୍ରବଣ କଲେ ତାହା କାଳକ୍ରମେ ମନନରେ ପରିଣତ ହୋଇଯାଏ । ଯେପରି ଦୁଗ୍ଧ କିଛିକ୍ଷଣ ପରେ ଦହି ଓ ଲହୁଣି ରୂପରେ ରୂପାନ୍ତରିତ ହୋଇ ଶେଷରେ ସାର ଘୃତରେ ପରିଣତ ହୁଏ ।

ପ୍ରଶ୍ନ : ଦଶ ମୋଦକରେ ଶିକ୍ଷାଗତ ଯୋଗ୍ୟତା ନ ମାପିବା ପରେ ଦିନ ନ ମାପିବା ପାଇଁ କହିଛନ୍ତି । ଏହି ଦିନ ନ ମାପିବାର ଅର୍ଥ କ'ଣ ?

ଠାକୁର : ହଠାତ୍ ଫଳକୁ ଚାହାଁନା ମୋଟେ ।
ଧିର ଧିର ପାଣି ପଥର କାଟେ ॥

ଏ ସୃଷ୍ଟିକୁ କୈବଲ୍ୟରୁ ଯେଉଁ ସବୁ ବିଷୟ ବିଭବ ଓ ସମ୍ପଦ ମାନ ଆସିଛି ତାହା ସମସ୍ତ ଗୋଟିଏ ଗୋଟିଏ କ୍ରମ, ପର୍ଯ୍ୟାୟ ଓ ଅବସ୍ଥା ଦେଇ ପ୍ରକାଶିତ ହୋଇ ବିକଶିତ ହୋଇଥାଏ । ସକଳ ବିଷୟ ବିକଶିତ ହେବାପାଇଁ ସମୟକୁ ଅପେକ୍ଷା କରିବା ପାଇଁ ପଡ଼ିଥାଏ । ପ୍ରାକୃତିକ ଉପାୟରେ ସବୁ ସୃଷ୍ଟିହାଇ ପ୍ରକୃତିର ନିୟମରେ ସମୟ ଚକ୍ରରେ ଦିନ ପରେ ଦିନ ଅତିକ୍ରମ କରି ଶେଷରେ ବିକଶିତ ହୁଏ । କିନ୍ତୁ ଅବୁଝା ମଣିଷ ତୁଚ୍ଛାଟାରେ ତରତର ହୋଇଥାଏ । ପ୍ରତ୍ୟେକ ପ୍ରାପ୍ତିର ମୂଳରେ ନିଶ୍ଚିତ କର୍ମମାନ ରହିଅଛି । ବିନା କର୍ମରେ କୌଣସିଠାରେ କୌଣସି କାଳରେ ଫଳ ପ୍ରାପ୍ତି ହୋଇ ପାରେ ନାହିଁ । ମଣିଷ ସମୟକୁ ଅପେକ୍ଷା ନ କରି ଦିନ ଗୁଡ଼ିକୁ ମାପିବସେ । ଦିନ ଗୁଡ଼ିକୁ ମାପ କରିବାକୁ ଧୈର୍ଯ୍ୟବୋଧର ହ୍ରାସ ହୁଏ । ଅସ୍ଥିରତାର ଭାବ ନେଇ ଫୁଲର କଢ଼କୁ ଦଳି ମକଚି ଫୁଟାଇ ଦେବାକୁ ଚେଷ୍ଟାକରେ ଫଳରେ ଫୁଲ ତ ଫୁଟି ପାରେ ନାହିଁ, ଦଳା ମକଚାରେ ବରଂ ନଷ୍ଟ ହୋଇଯାଏ । ଏଣୁ କର୍ମକର, ଦିନ ବା ସମୟକୁ ମାପ ନାହିଁ । ସମୟ ଆସିଲେ ଫଳ ନିଶ୍ଚୟ ଫଳିବ ।

ପ୍ରଶ୍ନ : ସୃଷ୍ଟି ଚକ୍ରର ନିୟମରେ ପ୍ରତ୍ୟେକ ବିଷୟରେ କର୍ମଯୋଗ ରହି ଶେଷରେ ଫଳ ପ୍ରଦାନ କରାଉଅଛି । ଏହା ଆମ୍ଭେ ସମସ୍ତେ ସାକ୍ଷ୍ୟ, ଲକ୍ଷ୍ୟ, ପ୍ରତ୍ୟକ୍ଷ ଦେଖୁଛୁ ଓ ଜାଣୁଛୁ ମଧ୍ୟ । ତଥାପି ଆମ୍ଭେ ଜାଣି ଶୁଣି ହଠାତ୍ ଫଳକୁ ପାଇବା ପାଇଁ ଚାହୁଁଛୁ କାହିଁକି ? ଆହୁରି ମଧ୍ୟ ମନରେ ଏପରି ଆଶା ଓ ବାସନା ସୃଷ୍ଟି ହେବାର କାରଣ କଣ ?

ଠାକୁର : ମଣିଷ ମରିବ ଏକଥା ମଣିଷ ଜାଣି ପୁଣି ବଞ୍ଚିବାକୁ ଚେଷ୍ଟା କରେ କାହିଁକି ?

ପ୍ରଶ୍ନ : ଆମେତ ସେହି କଥା ବୁଝି ପାରୁନୁ । ମଣିଷ ଜାଣି ଶୁଣି ପୁଣି ହଠାତ୍ ଫଳ ଲାଭ କରିବା ପାଇଁ ଉଦ୍ୟମ କରେ, କାହିଁକି ?

- କ୍ରମଶଃ

ଜନ୍ମମାତ୍ରେ ହିଁ ଜଞ୍ଜାଳ ଆସିବ । ଭକ୍ତି ଜଞ୍ଜିରରେ ଜଞ୍ଜାଳକୁ ବାନ୍ଧିଦେଲେ ଜୀବନମୁକ୍ତ ହୋଇଯିବ ।
- ଶ୍ରୀ ଗୁରୁସ୍ୱାମୀ

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

*''ଧରାବତରଣ ପାଇଁରେ*
*ହେତୁକର ମୂଳରେ*
*ଜନନୀ, ଜଠର, ଜରାୟୁ*
*ବିଭୂଷିତ ଠୁଳରେ ।''*

*ଜନନୀ, ଏ ସୃଷ୍ଟିର ଆଧାର । ତା'ର ଜଠର, ଓ ଜରାୟୁ ଜୀବର ଉତ୍ପତ୍ତି ଓ ଆଶ୍ରୟ ସ୍ଥଳ । ପବିତ୍ର ଯୋନି ହେଉଛି ଅମୃତର ପଥ । ଏହି ପଥ ମାଧ୍ୟମରେ ଅମୃତର ସନ୍ତାନ ସ୍ରଷ୍ଟାଙ୍କର ଅପୂର୍ବ ଲୀଳାଭୂମି ଧରାପୃଷ୍ଠକୁ ଅବତରି ଆସେ । ମାତ୍ର ପ୍ରକୃତରେ ବିଡ଼ମ୍ବନା ଯେ, ଏହାର ରହସ୍ୟ ଏବେ ମଧ୍ୟ ଅବୋଧ ।*

*ଅନେକ ଯୁଗର ଅବସାନ ପରେ ସମସ୍ତ ରହସ୍ୟର କର୍ତ୍ତା ସ୍ୱୟଂ ସ୍ରଷ୍ଟା ଆଜି ନିଜେ ମାତୃଗର୍ଭକୁ ପବିତ୍ର କରି ମାତୃତ୍ୱର ମହାନତାକୁ ସ୍ୱୀକାର କରି ଅଛନ୍ତି । ତାଙ୍କର କରୁଣା ହୋଇଛି ଏହି ଲୁକ୍କାୟିତ ରହସ୍ୟକୁ ଧରାପୃଷ୍ଠରେ ବିଛାଡ଼ି ଦେଇ ଅଚେତନର ହୃଦୟରେ ଚେତନାର ପ୍ରଦୀପ ଜାଳିଦେବା ପାଇଁ ।*

**ସେହି କରୁଣାର ସ୍ମାରକ ବହନ କରି ଚାଲିଛି ଏଇ ସ୍ତମ୍ଭ ସମ୍ଭବାମି ଯୁଗେ ଯୁଗେ ।''**

ପୂର୍ବାନୁସ୍ମୃତି : ''ଚରମ'' ଚତୁର୍ଥ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ପଞ୍ଚଦଶ ସଂଖ୍ୟାର ଅନୁସ୍ମୃତିରୁ ---

### (୩) ନାଦଗର୍ଦ୍ଦଣ କୋଷ :-

ଉକ୍ତ କୋଷ ଜାତିଗତ ବିକାର ଓ ଜାତିଗତ ସମତା ଉଭୟ ଭାବକୁ ଜୀବର ଗୁଣ ଅନୁସାରେ ସୃଷ୍ଟି କରାଏ । ସଂପ୍ରତି ସମାଜରେ ଜାତିଗତ ବିକାର ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି । ଏ ସମସ୍ତ ବିକାର ମନୁଷ୍ୟ ଶରୀରରେ ଥିବା ଏହି ନାଦଗର୍ଦ୍ଦଣ କୋଷ ଦ୍ୱାରା ହିଁ ନିୟନ୍ତ୍ରିତ ହେଉଅଛି । ପୂର୍ବରୁ କୁହାଯାଇଛି, ଜୀବ (ମନୁଷ୍ୟ) ଯେଉଁ ପଥ, ଯେଉଁ ମତ ଦେଇ ଗତି କରୁଥାଏ, ନାଦଗର୍ଦ୍ଦଣ କୋଷ କେବଳ ସେହି ମତର ସ୍ମାରକ ବହନ କରିଥାଏ । ତେଣୁ ଧରାପୃଷ୍ଠରେ ନରଲୋକ ଜାତିବାଦର ପ୍ରକୃତ ରହସ୍ୟ ଭେଦ କରି ନଥିବାରୁ କୋଷ ପ୍ରକୃତ ତଥ୍ୟ ସମ୍ପର୍କରେ ଅନଭିଜ୍ଞ/ଅଜ୍ଞ ରହି କେବଳ ସ୍ଥୂଳରେ ପ୍ରଚଳିତ ବିକାର ଭାବଟିକୁ ବୀଜେନ୍ଦ୍ରିୟ ବୃତ୍ତି ଦ୍ୱାରା ଟୋକି ରଖିଅଛି । ଏହା ଫଳରେ ଆଜି ମନୁଷ୍ୟ ସମାଜରେ ଭୟଙ୍କର ବର୍ଣ୍ଣ ବୈଷମ୍ୟ ଦୃଢ଼ ଆସ୍ଥାନ ଜମାଇ ଦେଇଛି ।

ବାସ୍ତବରେ ସୂକ୍ଷ୍ମ ଜାତିବାଦ ମନୁଷ୍ୟକୃତ ନୁହେଁ । ଏହା ଯଦି ମନୁଷ୍ୟକୃତ ହୋଇଥାନ୍ତା, ତେବେ ମହାପୁରୁଷ, ମହାତ୍ମା, ସମାଜ ସଂସ୍କାରକ, ଧର୍ମଗୁରୁ, ଜ୍ଞାନୀ ପୁରୁଷ ମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ସମାଜରୁ ଏ ଜାତିଗତ ବିକାରର କଳଙ୍କ କାଳିମା ଦୂରୀଭୂତ ହୋଇ ଯାଇ ଥାଆନ୍ତା । ମାତ୍ର, ତାହା ହୋଇ ପାରୁ ନାହିଁ, କାହିଁକି ? ଏହାର ପ୍ରକୃତ କାରଣ କ'ଣ ? ସେମାନଙ୍କର ସମସ୍ତ କ୍ରିୟା ପରେ ମଧ୍ୟ ତଥା କଥିତ ନୀଚଜାତି ସର୍ବଦା ଓ ସର୍ବଥା

ଉଚ୍ଚଜାତିଦ୍ୱାରା ଲାଞ୍ଛିତ, ଅପମାନିତ, ଘୃଣିତ, ଶୋଷିତ, ହୋଇ ଚାଲିଛନ୍ତି । ସେମାନଙ୍କର ଆର୍ଥିକ ମାନଦଣ୍ଡ ଦାରିଦ୍ର୍ୟର ସୀମାରେଖା ତଳେ ରହି ଯାଉଛି ଏବଂ ସେମାନେ ପୂର୍ବବତ୍ ନୀଚ ସ୍ତରରେ ଅପରିବର୍ତ୍ତନୀୟ ହୋଇ ରହିଯାଉଛନ୍ତି । ସରକାରୀ ଆଇନର ଭୟରେ ମୁହଁରେ ସେମାନଙ୍କର ପ୍ରଶସ୍ତି ଗାନ କରାଯାଉଥିଲେ ମଧ୍ୟ ଅନ୍ତରରେ ଘୃଣାଭାବ ଜମାଟ ବାନ୍ଧି ରହୁଛି । ଏହାର ପ୍ରକୃତ କାରଣ ହେଉଛି ଆଧ୍ୟାତ୍ମିକ ସୂତ୍ରରେ ଗ୍ରଥିତ ହୋଇଥିବା ଜାତି ସମସ୍ୟାର ରହସ୍ୟ ଏ ଯାଏ ଉନ୍ମୋଚିତ ହୋଇ ପାରି ନାହିଁ । ଫଳରେ ଜୀବ ଶରୀରରେ ଥିବା ନାଦଗର୍ଦ୍ଦଣ କୋଷଟି ସ୍ରଷ୍ଟାଙ୍କର ଏହି ମହନୀୟ ସୃଷ୍ଟିର ଚିତ୍ର ଉନ୍ମୋଚନ କରି ପାରୁ ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ମନୁଷ୍ୟ ଅଜ୍ଞାନତାର ଏହି ଜବାପରଦାକୁ ଅତିକ୍ରମ କରି ନିଜର କୋଷକୁ ଉନ୍ନତ କରାଇ ନ ପାରିଛି, ସେ ପର୍ଯ୍ୟନ୍ତ ସମାଜରୁ ଏ ଜାତିଗତ ବିକାରର ବିଭୀଷିକା କଦାପି ଦୂରୀଭୂତ ହୋଇ ପାରିବ ନାହିଁ ।

ଜାତି, ସ୍ରଷ୍ଟାଙ୍କର ସୃଷ୍ଟି ରହସ୍ୟର ଏକ ଅଂଶ । ସୃଷ୍ଟି ଆରମ୍ଭରୁ ହିଁ ଜାତିବାଦ ଅଛି । କିନ୍ତୁ ସେ ଜାତିବାଦ ଏଠାରେ ପ୍ରଚଳିତ ଜାତିବାଦ ନୁହେଁ । ସେଠାରେ ମାତ୍ର ଦୁଇଗୋଟି ଜାତି, ଯଥା - ପୁରୁଷ ଜାତି ଓ ନାରୀଜାତି । ଏହି ଜାତି ଦୁଇଟି ମଧ୍ୟରେ କୌଣସି ପ୍ରକାର ବୈରତା ନାହିଁ । ବିଦ୍ୱେଷ ନାହିଁ । ଘୃଣା, ଅସ୍ପୃଶ୍ୟତାର ଚିହ୍ନ ମଧ୍ୟ ନାହିଁ ।

ଗୋଟିଏ ଫୁଲ ହଠାତ୍ ପୂର୍ଣ୍ଣ ବିକଶିତ ହୋଇ ପ୍ରସ୍ଫୁଟିତ ହୁଏ ନାହିଁ । କଢ଼ ଧାରଣ କରି ଧିରେ ଧିରେ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୁଏ । ସେହିପରି ଜୀବ, ଜନ୍ମମାତ୍ରେ ହଠାତ୍ ପରିଣତ, ପରିପକ୍ୱ ଅବସ୍ଥାରେ ପହଞ୍ଚି ପାରେ ନାହିଁ । ଜୀବନ - ଚକ୍ରରେ କ୍ରମାନ୍ୱୟରେ ତା'ର ଅବସ୍ଥା ପରିବର୍ତ୍ତନ ହୋଇ ଶେଷରେ ପୂର୍ଣ୍ଣ ହୁଏ । ମନୁଷ୍ୟ ପରିଣତ ବୟସରେ ପହଞ୍ଚିବା ପାଇଁ ଚାରୋଟି ଅବସ୍ଥା ଦେଇ ଗତିକରେ । ଯଥା - ଶୈଶବ, କୈଶୋର, ଯୌବନ ଓ ପ୍ରୌଢ଼ । ଏହି ଚାରି ଅବସ୍ଥା ହିଁ ତାର ପୂର୍ଣ୍ଣାଙ୍ଗ ପାଇଁ କ୍ରମ ବିକାଶର ସୋପାନ । ଏଠାରେ ଲକ୍ଷ୍ୟ କରିବା କଥା - ମନୁଷ୍ୟ ଜଣେ । କିନ୍ତୁ ପ୍ରତି ଅବସ୍ଥାର କ୍ରିୟା, କର୍ମ, ତଥା ଶାରିରୀକ ଅବସ୍ଥାକୁ ନେଇ ଶରୀରର ଚାରିଗୋଟି ସ୍ତରକୁ ଚାରିଗୋଟି ନାମରେ ନାମିତ କରାଯାଇଛି । ଜଣେ ବ୍ୟକ୍ତି ତା'ର ଶୈଶବ, କୈଶୋରରେ ସମାଜର ଯେଉଁ ସ୍ଥାନ ବା ଆସନ ପାଉଛି, ଯୌବନ ଅବସ୍ଥାରେ କ'ଣ ସେହି ସ୍ଥାନ ଓ ଆସନ ପାଉଛି ? ଯୌବନ ଅବସ୍ଥାରେ ଯେଉଁ ବିଚାର ପାଉଛି, ପ୍ରୌଢ଼ାବସ୍ଥାରେ କ'ଣ ସେହି ବିଚାର ସମାଜରୁ ପାଉଛି ? ଠିକ୍ ସେହିପରି ବୟସ କର୍ମଧାରା ଓ ମାନସିକ ଅବସ୍ଥାର ପରିପକ୍ୱତା ନେଇ ଘନ ଘନ ପରିବର୍ତ୍ତନ ହେଉଥିବା ବ୍ୟକ୍ତିକୁ ତା'ର ଏହି ପରିବର୍ତ୍ତିତ ଅବସ୍ଥା ପାଇଁ କ'ଣ ତା'ର ପରିବାର ତଥା ସମାଜ ତାକୁ ଘୃଣା କରୁଛନ୍ତି ? ହେୟ ଜ୍ଞାନ କରି ଅବହେଳା କରୁଛନ୍ତି ? ନା, ବରଂ ତା'ର କ୍ରମବିକାଶ ପାଇଁ ତାକୁ ଆବଶ୍ୟକୀୟ ଇନ୍ଧନ ଯୋଗାଇ ସାହାଯ୍ୟ କରୁଛନ୍ତି ।

ଠିକ୍ ଏହିଭାବ, ଅନୁରୂପ କ୍ରିୟାରେ "ଅମୃତର କଣିକା, ଜୀବଟିଏ ପ୍ରଥମେ କୀଟ, ପତଙ୍ଗ ହୋଇ ଯଥାକ୍ରମେ ମନୁଷ୍ୟ ଶରୀର ପ୍ରାପ୍ତ ହେଉଅଛି । ମନୁଷ୍ୟ ଶରୀରରେ ପହଞ୍ଚିବା ପର୍ଯ୍ୟନ୍ତ ସ୍ରଷ୍ଟାଙ୍କର ଆଜ୍ଞା, ଆଶୀର୍ବାଦ ଲାଭ କରି ଆସୁଅଛି । ତେଣୁ କ୍ରମ ବିକାଶ ପାଇଁ ସେ ପର୍ଯ୍ୟନ୍ତ ତା'ର କୌଣସି ନିଜସ୍ୱ ସାଧନର ପ୍ରୟୋଜନ ନାହିଁ । କିନ୍ତୁ ଥରେ ମନୁଷ୍ୟ ଜନ୍ମ ସ୍ତରକୁ ଆସିଗଲେ ସେହିଦିନଠାରୁ ତା'ର ଆତ୍ମିକ ଉନ୍ନତି ପାଇଁ ନିଜସ୍ୱ ସାଧନର ଆବଶ୍ୟକ ହୁଏ ।

ଦେବମଣ୍ଡଳ, ଗ୍ରହମଣ୍ଡଳ, ନକ୍ଷତ୍ର ମଣ୍ଡଳ ପରି, ଶକଟକ ମଣ୍ଡଳର ଉର୍ଦ୍ଧ୍ୱରେ ଜାତିମଣ୍ଡଳ ଅଛି । ଜୀବର କ୍ରମବର୍ଦ୍ଧମାନ ଅବସ୍ଥାକୁ ଲକ୍ଷ୍ୟରଖି ଏହି ସୂକ୍ଷ୍ମ ଜାତିମଣ୍ଡଳରୁ ସୂକ୍ଷ୍ମପିଣ୍ଡ ଗଠିତ ହୋଇ ସ୍ଥୂଳରେ ଶକଟକ ମଣ୍ଡଳ ଜରିଆରେ "ପିଣ୍ଡପୁରୁଷ" ଯାନରୁ ସୂକ୍ଷ୍ମ ଇନ୍ଦ୍ରିୟ, ସୂକ୍ଷ୍ମ ପ୍ରକୃତି ତୋଳି ଆଲୋକସ୍ରୋତ ଦ୍ୱାରା ରଜବୀର୍ଯ୍ୟର ସଂଯୋଗରୁ ଧରାପୃଷ୍ଠକୁ ଆସି ପ୍ରାଣପବନ ଦ୍ୱାରା ମାତୃଗର୍ଭରେ ସ୍ଥୂଳପିଣ୍ଡ ଧାରଣ କରୁଛି । ଏହିଠାରେ ଧିରେ ଧିରେ ତା'ର ଶରୀର ଗଠନ ପୂର୍ଣ୍ଣାଙ୍ଗ ହୋଇଯିବା ପରେ ପବିତ୍ର ମାତୃଯୋନି ମାଧ୍ୟମ ଦେଇ ସ୍ଥୂଳ ଶରୀର ନେଇ ଧରାପୃଷ୍ଠକୁ ଅବତରି ଆସୁଛି ।

ପ୍ରଥମଥର ପାଇଁ କୀଟ, ପତଙ୍ଗାଦି ଅବସ୍ଥା ଅତିକ୍ରମ କରି ମନୁଷ୍ୟ ଶରୀରକୁ ଉନ୍ନୀତ ହୋଇଥିବା ବ୍ୟକ୍ତିଟିର

(ନାରୀ ବା ପୁରୁଷ ଉଭୟ ଜାତି ପାଇଁ ପ୍ରଯୁଜ୍ୟ) ନାଦଗର୍ଦ୍ଦଣ କୋଷ ଆଦୌ ତତ୍ତ୍ୱଗ୍ରହଣ କ୍ଷମ ହୋଇ ନ ଥାଏ । ମନୁଷ୍ୟର ଜନ୍ମର ପ୍ରଥମ ସୋପାନରୁ ହିଁ କୋଷଟି ଧିରେ ଧିରେ ସାମାଜିକ ଚଳନିରେ ଅଭ୍ୟସ୍ତ ହୋଇ ସେହି ପଥ ଓ ମତକୁ ତାର ଭିତରେ ସାଇତି ରଖେ ଓ ତଦନୁସାରେ ଜୀବକୁ ପରିଚାଳିତ କରେ । ଏହି ଅବସ୍ଥାରେ, ସୂକ୍ଷ୍ମ ଜାତି ମଣ୍ଡଳର ସ୍ଥିତ ଦୁଇ ଜାତି (ପ୍ରକୃତି ଓ ପୁରୁଷ)ର ବିଭେଦତା (ବିକାରଭାବ ନୁହେଁ) ସୂକ୍ଷ୍ମରେ ତା' ଭିତରେ ଥାଏ । କିନ୍ତୁ ସ୍ଥୂଳରେ ଏହି ବିଭେଦତାର କାରଣ ନିର୍ଣ୍ଣୟ କରିବାକୁ ସକ୍ଷମ ହୋଇ ପାରେ ନାହିଁ । ଫଳରେ କ୍ରମଶଃ ଏହି ବିଭେଦତା ବିକାର, ଘୃଣା, ବିଦ୍ୱେଷ, ଅସ୍ପୃଶ୍ୟ, ଭାବକୁ ରୂପାନ୍ତରିତ ହୋଇଯାଏ । ଜାତିର ଅସଲ ତତ୍ତ୍ୱ ଲୁକ୍କାୟିତ ହୋଇ ରହିଯାଏ । ଏହି ଅଶୁଦ୍ଧ ଅର୍ଥରେ ଜାତିବାଦ ଶରୀର ଓ ମନରେ ଆସ୍ଥାନ ଜମାଇ ଦିଏ ।

ପ୍ରଥମ ପର୍ଯ୍ୟାୟ ମନୁଷ୍ୟ ଶରୀର ''ଜୀବର ବ୍ରହ୍ମାଭିମୁଖୀ'' ହେବାର ପ୍ରଥମ ସୋପାନ ବା ସ୍ତର । ଠିକ୍ ଫୁଲରେ କଢ଼ ପରି ଏବଂ ମନୁଷ୍ୟ ଜନ୍ମର ଶୈଶବ ଅବସ୍ଥା ପରି । ଏହିଠାରୁ କ୍ରମଶଃ ତା'ର ବୋଧଶକ୍ତି ସାହାଯ୍ୟରେ ତାକୁ ଗୋଟିକ ପରେ ଗୋଟିଏ ସ୍ତର ଅତିକ୍ରମ କରି ଶେଷରେ ନିଜର ଉପ୍ରଭିସ୍ଥଳ ବ୍ରହ୍ମମଣ୍ଡଳରେ ପହଞ୍ଚିବାକୁ ହୁଏ । ଆତ୍ମିକ ଉନ୍ନତିର ଏହି କ୍ରମ ବିକାଶ ଅବସ୍ଥାକୁ ତିନି ଭାଗରେ ବିଭକ୍ତ କରାଯାଇଅଛି । ଯଥା - ନୀଚ ବା ନିମ୍ନ, ଉଚ୍ଚ ଓ ମହତ ସ୍ତର । ଏହି କ୍ରମ ପର୍ଯ୍ୟାୟ ଉଭୟ ଜାତିକୁ (ନାରୀ ଓ ପୁରୁଷ) ଅତିକ୍ରମ କରିବାକୁ ପଡ଼େ । ଉକ୍ତ ଅବସ୍ଥାଗୁଡ଼ିକ ଉପରେ ଆଲୋଚିତ ''ଜାତିର'' ଅଂଶୀୟ ସ୍ତର ହୋଇ ଥିବାରୁ ସ୍ଥୂଳରେ (ସମାଜରେ) ଏଗୁଡ଼ିକ ଜାତି ବୋଲି ନାମ କରଣ କରାଯାଇଛି । ଏହା ମଧ୍ୟ ସେହି ନାଦଗର୍ଦ୍ଦଣ କୋଷର ଅପରିପକ୍ୱ କ୍ରିୟାର ପରିଣାମ । କାରଣ ଜୀବର (ମନୁଷ୍ୟ) ଗୋଟିଏ ଅବସ୍ଥା ତାର ମୌଳିକ ପରିଚୟକୁ ବିଲୁପ୍ତ କରି ପାରେନା । ଉଦାହରଣ ସ୍ୱରୂପ ''ଯୌବନ, ମନୁଷ୍ୟର ଗୋଟିଏ ଅବସ୍ଥା । ସେଠାର କ'ଣ ତାକୁ ସେହି ମନୁଷ୍ୟ ବୋଲି ସମ୍ବୋଧନ କରାଯିବ ନା ''ଯୌବନ, ବୋଲି ସମ୍ବୋଧନ କରାଯିବ ? ସୁତରାଂ ନୀଚ, ଉଚ୍ଚ ଓ ମହତ ଜାତି, ବୋଲି ନାହିଁ । ଏଗୁଡ଼ିକ ଉଭୟ ଜାତିର (ନାରୀ ଓ ପୁରୁଷ) କ୍ରମବର୍ଦ୍ଧମାନ ଅବସ୍ଥା, ବା ସୋପାନ ବା ସ୍ତର ।

ମନୁଷ୍ୟ ଜନ୍ମର ପ୍ରଥମ ପର୍ଯ୍ୟାୟ ହିଁ ନୀଚ ବା ନିମ୍ନ ସ୍ତର । ଯାହାକୁ ଅପରିପକ୍ୱ ନାଦଗର୍ଦ୍ଦଣ କୋଷର ଅଧିକାରୀ ବ୍ୟକ୍ତିମାନେ ନୀଚ ଜାତି ବୋଲି ସମ୍ବୋଧନ କରିଥାଆନ୍ତି । ମାତ୍ର ସେମାନେ ଭୁଲିଯାଇ ଥାଆନ୍ତି ଯେ, ସେମାନେ ମଧ୍ୟ ଏହି ନୀଚ ସୋପାନରୁ ହିଁ ତାଙ୍କର କର୍ମଧାରା ଆରମ୍ଭ କରିଛନ୍ତି । ତେବେ, ଅଧିକ ବୋଧଗମ୍ୟ ହେବାର ଲକ୍ଷ୍ୟ ରଖି ସଂପ୍ରତି ସମାଜରେ ପ୍ରଚଳିତ ନାମକରଣ ଅନୁଯାୟୀ ଉକ୍ତ ସ୍ତରକୁ ''ଜାତି, ବୋଲି ପରିଚୟ ରଖି ଆଲୋଚନା କରାଯାଉଅଛି ।

ଏହି ତଥାକଥିତ ନୀଚଜାତିଠାରୁ ମନୁଷ୍ୟ କ୍ରମଶଃ ଉଚ୍ଚ ଓ ମହତ ଅବସ୍ଥାକୁ ପ୍ରାପ୍ତ ହୋଇ ନିଜର କର୍ମ ଓ ସାଧନ ମାଧ୍ୟମରେ ବ୍ରହ୍ମ ଉପଲବ୍ଧ ହୋଇ ଜନ୍ମ ମୃତ୍ୟୁକୁ ଏଡ଼ାଇ ଦେଇପାରେ । ଆଲୋଚ୍ୟ ଅବସ୍ଥା ଚକ୍ର ''ଦୁବୃନ୍ତ'' କୋଷ ମଣ୍ଡଳର ସୂକ୍ଷ୍ମ କଥା ।

ପ୍ରଥମ ପର୍ଯ୍ୟାୟରେ ମନୁଷ୍ୟ ସମ୍ପୂର୍ଣ୍ଣ ଅଜ୍ଞ ଓ ଅନଭିଜ୍ଞ ଥାଏ । କିନ୍ତୁ ଉଭୟ ଜାତି ମଧ୍ୟରେ ମାତୃ ଜାତିର ତ୍ୟାଗ ଅବର୍ଣ୍ଣନୀୟ । କାରଣ ତା'ର ଅଜ୍ଞତା ସତ୍ତ୍ୱେ, ଜୀବର କ୍ରମ ବିକାଶ ଧାରାର ମୁଖ୍ୟ ଦାୟିତ୍ୱ ସେ ହିଁ ନିର୍ବିକାର, ନିର୍ବିଚାର ଭାବରେ ଗ୍ରହଣ କରିଥାଏ । ଯଥା - ଜଠର ଓ ଜରାୟୁରେ ଜୀବକୁ ଧାରଣ କରେ ରକ୍ତ ଖୁଆଇ ଶରୀର ଗଠନ କରାଏ । ଅବଶେଷରେ ପବିତ୍ର ଯୋନି ମାର୍ଗ ଦେଇ ତାକୁ ଧରା ପୃଷ୍ଠକୁ ଛାଡ଼ି ଦିଏ । ପ୍ରତି ସୋପାନର ସାଧନ କରି ପରବର୍ତ୍ତୀ ଅବସ୍ଥାକୁ ଉନ୍ନୀତ ହେବାପାଇଁ ଜୀବ ଏହି ଜନନୀ, ଜଠର, ଜରାୟୁ ଓ ଯୋନୀର ଆଶ୍ରୟ ନେବାକୁ ବାଧ୍ୟ ହୁଏ । ତେଣୁ ନାରୀ ସର୍ବଦା, ସର୍ବଥା ଚିର ବନ୍ଦନୀୟା, ନମସ୍ୟା ଓ ତା'ର ଜଠର, ଜରାୟୁ ଯୋନୀ ମନ୍ଦାକିନୀ ପରି ସଦା ପବିତ୍ର ଓ ପ୍ରଭାସାଦି ପରି ମହାତୀର୍ଥ । ସେଥିପାଇଁ ପ୍ରକାର ଭେଦରେ ନାରୀ ଜାତିର ବିଭିନ୍ନ ଅବସ୍ଥା ସମାଲୋଚନା ପରିସରର ବହୁ ଊର୍ଦ୍ଧ୍ୱରେ । ମାତ୍ର କ୍ରମାବସ୍ଥା ଓ କର୍ମାବସ୍ଥାକୁ ବିଚାରକୁ ନେଇ ଠିକ୍ ଉପର ଆଲୋଚିତ କ୍ରମରେ ମାତୃଯୋନିକୁ ମଧ୍ୟ ତିନି ଭେଦରେ ନାମିତ କରାଯାଇଛି । ଯଥା - ନୀଚଯୋନୀ ଉଚ୍ଚଯୋନୀ ଓ ମହତ ଯୋନୀ ।

କ୍ରମଶଃ...




"ବୀର ସନ୍ତାନ ଚରମରେ ମୋର, କଲ୍ୟାଣ ଦେଲି ତୋତେ ।
ଚିର ସନ୍ତୋଷ ଲଭରେ ପ୍ରକୃତି ସାଧନାରେ ଅନୁରତେ ॥"

**ପରମ ପ୍ରେମମୟ କରୁଣା ସାଗର ଭକ୍ତବତ୍ସଳ ପ୍ରଭୁପାଦ ଗୁରୁସ୍ୱାମୀ ଠାକୁରେ ସ୍ୱହସ୍ତ ଲିଖିତ ଏହି ପତ୍ର ମାଧ୍ୟମରେ 'ଚରମ'ର ପ୍ରତ୍ୟେକ ପୃଷ୍ଠାର ପ୍ରତିଟି ପାଙ୍କ୍ତିଦ୍ୱାରେ ଆମପରି ଅଗଣିତ ଅନୁରକ୍ତ ସନ୍ତାନସନ୍ତତିଙ୍କୁ କଲ୍ୟାଣର ଅବାରିତ ଧାରାରେ ସିକ୍ତ କରି ଦେଉଅଛନ୍ତି । ପ୍ରତ୍ୟକ୍ଷ ଗୁରୁଙ୍କଠାରୁ ଏହି କଲ୍ୟାଣ ରୂପକ ଦିବ୍ୟଧନ ଲାଭ କରି ଆମେ ନିଜକୁ ଅତୀବ ଭାଗ୍ୟବାନ ମନେ କରୁଁ । ଏହାରି ମାଧ୍ୟମରେ ପ୍ରଭୁ ଆମର ଦୈନନ୍ଦିନ ଦିନଚର୍ଯ୍ୟା, ଆଚରଣ, ସ୍ୱଭାବ, ସାଧନା ଆଦିର ନିର୍ଦ୍ଧାରଣ କରି ଚାଲିଛନ୍ତି ଅସୀମ ଧୈର୍ଯ୍ୟର ସହିତ, ନାହିଁ ଶ୍ରାନ୍ତି, ନାହିଁ କ୍ଳାନ୍ତି । ଭାଇଭଉଣୀମାନେ ଆପଣଙ୍କୁ ଏହାହିଁ 'ଚରମ'ର ଶ୍ରେଷ୍ଠ ଉପହାର । ଆସନ୍ତୁ, ପ୍ରଭୁଙ୍କର କଲ୍ୟାଣଭରା ଏହି 'କଲ୍ୟାଣ ଦେଲି ତୋତେ' ପ୍ରତିଦିନ ମନପ୍ରାଣ ଦେଇ ପାଠ କରି ନିଜନିଜକୁ ତାଙ୍କରି ମନହତାଇଚ୍ଛାରେ ଗଢ଼ି ତୋଳିବା । ଶୁଦ୍ଧ ଆଚରଣ ଓ ଶୁଦ୍ଧ ଚିନ୍ତା ଆହରଣ, ସଂରକ୍ଷଣ କରି ନିଜନିଜର ଜନ୍ମ ଓ ଜୀବନକୁ ଧନ୍ୟ କରିବା, ସାର୍ଥକ କରିବା ।**

## ଧର୍ମନନ୍ଦନ 'ଚରମ'ରେ ମୋର :

ଏ ଧରାଧାମରେ ଅବତୀର୍ଣ୍ଣ ହୋଇ ତୁ ଏ ମଧ୍ୟରେ ପନ୍ଦର ଗୋଟି ସୋପାନ ଅତିକ୍ରମ କରି ଷୋଡ଼ଶ ସୋପାନରେ ପାଦ ଦେଲୁଣି । ମୋର ବାଣୀ ସହର ନଗରରେ, ପୁରପଲ୍ଲୀର ଘରେ ଘରେ ଦ୍ୱାରେ ଦ୍ୱାରେ ଶତସହସ୍ର ଅନୁଗତଙ୍କ କାନରେ ପକାଇଲୁଣି । ମୁଁ କିନ୍ତୁ ତୋର ଅନ୍ତଃସ୍ଥଳକୁ ଲକ୍ଷ୍ୟ କରି ଦୁଃଖ ପାଉଛି । କାହିଁକି ଜାଣୁ ? ମୋର ପ୍ରବକ୍ତା ସାଜି, ମୋରି କଥା ଅନ୍ୟମାନଙ୍କୁ କହି ତୁ ତୋର ପ୍ରିୟ ଶ୍ରୋତା ମାନଙ୍କଠାରୁ ଯେଉଁ ଆଦର, ଅଭ୍ୟର୍ଥନା ଓ ପ୍ରଶଂସା ବାଣୀ ଶୁଣୁଛୁ ବା ପାଉଛୁ, ତଦ୍ଦ୍ୱାରା ତୋ ଅନ୍ତଃକରଣରେ ଗର୍ବ, ଅହଂକାର ଆଉ ବଡ଼ପଣିଆ କ୍ରମଶଃ ଠୁଳ ହୋଇ ଯାଉଛି । ଏହାହିଁ ମୋର ଦୁଃଖର କାରଣ । ଏଥର ବୁଝିଲୁ ତ ?

ତୋଠାରେ ଗର୍ବ ଅହଂକାର ଶୋଭା ପାଏନାରେ ଧନ । ପୂର୍ବରୁ ତୋତେ ବାରମ୍ବାର ଚେତେଇ ଦେଇ କହିଛି ପରା : ଗର୍ବ ଅହଂକାର ପରମାର୍ଥ ପଥରେ କଣ୍ଟା ସଦୃଶ । ପ୍ରକୃତ ଅର୍ଥରେ ପରମାର୍ଥୀର ଅନ୍ତରରେ ଲେଶମାତ୍ର ଗର୍ବ ଅହଂକାର ନ ଥାଏ । ଲବମାତ୍ର ବଡ଼ପଣିଆ, ରହେ ନାହିଁ । ପ୍ରକୃତ ପରମାର୍ଥୀ ଅଣୁମାତ୍ର ସମ୍ମାନ ଖୋଜେ ନାହିଁ । କାରଣ, ଏ ସବୁ ଅନିତ୍ୟ । ଏପରି ଅନିତ୍ୟ ଭାବତରଙ୍ଗରେ ଭାସି ବୁଲିଲେ, ନିତ୍ୟ ସତ୍ୟ ସନାତନର ସନ୍ଧାନ ସେ ପାଇପାରିବ ନାହିଁ । ଏହା କ'ଣ ତୁ ଜାଣୁନା ? ଅନ୍ୟମାନଙ୍କୁ ଏ କଥା କେତେ ସୁନ୍ଦର ଭାବରେ ବୁଝାଇ କହୁଛୁ, ହେଲେ ନିଜ ବେଳକୁ ଭୁଲି ଯାଉଛୁ କିପରି ? (କହି ଦେଉଥାଉ ପରକୁ । ବୁଦ୍ଧି ନ ଦିଶଇ ଘରକୁ ।) କାହିଁକି ଏପରି ବିଲକ୍ଷଣ ତୋଠାରେ ଦେଖାଯାଉଛି, ଜାଣୁ ? କାରଣ, ତୋର ମୁହଁର କଥା ମୁହଁରେ ହିଁ ରହିଯାଉଛି । ତାହା ତୋର ଆଚରଣ ସିଦ୍ଧ ହୋଇନାହିଁ । ଆଚରଣ ନ କରି ଉଚ୍ଚାରଣ କଲେ, ତୋ କଥା ଅନ୍ୟମାନଙ୍କ ଉପରେ ସୁଦୂର ପ୍ରସାରୀ ଚିରସ୍ଥାୟୀ ପ୍ରଭାବ କିପରି ପକାଇବ, ଭାବୁନୁ ଥରେ ?

ତୁ ନିଶ୍ଚୟ ଜାଣିଛୁ ଯେ ମୁଁ ନିଷ୍କ୍ରିୟ । ଭାବର ଅଭାବରେ ମୁଁ ନିଷ୍କ୍ରିୟ । କିନ୍ତୁ ମୋର ପ୍ରିୟ ସନ୍ତାନର ଭାବରେ ମୁଁ ସକ୍ରିୟ । ମୋ ପ୍ରିୟ ସନ୍ତାନର ଭାବକୁ ସକ୍ରିୟ କରି, ସେହି ଭାବରାଜିର ସକ୍ରିୟତା ମଧ୍ୟରେ ମୁଁ ମୋର କାର୍ଯ୍ୟ ନାହିଁ ନେଇ ଯାଇଥାଏ । ଫଳରେ, ମୋ ସକ୍ରିୟତାର ଗୁଣ, ଆଦର୍ଶ, ମହିମା, ସୁରୁଚି ଆଦି ସନ୍ତାନ ମାନଙ୍କର ଚରିତ୍ର, ଆଚରଣ ଓ କର୍ମରେ ଉଦ୍ଭାସିତ ଓ ପ୍ରତିବିମ୍ବିତ ହୋଇ ସେମାନଙ୍କର ନୂତନ ସଂସ୍କାର ତୋଳେ । ଏହାଦ୍ୱାରା ସଂସାରରେ ସମସ୍ତ ଧର୍ମକର୍ମ ସମ୍ପାଦିତ ହୋଇଥାଏ ।

ଧନରେ, ଅହଂକାର ରୂପୀ ରାକ୍ଷସର ଆୟତ୍ତାଧୀନ ହେବୁ ନାହିଁ । ଜାଣିବୁ କି, ଅହଂକାର ତୋତେ ନିଃଶେଷ କରିଦେବ । ସଂସାରରୁ ବାହାରି ଆସି କୁରୁକ୍ଷେତ୍ରରେ ପଦାର୍ପଣ କଲୁ । କର୍ମଯୋଗ, ଧ୍ୟାନ, ଧାରଣା, କଲୁ । ତୋ ଶ୍ରୀ ଗୁରୁସ୍ୱାମୀଙ୍କର ପ୍ରତ୍ୟକ୍ଷ ସେବାରେ ନିଜକୁ ନିଜେ ନିଯୁକ୍ତ କଲୁ । ତଥାପି କିପରି ସେହି ଅହଂକାର ଦାନବ ତୋ ମଧ୍ୟରେ ବଂଶ ବିସ୍ତାର କରି ଚାଲିଛି ? ମନେ ରଖିଥିବୁ - ଜଣେ ଯେତେ ପାରଙ୍ଗମ ହେଲେ ମଧ୍ୟ, ଗୋଟିଏ ମାତ୍ର ଜୀବାର ଅଧିକାରୀ । ଭାବି ଦେଖିଲୁ, ଗୋଟିଏ ମାତ୍ର ଫୁଲରେ କ'ଣ ମାଳାଟିଏ ତିଆରି ହୋଇ ପାରିବ କି ? ସୁନ୍ଦର ମାଳାଟିଏ ତିଆରି କରିବା ପାଇଁ ଅନେକ ଗୁଡ଼ିଏ ସୁବାସିତ ଫୁଲର ଆବଶ୍ୟକ । ସୂତାଟିଏ ଆବଶ୍ୟକ । ଗୁନ୍ଥିବା ପାଇଁ ଜଣେ ମାଳି ଆବଶ୍ୟକ । ତା' ହେଲେ ସିନା ମାଳାଟିଏ ପ୍ରସ୍ତୁତ ହୋଇପାରିବ । ସେହି ମାଳାଟି ଦିଅଁଙ୍କର ମନଲାଖି ହୋଇ ପାରିବ । ଦିଅଁଙ୍କ ଗଳାରେ ଶୋଭା ପାଇବ । ନୁହେଁ ? ଏହା ମଧ୍ୟ ସତ ଯେ ଫୁଲ ଫୁଲ ମଧ୍ୟରେ ରଙ୍ଗର, ବାସନାର, ଗଢ଼ଣର, ସୌନ୍ଦର୍ଯ୍ୟର ତାରତମ୍ୟ ଅବଶ୍ୟ ରହିଥାଏ, ରହିଛି । ରୂପ, ଗୁଣ, ଗଢ଼ଣରେ ସ୍ୱତନ୍ତ୍ର ହେଲେ ମଧ୍ୟ ତାହା ଦିଅଁଙ୍କର ଭୋଗ୍ୟ । ତେଣୁ ଏଥିରେ ସାନ, ବଡ଼, ଅହଂଜ୍ଞାନ ଭେଦାଭେଦ, ପରଆପଣାର ପ୍ରଶ୍ନ ଉଠୁଛି କିପରି ? ବରଂ ପରସ୍ପର ମଧ୍ୟରେ ଐକ୍ୟଭାବ ତୋଳି ସଂହତି ରକ୍ଷାର ଭାବ ହିଁ ସର୍ବାଙ୍ଗ ସୁନ୍ଦର । ଶରୀର ସୌନ୍ଦର୍ଯ୍ୟ କାହାକୁ କେଇ ? ବାହ୍ୟ ଅଙ୍ଗ ପ୍ରତ୍ୟଙ୍ଗର ସାଜସଜ୍ଜା, ପୋଷାକ ପରିଚ୍ଛଦ, ଅଳଂକାରାଦି ଶାରୀରିକ ସୌନ୍ଦର୍ଯ୍ୟର ପ୍ରକୃତ ମାପକାଠି ନୁହେଁରେ । ତମର ଅନ୍ତର୍ନିହିତ ଭାବ, ତମ ଅନ୍ତଃକରଣର ଗୁଣ, ତମର ସୁନ୍ଦର ବିଚାର ବୁଦ୍ଧି, ସରଳ ନିଷ୍କପଟ ଆଚରଣ, ତମର କୋମଳ ମଧୁର ଭାଷା ହିଁ ତମର ନିତ୍ୟ ସୌନ୍ଦର୍ଯ୍ୟ । ଏହି ନିତ୍ୟ ସୌନ୍ଦର୍ଯ୍ୟ ହିଁ ଆମେ ଉପଭୋଗ କରୁଁ । ମନେ ରଖିବୁ, ବାହ୍ୟ ସୌନ୍ଦର୍ଯ୍ୟ ଅନିତ୍ୟ । ସେହି ଅନିତ୍ୟ କ୍ଷଣଭଙ୍ଗୁର ସୌନ୍ଦର୍ଯ୍ୟ ନରକତୁଲ୍ୟ । ଆମେ ତା'ଠାରୁ ବହୁଦୂରରେ, ତମର ଅପହଞ୍ଚରେ ।

'ଚରମ'ରେ , ଦଶମୋଦକର ନୀତିଗୁଡ଼ିକ ପ୍ରତିଦିନ ସଂକ୍ଷେପକାଳେ ମାନସପାଠ କରି ମୁଖସ୍ଥ କରୁଣି କି ? ଧାରାଧରିବା ପରଠାରୁ ଆଜି ପର୍ଯ୍ୟନ୍ତ ଦଶଟି ନୀତି ମଧ୍ୟରୁ କୌଣସି ଗୋଟିଏ ନୀତିକୁ ଆଚରଣ ସିଦ୍ଧ କରୁଣି କି ? ଆମର ବାଣୀଟିଏ ଏ ସମ୍ପର୍କରେ ପୁଣିଥରେ ସ୍ମରଣ କରାଇ ଦେଉଛି । ଏହାକୁ ସବୁବେଳେ ମନରେ ଚେତନ ରଖି ଚଳୁଥିବୁ ଧନ !

**ମୋଦ ଦିଏ ଯାହା ତାହା ମୋଦକ । ଦଶ ମୋଦକକୁ ସାଧି ସାଧକ ॥**
**ନୀରବ ନିଷ୍ଠକେ ଆନନ୍ଦ ଲଭେ । ମୁକ୍ତ ଜୀବ ସେହୁ ଏ ସ୍ଥୂଳ ଭବେ ॥**

ଦଶ ମୋଦକ ହିଁ ସଂଘୀୟ ଦଣ୍ଡଧାରା । ଏହାକୁ ପାଳନ କରିବା ପାଇଁ ତମେମାନେ ସମସ୍ତେ ସଙ୍କଳ୍ପ ବଦ୍ଧ । ପ୍ରତ୍ୟେକ ସନ୍ଦେଶପତ୍ର ପାଇବା ପୂର୍ବ ମୁହୂର୍ତ୍ତରୁ ଶ୍ରୀଗୁରୁସ୍ୱାମୀଙ୍କର ଆଜ୍ଞା ମାନି ଜୀବନଯାତ୍ରା କରିବା ନିମନ୍ତେ ଶପଥ କରିଛ । ପ୍ରତ୍ୟେକ ସଂସାର ପଥରେ ପାଦଚାଲି ଅଗ୍ରସର ହେବା ନିମନ୍ତେ ଏହି ଶପଥ ପାଳନ ପାଇଁ ପ୍ରାରମ୍ଭରୁ ଅଙ୍ଗୀକାର ବଦ୍ଧ । କିନ୍ତୁ ଦୁଃଖର ବିଷୟ, ତମେମାନେ ଯେତେ ପୁରୁଣା ହେଉଛ, ପ୍ରଥମ ଦିନର ସେହି ଶପଥ ପାଶୋରି ଯାଉଛ । ନିଜ ନିଜର ଅହଂବୁଦ୍ଧିର ବଶବର୍ତ୍ତୀ ହୋଇ ଗର୍ବ ଅହଂକାରରେ ଫାଟି ପଡୁଛ । ମଣିଷ ଚିହ୍ନି ପାରୁ ନାହିଁ । କଥାକଥାକେ କଟୁତିକ୍ତ ଭାଷା ପ୍ରୟୋଗ କରୁଛ । ତୁମ ଭାଇଭଉଣୀଙ୍କ ମନରେ ବ୍ୟଥାର କ୍ଷତ ସୃଷ୍ଟି କରୁଛ । ନିର୍ବୋଧତାରୁ ବୁଝି ପାରୁନ, ତମ ପଛରେ ତମ କୃତକର୍ମର ଫଳ ଗୋଡ଼ାଉଛି । କୁଆଡ଼େ ଯାଇ ଲୁଚି ଯିବ ? ଚରମ ଚକ୍ଷୁର ଅନ୍ତରାଳରେ ରହିପାରିବ ତ ? ଏବେବି ସମୟ ଅଛି, ନିଜ ନିଜକୁ ସୁଧାରି ଦିଅ । ଶିଶୁଭଳି ସରଳ ହୁଅ । ଛଳକପଟ ଛାଡ଼ିଦିଅ । ଆଧ୍ୟାତ୍ମିକ କ୍ଷେତ୍ରରେ ରାଜନୈତିକ ଭାବଧାରା ପୁରାଅ ନାହିଁ । ଆତ୍ମସ୍ଥ ହୁଅ ।

ଗଳାମାଳି ମୋର 'ଚରମ'ରେ, ପଢ଼ି ଉଠି ତୋ ଲକ୍ଷ୍ୟ ପଥରେ ପବନର ବେଗ ଭଳି ଗତି କରିବୁ । ସତ୍ୟ ପ୍ରଚାର କରିବାକୁ ଯାଇ, ନିଜ ମହତ୍ତ୍ୱର ଗଳ୍ପ କଥା କହିବୁ ନାହିଁ । ଗର୍ବ ଆସିବ । ବିଶ୍ୱାସ ଆଉ ଭକ୍ତିଠାରୁ ଶ୍ରେଷ୍ଠ ସାଧନା ଆଉ କ'ଣ ଅଛି, ଭାବି ଦେଖିଲୁ ! ଜୀବ ଭିତରେ କର୍ମ ଫଳଅଛି, ତେଣୁ ଅଭ୍ୟାସ କର୍ମ ପ୍ରତି ଗୁରୁତ୍ୱ ଦେବୁ । ଅଭ୍ୟାସ କର୍ମ ଦ୍ୱାରା ସବୁ ଫଳ ସାଧିତ ହୁଏ । ତୁ ପରମେଶ୍ୱରଙ୍କ ନିକଟରୁ ଚେତନା ଫଳ ଆଣିଛୁ । ସମସ୍ତଙ୍କ ଭିତରେ ଚରିତ୍ରର ଛବି ତୋଳି ଦେବୁ । ଗାରିମା ଦେଖାଇବୁ ନାହିଁ । ଗୁରୁ ହେବୁ ନାହିଁ । ମୁଁ ତୋତେ କଲ୍ୟାଣ କରୁଛି : ତୁ ଜଗତରେ ସର୍ବତ୍ର ନିତ୍ୟ ରାହାସ ଶାନ୍ତିର ବାର୍ତ୍ତା ପ୍ରଚାର କରି ପୁଣି ଥରେ ମୋ କୋଳକୁ ଫେରିଆ ।

ତୋର ଚିରକଲ୍ୟାଣକାରୀ
ପିତା

# କେଶବ କୈବଲ୍ୟ କଣିକା

ସଂଗ୍ରାହକ : ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳ, ଶ୍ରୀ ରମେଶ ଚନ୍ଦ୍ର ରାଉତରାୟ ଓ ଶ୍ରୀ କେଶବ ଦାସ ବୃନ୍ଦାବନ

୧। କାମନା ରଖି ମାନସିକ ପୂଜା ଅର୍ଚ୍ଚନା କରାଯାଏ । ତେଣୁ ସେହି ପୂଜା ଅର୍ଚ୍ଚନାରେ ସଂକଳ୍ପ କରାଯାଏ । ନିଷ୍କାମ ଭାବରେ ବିଶ୍ୱ କଲ୍ୟାଣ ଓ ଜନ ମଙ୍ଗଳ ଲକ୍ଷ୍ୟରେ ଯାଗଯଜ୍ଞ ବା ପୂଜାର୍ଚ୍ଚନା କଲେ, ସଂକଳ୍ପ କରିବା ଆବଶ୍ୟକ ହୁଏ ନାହିଁ । କଲେ ମଧ୍ୟ ଦୋଷ ନାହିଁ । ଅଧିକନ୍ତୁ ନ ଦୋଷାୟ ।

୨। ବ୍ରାହ୍ମଣମାନେ ଭୋଜନ ପୂର୍ବରୁ ପଞ୍ଚପ୍ରାଣକୁ ଲକ୍ଷ୍ୟ କରି ଚଳୁଧରନ୍ତି, ଆମ ଅନୁଗତ ଶିଷ୍ୟମାନଙ୍କୁ ସୃଷ୍ଟି ତତ୍ତ୍ୱ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର)କୁ ଲକ୍ଷ୍ୟ କରି ଚଳୁ ଧରିବାକୁ କୁହାଯାଇଛି ।

୩। ଅନେକ କ୍ଷେତ୍ରରେ ମଣିଷ ପଛ କଥାକୁ ଭୁଲିଯାଇ ବର୍ତ୍ତମାନ କଥାରେ ଶତ୍ରୁତା ଆଚରଣ କରେ । ପଛକଥାକୁ ସ୍ମରଣ କରି ପାରିଲେ ଶତ୍ରୁତା ରହନ୍ତା ନାହିଁ ।

**୪। ବ୍ୟକ୍ତିଗତ ବା ସମଷ୍ଟିଗତ ସକଳ ଦାୟିତ୍ୱ ମଧ୍ୟରେ ପରମପିତାଙ୍କ କାର୍ଯ୍ୟକୁ ସମ୍ପାଦନ କରିବା ହିଁ ଶ୍ରେଷ୍ଠ କର୍ତ୍ତବ୍ୟ ।**

**୫। ତମେମାନେ ପରସ୍ପରର ଭାବ ପରସ୍ପର ବୁଝି ପାରୁ ନ ଥିବାରୁ, ତମମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଶୟ ସୃଷ୍ଟି ହେଉଅଛି ।**

**୬। ଧରାପୃଷ୍ଠକୁ ଯେଉଁମାନେ କଳାବିଦ୍ୟା ଆଣିଛନ୍ତି, ସେମାନଙ୍କ ଠାରେ ଅହଂକାର ନାହିଁ, ମାତ୍ର ଯେଉଁମାନେ କଳାବିଦ୍ୟା ଶିକ୍ଷା କରିଛନ୍ତି ବା କରୁଛନ୍ତି, ସେମାନଙ୍କର ଅହଂକାର ରହିଛି, ରହିବ ।**

୭। ଦିବାନିଦ୍ରା ଦ୍ୱାରା ପିତ୍ତ ଦୋଷ ହୁଏ, ପିତ୍ତଦୋଷ ସାଧନ କ୍ରିୟାରେ ବାଧକ ସୃଷ୍ଟି କରେ, ତେଣୁ ସାଧକମାନଙ୍କ ପାଇଁ ଦିବାନିଦ୍ରା ନିଷେଧ । ତମେମାନେ ଦିନବେଳେ ବିଶ୍ରାମ ନେଇପାର, କିନ୍ତୁ କଦାପି ନିଦ୍ରାଗ୍ରସ୍ତ ହେବନାହିଁ ।

୮। ତମେମାନେ ସ୍ୱଇଚ୍ଛାରେ ସ୍ୱତଃ ପ୍ରବୃତ୍ତ ହୋଇ ଧର୍ମଧାରା ନେଇଛ । ପ୍ରଥମ ଦିନର ଶପଥ ସ୍ମରଣ କରି କାର୍ଯ୍ୟ ସାଧନ କରୁଛ ତ ? ମନେରଖ, ଧର୍ମଧାରାର ଆଦେଶ ଓ ଶପଥ ଭଙ୍ଗକଲେ, ଅବଶ୍ୟ ପାତକ ଲାଗିବ ।

୯। ଆମ ସିଦ୍ଧାନ୍ତକୁ ଗ୍ରହଣ କରି ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଉଚିତ । ସିଦ୍ଧାନ୍ତ ପରେ ତମମାନଙ୍କ

ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ଅନ୍ତଃକରଣରେ 'ହଁ' ନାହିଁର ଦ୍ୱନ୍ଦ ସୃଷ୍ଟି ହେଉଥିବାରୁ, ବାଧ୍ୟ ହୋଇ ଆମକୁ ସିଦ୍ଧାନ୍ତ ବଦଳାଇବାକୁ ପଡୁଛି ।

୧୦। ଗୁରୁଙ୍କଠାରୁ ଧର୍ମଧାରା ଗ୍ରହଣ କରି ତାହା ନିଷ୍ଠା ସହକାରେ ପ୍ରତ୍ୟହ ନିୟମିତ ଭାବରେ କରି ନ ପାରିଲେ, ଜୀବକୁ ନରକଗାମୀ ହେବାକୁ ହୁଏ ।

୧୧। ଅନ୍ତଃକରଣରେ ପ୍ରେମାଭକ୍ତି ଭାବ ନ ଥାଇ ବାହ୍ୟତଃ ଲୋକ ଦେଖାଣିଆ ଭାବରେ କାକଜଳ ନୀତିରେ ଭଲ ପାଉଥିବାର ଭାବ ଦେଖାଇ ହେଉଥିଲେ, ପରବର୍ତ୍ତୀ ସମୟରେ ଅନ୍ତଃସ୍ଥ ଅନ୍ତସାର ଶୂନ୍ୟତା ହେତୁରୁ ଜୀବ ଛିଡ଼ି ଯାଏ ।

୧୨। ଭାବ ପ୍ରବଣଜ୍ଞାନକୁ ମଣ୍ଡଳୀୟ ଜ୍ଞାନ ବୋଲି କହିବା ଅନୁଚିତ । ଭାବ ପ୍ରବଣ ଜ୍ଞାନ ମୁହୂର୍ତ୍ତକ ପାଇଁ ଉଦୟ ହୋଇ ଅନ୍ୟ ସବୁବେଳକୁ ପାଶୋର ହୋଇ ଅଜ୍ଞାନତା ଅନ୍ଧକାରରେ ଜୀବକୁ ଆଚ୍ଛନ୍ନ ରଖେ, ମାତ୍ର ମଣ୍ଡଳୀୟ ଜ୍ଞାନ ସଦାସର୍ବଦା ଜୀବ ହୃଦୟରେ ଉଦୟ ହୋଇ ଜୀବକୁ ଜ୍ଞାନାଲୋକରେ ଆଲୋକିତ କରି ରଖିଥାଏ ।

୧୩। ତମେ ସମସ୍ତେ ସବୁବେଳେ ଦୁଃଖଶୋକ ରୋଗ ଆଦିର ସମସ୍ୟା ଆଣି ଠୋକୁଛ । କହିଲ ଦେଖି, ଏ ସଂସାରରେ ଦୁଃଖ ଶୋକ ରୋଗ ଆଦିର ସମସ୍ୟା କାହାର ନାହିଁ ? ଦୁଃଖ ଥାଉ, ଦୁଃଖ ପରେ ପରା ସୁଖ ଆସେ, ନିଶ୍ଚୟ ଆସିବ ହିଁ ଆସିବ ।

୧୪। ଆଧ୍ୟାତ୍ମିକ କ୍ଷେତ୍ରରେ, ସଂଘୀୟ ଜୀବନରେ, ଗୁରୁଦ୍ୱାରରେ ପରସ୍ପର ସହିତ କଥୋପକଥନ ବା ଭାବ ବିନିମୟ ସମୟରେ ଶବ୍ଦ ପ୍ରୟୋଗ ଓ ଭାଷାରେ ମାଧୁର୍ଯ୍ୟ ରହିବା ଉଚିତ୍ । କଟୁକଥା ବା କୁଭାଷା କହି ଅନ୍ୟ ମନରେ ଦୁଃଖ ବା ଆଘାତ ଦେବା ଅନୁଚିତ୍ । ଏପରି କୁକର୍ମ କଲେ, ନିଜର ସ୍ଥିତି ନିଶ୍ଚୟ ହରାଇବ ।

୧୫। ନିଜ ପ୍ରଶଂସା ଶୁଣିବାକୁ ଆଗ୍ରହୀ ହୁଅ ନାହିଁ । ଆତ୍ମ ପ୍ରଶଂସା ଅନ୍ୟମାନଙ୍କ ଆଗରେ ଗାଅ ନାହିଁ । ଏହାଦ୍ୱାରା ମନ ମଧ୍ୟରେ ଗର୍ବ ଓ ଅହଂକାର ସୃଷ୍ଟି ହୋଇ ଠୁଳ ହୋଇଯିବ । ଏହା ଆଧ୍ୟାତ୍ମିକ ଉନ୍ନୟନର ବାଧକ ।

୧୬। ଧର୍ମଧାରା ଗ୍ରହଣ କରିବା ମାତ୍ରେ ସଙ୍ଗେ ସଙ୍ଗେ ପାପକର୍ମ ଛାଡ଼ି ଯାଏ ନାହିଁ । ଅଭ୍ୟାସ କର୍ମଯୋଗରେ ନିଷ୍ଠାର ସହିତ ଚଳିଗଲେ, ଧୀରେ ଧୀରେ ତାହା ସାଧନ ହୋଇଯିବ ।

୧୭। ସାଧାରଣ ଜୀବର ଦୌଡ଼ ମୁକ୍ତି ପାଇଁ । କିନ୍ତୁ ପ୍ରେମୀଭକ୍ତ ମୁକ୍ତିମୋକ୍ଷ ନିର୍ବାଣ ଆମେ ଯାଚି ଦେଲେ ମଧ୍ୟ ଗ୍ରହଣ ନ କରି ପ୍ରେମ ଭକ୍ତି ନିଷ୍ଠ ହୋଇ ଆମ ସେବାସାହଚର୍ଯ୍ୟ ପାଇଁ ବ୍ୟାକୁଳ ହୋଇଥାଏ ।

୧୮। ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟ, ଜପ, ଧ୍ୟାନ, ପ୍ରାର୍ଥନା, ଉପାସନା ଇତ୍ୟାଦି ତମକୁ ଯାହା କରିବା ପାଇଁ କୁହାଯାଇଛି, ତାହା ଆମକୁ ଭଲ ପାଇବା ପାଇଁ । ସାଷ୍ଟାଙ୍ଗ ପ୍ରଣାମ, ଅର୍ଘ୍ୟ ପ୍ରଦାନ, ଅର୍ଘ୍ୟଫଳ ଧାରଣ, ଫଳ ଧୌତ ଜଳପାନ ତମପାଇଁ - ଶରୀର ରକ୍ଷା ଓ କୋଷ ସାଧନ ନିମନ୍ତେ ।

୧୯। ବ୍ୟକ୍ତିର ଆଚାର, ବିଚାର ଓ ଆଚରଣରେ କମନୀୟତା ଓ ସରଳତା ରହିବା ଏକାନ୍ତ ଆବଶ୍ୟକ । ଭାଷା, ଭାବ ଓ ବ୍ୟବହାରରେ ଏସବୁ ନ ରହିଲେ, ବ୍ୟକ୍ତି ନିଶ୍ଚୟ ନାନାଦି ଅସୁବିଧାର ସମ୍ମୁଖୀନ ହେବ ହିଁ ହେବ ।

୨୦। ଧର୍ମକ୍ଷେତ୍ରରେ ଆଗେଇବା ନିମନ୍ତେ ପୂର୍ଣ୍ଣ ସାଧକମାନେ ଅନ୍ତଃକରଣରେ ବୃହତ୍ ଭାବ ରଖି ବାହ୍ୟତଃ ଛୋଟଛୋଟ ଭାବରେ ଅନ୍ୟପ୍ରତି ଦୋଷାରୋପ କରି ଥାଆନ୍ତି ।

୨୧। ଯାହାର ପ୍ରାରବ୍ଧ କର୍ମଫଳ ଥିବ ଏବଂ ସେ ସିଦ୍ଧିର ସଂସ୍କାର ନେଇ ଆସିଥିବେ, ତାଙ୍କୁ ଗୁରୁ ସ୍ପର୍ଶ କରି ଦେଲେ, ତାଙ୍କର ଆଧ୍ୟାତ୍ମିକ ଉନ୍ନତି ଅବଶ୍ୟ ହେବ ହିଁ ହେବ । ତା' ନୋହିଲେ ଆମେ ତ ସମସ୍ତଙ୍କୁ ପ୍ରାୟ ଛୁଉଁଛୁ, କାହାର କ'ଣ ଚାରିତ୍ରିକ ପରିବର୍ତ୍ତନ ଘଟୁଛି ??

ପରମ କାରୁଣିକ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀ ହିଁ କୈବଲ୍ୟ କଣିକା । ଏହି କୈବଲ୍ୟ କଣିକା ହିଁ ଅନୁଗତ, ଅନୁରକ୍ତ ଅଗଣିତ ଭକ୍ତଙ୍କର ମୁକ୍ତିମୋକ୍ଷ ନିର୍ବାଣ ଓ ଚରମ ପ୍ରାପ୍ତିର ଚାବିକାଠି । ଚରମ ସ୍ତମ୍ଭରେ ଏହି ସ୍ତମ୍ଭରେ ଆଜି ପର୍ଯ୍ୟନ୍ତ ବହୁ ଉପାଦେୟ ବାଣୀ ପ୍ରକାଶ କରାଯାଇଛି । ସାଧକ ଭକ୍ତ ଭାଇ ଭଉଣୀମାନଙ୍କର ଆଧ୍ୟାତ୍ମିକ ଜୀବନ ଚର୍ଯ୍ୟା, ଚିତ୍ତ ବୃତ୍ତି ନିରୋଧ ଏବଂ ବୃତ୍ତି ପ୍ରବୃତ୍ତିର ନିୟନ୍ତ୍ରଣ ପାଇଁ ଏ ସକଳ ବାଣୀର ଉପାଦେୟତା ଅନସ୍ୱୀକାର୍ଯ୍ୟ । ପ୍ରତ୍ୟେକ ବ୍ୟକ୍ତି, ଦମ୍ପତି ଓ ପରିବାରରେ ଏବଂ ବିଭିନ୍ନ ସତ୍ସଙ୍ଗ ବୈଠକରେ, ସତ୍ସଙ୍ଗ ଅଧିବେଶନରେ, ଉତ୍ସବରେ ଏହା ଭକ୍ତି ଓ ଶ୍ରଦ୍ଧାର ସହିତ ପାଠ କରାଯିବା ସହିତ ଦୈନନ୍ଦିନ ଆଚରଣରେ ପ୍ରତ୍ୟେକ ଭାଇ ଭଉଣୀ ଫୁଟାଇବା ଉଚିତ୍ ।

## ପୁରାଣ ପୃଷ୍ଠାରୁ:ଗଳ୍ପାଂଶ (ତରଣୀସେନର ଯୁଦ୍ଧଯାତ୍ରା ଓ ପତନ)ର ମୀମାଂସା ଖଣ୍ଡ

ପିଣ୍ଡତତ୍ତ୍ୱରେ ଧୂମ୍ରାକ୍ଷ ବୋଇଲେ ଇଡ଼ା ନାଡ଼ିର ରଜଗୁଣ ଭାବର କୋଷ, କୁମ୍ଭକର୍ଣ୍ଣ ବୋଇଲେ ତମଗୁଣର ଆସୁରୀ କୋଷ, ସମ୍ଭୂଳା ଅଣୁକୋଷକୁ କୁହାଯାଏ, ଅତିକାୟ ବୋଇଲେ କ୍ରୋଧଭାବର ବିଭବ ଅଣୁକୋଷ ଏବଂ ମକରାକ୍ଷ ବୋଇଲେ ସତ୍ତ୍ୱ ଓ ରଜଗୁଣ ମିଶ୍ରିତ ଆସୁରୀ ଭାବ । ଶ୍ରୀରାମ ହେଉଛନ୍ତି ପରମ ଆତ୍ମା ପରଂବ୍ରହ୍ମ ।

ଶ୍ରୀରାମଙ୍କ ସହିତ ଉପରୋକ୍ତ ସେନାପତିମାନଙ୍କର ଯୁଦ୍ଧ ବୋଇଲେ ପିଣ୍ଡତତ୍ତ୍ୱରେ ଏଠାରେ ଯୋଗୀ (ଜୀବାତ୍ମା) ସମାଧି ପ୍ରାପ୍ତ ଅବସ୍ଥାରେ କର୍ମ ସଂଗ୍ରାମ ଦ୍ୱାରା ବା ଯୁଦ୍ଧ ଦ୍ୱାରା ସକଳ ଦୁର୍ଗୁଣକୁ ସଂଯମ କରି ପରମାତ୍ମାଙ୍କ ସହିତ ସଂଯୋଗସ୍ଥଳୀକୁ ବିଜେ କରନ୍ତି । ଲଙ୍କେଶ୍ୱର ରାବଣ ହେଉଛନ୍ତି ସତ୍ତ୍ୱ ଓ ତମ ମିଶ୍ରିତ ବୁଦ୍ଧି । ବିଭୀଷଣ ବୋଇଲେ ସତ୍ୟ ନିଷ୍ଠାର ବିବେକବନ୍ତ ବୁଦ୍ଧି । ଏହା ଆସୁରୀ କ୍ରୋଧ ରୂପକ ରାବଣଠାରୁ ଭିନ୍ନ । ବିଭୀଷଣ ପୁତ୍ର ତରଣୀସେନ ହେଉଛନ୍ତି ସତ୍ତ୍ୱ ଓ ରଜ ମିଶ୍ରିତ ଧୂମବର୍ଣ୍ଣର ଭାବ । ତରଣୀସେନଙ୍କ ମା' ସରମା ବୋଇଲେ ରଜ ଓ ତମ ଭାବର ମୋହ ମିଶ୍ରିତ ମାୟାକୁ ବୁଝାଏ । ଲଙ୍କାଗଡ଼ ହେଉଛି ଶାରୀରିକ ସୌନ୍ଦର୍ଯ୍ୟ ଭୋଗର ଗଡ଼ ଓ ଭାବ । ଏହା ବିଳାସ ବ୍ୟସନରେ ଉପଭୋଗର ପର୍ବତ ସଦୃଶ । ଅଯୋଧ୍ୟା ହେଉଛି ଶୁଦ୍ଧ ପିଣ୍ଡ ବା ଶୁଦ୍ଧ ଦେହ । ଦଶଦ୍ୱାରକୁ ଦଶରଥ ବୋଲାଯାଏ । ତେଣୁ ଦଶରଥ ବୋଇଲେ ଇନ୍ଦ୍ରିୟାଦିଗଣ । ଗୋଲୋକ କହିଲେ ପିଣ୍ଡ ତତ୍ତ୍ୱରେ ଏଠାରେ ତ୍ରିକୂଟ ହେବ । ବାନରସେନା କହିଲେ ଜୀବର ଭାବ, ଜୀବର ସନ୍ଦେହ ଅଣୁର କ୍ରିୟା । ଏମାନେ ଅଣିମା ଲଘିମାରେ ଠୁଳ ହୋଇଥାଆନ୍ତି । ଜୀବର ଅନୁମାନ କର୍ମକୁ ବାନରସେନା କୁହାଯାଏ । ତମଗୁଣର କୁଭାବ ଓ ମ୍ଲେଛ ପ୍ରବୃତ୍ତିକୁ ଅସୁରବାହିନୀ କୁହାଯାଏ ।

ଯୋଗୀ (ଜୀବାତ୍ମା) ଯୋଗମାର୍ଗରେ କ୍ରମଶଃ ଅଗ୍ରଗତି କରିବା ଅବସ୍ଥାରେ କୁଭାବ ଓ ମ୍ଲେଛ ପ୍ରବୃତ୍ତି ସହିତ ଅନୁମାନ ଜ୍ଞାନ ଓ କର୍ମ ଅଧିକାରୀ ଜୀବର ସନ୍ଦେହ ଭାବ ଓ ଅଣୁକ୍ରିୟା ଗୁଡ଼ିକର ସଂଗ୍ରାମ ବା ଯୁଦ୍ଧ ଅନୁଷ୍ଠିତ ହୋଇଥାଏ ।

ସଦ୍ ସ୍ୱଭାବର ନ୍ୟାୟବନ୍ତ ଭାବକୁ ନୀଳବୀର ବୋଲାଯାଏ । ଜୀବର ପୂର୍ଣ୍ଣ ଅନୁମାନ ବଳକୁ ହନୁ କୁହାଯାଏ । ହନୁମାନର ଲାଙ୍ଗୁଡ଼ ଭଳି ଅନୁମାନ ସୂତ୍ର ବହୁଦୂରକୁ ଲମ୍ବିଯାଇଥାଏ । ପିଣ୍ଡରେ ଅନୁମାନ ସନ୍ଦେହ ବ୍ୟାପକ ଅଟେ । ଅଙ୍ଗଦ ବୋଇଲେ ନିଷ୍ଠାକୋଷ । ଏହା ଲଘିମାରେ ଥାଏ । ସୁଷେଣ ବୋଇଲେ ସତ୍ତ୍ୱ ଗୁଣର ଭାବ ସମୂହ । ସୁଗ୍ରୀବ ହେଉଛନ୍ତି କୁଣ୍ଡଳିନୀ ଜାଗ୍ରତର ସଦ୍‌ନିଷ୍ଠା ଅବସ୍ଥା । ଲକ୍ଷ୍ମଣ ବୋଇଲେ ଜୀବର ଲୟ ଓ ଲକ୍ଷ୍ୟ ଭାବ ।

ମନୋବାଞ୍ଛା ପୂର୍ଣ୍ଣ ହେଉ ବୋଲି ଆଶୀର୍ବାଦ ଦେବାର ଅର୍ଥ ଇନ୍ଦ୍ରିୟାଦି ସଂଯମଦ୍ୱାରା ସିଦ୍ଧି ଉପାର୍ଜ୍ଜନ କ୍ରିୟା ସଫଳ ହେବା । ଏହି କର୍ମତ୍ରିକୂଟସ୍ଥ ପରଂବ୍ରହ୍ମ ବା ପରମାତ୍ମାଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ।

**ଲକ୍ଷ୍ମଣର ବାଣଗୁଡ଼ିକର ବିବରଣୀ ହେଉଛି - ଅମର୍ଥ = ଅକାରକ ବ୍ରହ୍ମଭେଦ କ୍ରିୟା, ଇଡ଼ାନାଡ଼ି, ସମର୍ଥ = ଆକାରକ ବ୍ରହ୍ମ ଭେଦ କ୍ରିୟା, ପିଙ୍ଗଳା ନାଡ଼ି (ଏହି ନାଡ଼ିରେ ଯୋଗୀର ଜୀବାତ୍ମା ଓ ଜ୍ଞାନାତ୍ମାଙ୍କର ସଂଯୋଗ ହୁଏ), କର୍ଣ୍ଣରେଖା = ପଞ୍ଚବୀଜର ଲୟସ୍ଥଳ, ଅଗ୍ନି ଅବତାର = ତମ ଶକ୍ତିର ମୂଳବୀଜ, କୁଣ୍ଡଳିନୀର ଚେତକ କୋଷରେ ଅବସ୍ଥିତ, ପାଶୁପତ = ଶାପ ବ୍ରହ୍ମବାକ୍ୟ ଜ୍ଞାନ ମନ୍ତ୍ର ଚୈତନ୍ୟ ଶକ୍ତିରେ ପରିଣତ ହେଲେ ପାଶୁପତର ଏକ ଅଂଶ ଶକ୍ତି ଭୋଗ ହୁଏ, ପର୍ବତ = ଇନ୍ଦ୍ରିୟାଦିର ମୂଳକୋଷ, କୁହ (କୁହୁଡ଼ି) = ଭାବର ବିକାର ଅବସ୍ଥା ଉପୁଜିଲେ ତାହା ସୂକ୍ଷ୍ମରେ କୁହୁଡ଼ି ବର୍ଣ୍ଣ ବା ଧୂଆଁଳିଆ ଦେଖାଯାଏ, ଗନ୍ଧର୍ବ = ବ୍ରହ୍ମ ଏକାକ୍ଷରରେ ଆଂଶିକ 'ରଶ୍ମିକ' ରେଖାକୁ ଏହି ମୀମାଂସାରେ ଗନ୍ଧର୍ବ ବୋଲାଯାଏ ।**

ତରଣୀସେନର ବାଣର ବିବରଣୀ - ବରୁଣ = ଶାଇକ୍ କୋଷ, ଇଡ଼ା ନାଡ଼ିର ଅଂଶ, ତିକୁର, = ଅଧିଶାଇକ୍ କୋଷ, ଇଡ଼ା ନାଡ଼ିର ବକ୍ରତୁଣ୍ଡୀୟ ଅଂଶ ।

ଯୋଗ ମାର୍ଗରେ ଯୋଗୀର ସତ୍ତ୍ୱ ଓ ରଜ ମିଶ୍ରିତ ଧୂମ୍ରବର୍ଣ୍ଣ ଭାବ ସହିତ ଜୀବର ଲୟ ଓ ଲକ୍ଷ୍ୟ ଭାବର ସଂଘର୍ଷ ଘଟି ଲୟ ବା ଲକ୍ଷ୍ୟ ପରାଭୂତ ହୁଏ ଓ ପରମାତ୍ମା ପରଂବ୍ରହ୍ମଙ୍କର କରୁଣା ବା କୃପା ଯୋଗୀ ଲାଭକରି ଯୋଗମାର୍ଗରେ ଅଗ୍ରଗତି କରିଥାଏ ।

ଲକ୍ଷ୍ମଣଙ୍କୁ ବୀର ହନୁମାନ ଯୁଦ୍ଧକ୍ଷେତ୍ରରୁ ନେଇ ପଳାୟନର ଅର୍ଥ - ଜୀବର ଅନୁମାନ ଭାବ ପିଣ୍ଡରେ ବଳବତ୍ତର ହୋଇଗଲେ ଜୀବରୂପକ ଲକ୍ଷ୍ମଣ ଶକ୍ତି (ଲୟ ବା ଲକ୍ଷ୍ୟ) ଅନୁମାନ ଭାବ କ୍ରିୟାରେ ମିଶି ବ୍ୟାପକ ହୋଇ ସଂଘର୍ଷ ଲଗାନ୍ତି । ଏହି ଅବସ୍ଥାରେ ଯୋଗୀର ବୈରାଗ୍ୟ ପ୍ରକରଣ ଘଟିଥାଏ ।

ତରଣୀସେନଙ୍କର ଶ୍ରୀରାମଙ୍କର ବିଶ୍ୱରୂପ ଦର୍ଶନର ଅର୍ଥ - ସତ୍ତ୍ୱ ଓ ରଜ ମିଶ୍ରିତ ଭାବ ରୂପକ ତରଣୀସେନ ହେଲେ ଧ୍ୟାନାତ୍ମା । ଶ୍ରୀରାମଚନ୍ଦ୍ର ହେଉଛନ୍ତି ପରଂବ୍ରହ୍ମ ବିରାଟ ପୁରୁଷ ରୂପକ ପରମାତ୍ମା । ଧ୍ୟାନାତ୍ମା ଯୋଗୀ ଧ୍ୟାନ ଅବସ୍ଥାରେ ଯୋଗାରୂଢ ହୋଇ ଷଡ଼ଚକ୍ର ଭେଦ କରି ଲଲାଟ ଚକ୍ରରେ ବ୍ରହ୍ମମୂର୍ତ୍ତି ଦର୍ଶନ କରନ୍ତି ।

ଶ୍ରୀରାମଙ୍କର ତରଣୀସେନ ପ୍ରତି ବ୍ରହ୍ମାସ୍ତ୍ର ପ୍ରୟୋଗର ଅର୍ଥ - ଯୋଗୀର ଯୋଗମାର୍ଗରେ ସୁଷୁମ୍ନା ନାଡ଼ିର ଭୋଗ ହେଲେ, ମାନସ ଚୈତନ୍ୟରେ ବୀଜ ମନ୍ତ୍ର ଚିତ୍ତରାଜ୍ୟରେ ଖେଳି ଖେଳି ମଜ୍ଜାଗତ ହୁଏ । ସେତେବେଳେ ଧ୍ୟାନାତ୍ମାଯୋଗୀ ଲଲାଟଚକ୍ରର ଜ୍ୟୋତିଃ ମଣ୍ଡଳରେ ବୀଜମନ୍ତ୍ର ସ୍ୱର୍ଣ୍ଣାକ୍ଷରରେ ସ୍ପଷ୍ଟ ଲିପିବଦ୍ଧ ହୋଇଥିବାର ଦର୍ଶନ କରେ । ଏହାପରେ ଧ୍ୟାନାତ୍ମା ଜ୍ଞାନାତ୍ମାରେ ପରିଣତ ହୁଏ ।

ତରଣୀସେନର କଟାମୁଣ୍ଡ ରହସ୍ୟର ଅର୍ଥ - ଯୋଗୀ ଜ୍ଞାନାତ୍ମାରେ ପରିଣତ ହେବାପରେ ଧୀରେ ଧୀରେ ତାଙ୍କର ଜ୍ଞାନଚକ୍ଷୁ ଖୋଲିଯାଏ । ଏହି ଅବସ୍ଥାରେ ପ୍ରକୃତିର ସକଳ କୁଭାବ ଖଣ୍ଡ ବିଖଣ୍ଡିତ ହୋଇ ଜ୍ଞାନାତ୍ମା ଯୋଗୀଙ୍କର ପଦାନତ ହୁଏ ।

ବିଭୀଷଣଙ୍କର କ୍ରନ୍ଦନର ଅର୍ଥ - ଧ୍ୟାନାତ୍ମାଙ୍କର ପରଂବ୍ରହ୍ମ ଦର୍ଶନ ଲାଭପରେ ଜୀବାତ୍ମା ଓ ପରମାତ୍ମାଙ୍କର ସଂଯୋଗରୁ ଯୋଗୀ ହୃଦୟରେ ପ୍ରେମ ଓ ଆନନ୍ଦର ଭାବ ସୃଷ୍ଟି ହୁଏ । ଯୋଗୀ ଏହି ଅବସ୍ଥାରେ ଅହେତୁକ ଶାନ୍ତି ସନ୍ତୋଷ ଲାଭ କରନ୍ତି । ଫଳତଃ ଜାଗତିକ ସ୍ଥୂଳ ସତ୍ୟ, ନିଷ୍ଠା, ନ୍ୟାୟ ଆଦି ଭାବ ଓ ଅବସ୍ଥାର ସଂକୋଚନ ହୋଇଥାଏ । ଜ୍ଞାନାତ୍ମାରୂପୀ ବିଭୀଷଣ ଏହି ଅର୍ଥରେ ପରମ ଶାନ୍ତି ସନ୍ତୋଷ ଲାଭ କରନ୍ତି ।

ରାମ ଲକ୍ଷ୍ମଣ ଆଦି ସମସ୍ତଙ୍କର କ୍ରନ୍ଦନର ଅର୍ଥ - ପରମାତ୍ମା ପରଂବ୍ରହ୍ମ ଏବଂ ଲୟ ଓ ଲକ୍ଷ୍ୟ ଚିଦ୍ ଚୈତନ୍ୟର ଦିବ୍ୟ ଆଲୋକରେ ଧ୍ୟାନାତ୍ମା ଓ ଜ୍ଞାନାତ୍ମା ଯୋଗୀଙ୍କର ହୃଦୟ ରାଜ୍ୟ ଆଲୋକିତ ହୋଇଥିବାର ଲକ୍ଷ୍ୟକରି ପରମ ସନ୍ତୋଷ ଓ ଚରମଶାନ୍ତି ବିତରଣ କରନ୍ତି ।

ଶ୍ରୀରାମଙ୍କର ବିଭୀଷଣଙ୍କୁ ବରଦାନର ଅର୍ଥ - ଶ୍ରୀରାମଚନ୍ଦ୍ର ହେଉଛନ୍ତି ପରଂବ୍ରହ୍ମ ପରମାତ୍ମା । ବିଭୀଷଣ ହେଉଛନ୍ତି ସତ୍ୟ ନିଷ୍ଠାର ବିବେକବନ୍ତ ଜ୍ଞାନାତ୍ମା ଯୋଗୀ । ଯୋଗୀ ଯୋଗମାର୍ଗରେ ସତ୍ୟ ଓ ନିଷ୍ଠାର ସହିତ ଅଗ୍ରଗତି କରି ଷଡ଼ଚକ୍ର ଭେଦଦ୍ୱାରା ସୁଷୁମ୍ନା ନାଡ଼ିକୁ ଭୋଗକଲେ, ଜ୍ୟୋତିଃ ବ୍ରହ୍ମ ଯୋଗାରୂଢ଼ ଧ୍ୟାନାତ୍ମା ଓ ଜ୍ଞାନାତ୍ମାଙ୍କୁ ଚେତନ କରାଇ ଚୈତନ୍ୟରାଜ୍ୟରେ ବୁଲାନ୍ତି, ଜ୍ଞାନ ପ୍ରଦାନ କରାନ୍ତି ଓ ଦିବ୍ୟଜ୍ଞାନ ଦେଇଥାଆନ୍ତି । ଏହି ଅବସ୍ଥା ପ୍ରାପ୍ତ ହେଲେ ଯୋଗୀର ଆତ୍ମା ଓ ପରମାତ୍ମା ଏକ ଏବଂ ଅଭିନ୍ନ ହୋଇଯାଆନ୍ତି ।

ପୁରାଣ ପୃଷ୍ଠାରୁ ଗଳ୍ପାଂଶ ପିଣ୍ଡତତ୍ତ୍ୱମତର ଏହି ମୀମାଂସା ମିଳାଇ ପାଠକଲେ, ବ୍ରହ୍ମ ଜିଜ୍ଞାସୁ, ଭକ୍ତ ପାଠକ/ପାଠିକାମାନେ ଯୋଗ ସାଧନ ମାର୍ଗ ସମ୍ପର୍କରେ ଅବଗତ ହୋଇ ପାରିବେ ।।

# ଅଚ୍ୟୁତଙ୍କ ଲେଖନୀରୁ : ''କଳିକଳ୍ପଗୀତା''ରୁ ଉଦ୍ଧୃତାଂଶର ବ୍ୟାଖ୍ୟା

*ସପ୍ତାଙ୍ଗ, ଅଷ୍ଟାଙ୍ଗ......ବହୁ କ୍ରିୟା ମାନ ॥*

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସଙ୍କର ପ୍ରଶ୍ନାବଳୀର ଉତ୍ତର ଦେବାକୁ ଯାଇ ନିର୍ବିକଳ୍ପ ସମାଧିର ଶେଷ ସ୍ତରରେ ଉପନୀତ ହୋଇ ନିରାକାର ବ୍ରହ୍ମଙ୍କଠାରୁ ପାଇଥିବା ତତ୍ତ୍ୱ ଏହି ପଦାବଳୀ ମାଧ୍ୟମରେ ପ୍ରକାଶ କରି ଅଛନ୍ତି ।

ଯୋଗୀ ଯୋଗମାର୍ଗରେ ଗୋଟିଏ ପରେ ଗୋଟିଏ ସୋପାନ (୧) ଆସନ, (୨) ନିୟମ (୩) ଯମ (୪) ଧାରଣା (୫) ଧ୍ୟାନ (୬) ପ୍ରତ୍ୟାହାର (୭) ପ୍ରାଣାୟାମ ଓ (୮) ସମାଧି ଅତିକ୍ରମ କରି ମହାଶୂନ୍ୟ ଭେଦ କରି ଜ୍ୟୋତିଃ ଦର୍ଶନ କରିଥାଆନ୍ତି । ଏହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ସମାଧିସ୍ତରକୁ ଯିବା ପୂର୍ବରୁ ପ୍ରାଣାୟାମ ପର୍ଯ୍ୟନ୍ତ ସାତୋଟି ସୋପାନକୁ ସପ୍ତାଙ୍ଗ ଯୋଗ କୁହାଯାଏ । ଅଷ୍ଟାଙ୍ଗ ଯୋଗର ପ୍ରଥମ ପାଞ୍ଚଗୋଟି ସୋପାନକୁ ବହିରଙ୍ଗ ସାଧନ କୁହାଯାଏ ଓ ଶେଷ ତିନିଗୋଟି ସୋପାନକୁ ଅନ୍ତରଙ୍ଗ ସାଧନ କୁହାଯାଏ । ଅଷ୍ଟାଙ୍ଗ ଯୋଗ ସାଧନପରେ ଯୋଗୀ (ଜୀବବ୍ରହ୍ମ) ପରଂବ୍ରହ୍ମଙ୍କ ଗୁଣ (ଗୁଣାଣ) ସମୂହ ଅନ୍ତଃକରଣରେ ଉପଲବ୍ଧି କରି ବ୍ରାହ୍ମୀ ସ୍ଥିତିରେ ଉପନୀତ ହୁଅନ୍ତି । ଏହି ଅବସ୍ଥାରେ ଯୋଗୀ ବେଦ, ନିର୍ବେଦ, ଗୁଣ, ନିର୍ଗୁଣ ଆଦି ସକଳ ଭେଦଭାବକୁ ଊର୍ଦ୍ଧ୍ୱରେ ରହି ସୂକ୍ଷ୍ମରେ ବହୁତ କ୍ରିୟାମାନ କରୁଥାଆନ୍ତି । ସ୍ଥୂଳତଃ ତାଙ୍କର କୌଣସି କ୍ରିୟାକଳାପ ସ୍ଥୂଳ ଜଗତ ଜାଣିପାରେ ନାହିଁ ।

*ସପ୍ତ ପଞ୍ଚାତ୍ମିକ .... ଉଦ୍ଧରିବ ସେହୁ ॥*

କଳିର ଅନ୍ତିମ ପର୍ଯ୍ୟାୟରେ ଯାହା ଘଟିବ ସେ ସମ୍ପର୍କରେ ଭବିଷ୍ୟତ ବାଣୀ ଦେଇ ମହାପୁରୁଷ ଅଚ୍ୟୁତାନନ୍ଦ ଶିଷ୍ୟ ରାମଦାସଙ୍କୁ କହିଛନ୍ତି ଯେ, ଯେଉଁ ଭକ୍ତମାନେ ସପ୍ତପଞ୍ଚାତ୍ମିକ ତତ୍ତ୍ୱ ଦର୍ଶନ କରି ଉପଲବ୍ଧିରେ ଆଣିଥିବେ ସେମାନେ ଦେବୀ କରାଳୀଙ୍କର ଖର୍ପରରୁ ଉଦ୍ଧାର ପାଇଯିବେ । ସପ୍ତପଞ୍ଚାତ୍ମିକ ବୋଇଲେ ପଞ୍ଚଭୂତ, ପଞ୍ଚସମୀର, ପଞ୍ଚମନ, ପଞ୍ଚବୀଜ, ପଞ୍ଚସ୍ୱର, ପଞ୍ଚଆତ୍ମା ଓ ପଞ୍ଚତତ୍ତ୍ୱ - ଏହି ସାତଗୋଟି ପଞ୍ଚାତ୍ମିକକୁ ବୁଝାଏ । ସପ୍ତାଙ୍ଗ ଯୋଗ ସାଧନ କ୍ରିୟାରେ ଯୋଗୀ ପ୍ରତ୍ୟେକ ସୋପାନରେ ଗୋଟିଏ ଗୋଟିଏ ପଞ୍ଚାତ୍ମିକକୁ ଦର୍ଶନ ଓ ଉପଲବ୍ଧି କରିଥାଆନ୍ତି ଓ ଶେଷରେ ସମାଧି ସ୍ତରରେ ଉପନୀତ ହୁଅନ୍ତି ।

*ମହତ ପରୀକ୍ଷା .... ମନେ ପଡ଼ିବ ॥*

ଯୋଗୀ ଯୋଗମାର୍ଗରେ ଆତ୍ମା, ଜୀବାତ୍ମା, ଧ୍ୟାନାତ୍ମା, ଜ୍ଞାନାତ୍ମା ଓ ପରିଶେଷରେ ବିଜ୍ଞାନାତ୍ମାଙ୍କୁ ଦର୍ଶନ ଓ ଉପଲବ୍ଧିକରି ସମାଧି ସ୍ତରରେ ରହି ନିତ୍ୟାନନ୍ଦ ଲାଭ କରନ୍ତି । ଏଠାରେ ସେ ମହତ ପରୀକ୍ଷାର ସମ୍ମୁଖୀନ ହୁଅନ୍ତି । ନିଷ୍କାମ କର୍ମଯୋଗୀମାନେ ଏହି ମହତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ଓ ଜ୍ୟୋତିଃ ଦର୍ଶନ କରି ଜୀବନକୁ ସଫଳ କରନ୍ତି । ଏହି ସ୍ତରରେ ମଧ୍ୟ ଜାଳିଆ (ଠକ) ଯୋଗୀମାନେ ନିଜ ନିଜର ଠକାମିକୁ ମନେ ପକାଇ ମହତ ପରୀକ୍ଷାରେ ବିଫଳ ହୋଇ ଜ୍ୟୋତିଃ ଦର୍ଶନ କରି ପାରନ୍ତି ନାହିଁ, ତେଣୁ ଏ ଜନ୍ମରେ ତାଙ୍କର ଜୀବନ ବିଫଳ ହୁଏ ।

ଠକ ଭକତ ନାଶ ଯିବେ .... ପଡ଼ିବେ ଥୋକେ ॥

ଆଜକୁ ପାଞ୍ଚଶହ ବର୍ଷ ପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ଘୋର କଳିର ଅନ୍ତିମ ପର୍ଯ୍ୟାୟରେ ଯାହା ଅବଶ୍ୟ ଘଟିବ ତାର ସୂଚନା ଦେଇ ଶିଷ୍ୟ ରାମଦାସଙ୍କୁ କହୁଛନ୍ତି ଯେ, କଳିକାଳରେ ଅଧିକାଂଶ ଭକ୍ତ ଭେକଧରି ଠକ ସାଜିବେ

ଓ ସେମାନେ ନିଶ୍ଚିତ ଭାବରେ ସ୍ଥୂଳତଃ ନାଶଯିବେ । ଅନ୍ତିମ କଳିର ଭାରତଯୁଦ୍ଧରେ ଆହୁରି ଅନେକ ମଧ୍ୟ ନାଶଯିବେ । ପିଣ୍ଡତତ୍ତ୍ୱରେ ଜୀବର ଅନ୍ତଃକରଣରେ ସଞ୍ଚିତଥିବା ସକଳ ଠକାମି, ଭାଣ୍ଡାମି ଓ ଛଳନାଦି ସକଳ ଆସୁରିକ ଗୁଣର ବିନାଶ ଘଟିଲେ ବିଜେନ୍ଦ୍ରିୟ ଗୃହର ଦ୍ୱାର ରୁଦ୍ଧ ହୁଏ ଓ ସତ୍ୟେନ୍ଦ୍ରିୟ ଗୃହର ଦ୍ୱାର ଉନ୍ମୁକ୍ତ ହୋଇ ସକଳ ଦୈବୀ ଗୁଣର ବିକାଶ, ପାଳନ ଓ ପୋଷଣ ହୋଇଥାଏ । ଏକନିଷ୍ଠ ଯୋଗୀ ପରେ ଏହି ସୂକ୍ଷ୍ମ କ୍ରିୟା ଉପଲବ୍ଧି କରିବା ସମ୍ଭବ ହୁଏ ।

*ଅଠର ଦିବସ .... ପୃଥ୍ୱୀ ଉତପାତ ॥*

ସ୍ଥୂଳମତରେ କଳିର ଅନ୍ତିମ ପର୍ଯ୍ୟାୟରେ ପୁଣିଥରେ ଅଠରଦିନ ବ୍ୟାପୀ କଳି ଭାରତ ଯୁଦ୍ଧ ଅନୁଷ୍ଠିତ ହେବ ଏବଂ ଏହି ଯୁଦ୍ଧରେ ବହୁଲୋକଙ୍କର ପ୍ରାଣନାଶ ହେବ ବୋଲି ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ଭବିଷ୍ୟବାଣୀ ଦେଇଅଛନ୍ତି । ଏହାଫଳରେ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଉତ୍ପାତର ଅବସାନ ହୋଇ ମହୀମଣ୍ଡଳ ଉଶ୍ୱାସ ହେବ । ସୂକ୍ଷ୍ମ ମତରେ ଅଠର ଦିବସ ବୋଇଲେ ଦଶଦ୍ୱାର ଓ ଅଷ୍ଟକୀଳାକୁ ବୁଝିବାକୁ ହୁଏ । ଏହା ପିଣ୍ଡ ତତ୍ତ୍ୱ ମତରେ ବ୍ୟାଖ୍ୟା କଲେ ଶରୀରର ଦଶଦ୍ୱାର ଓ ପ୍ରବୃତ୍ତିର ଅଷ୍ଟପାଶକୁ ବୁଝାଇଥାଏ । ଯୋଗୀ ଯୋଗମାର୍ଗରେ ଇନ୍ଦ୍ରିୟର ନିୟନ୍ତ୍ରଣ ଓ ପ୍ରବୃତ୍ତି ମାର୍ଗର ନିବୃତ୍ତି ଦ୍ୱାରା ଅନ୍ତଃସ୍ଥ ସକଳ ଆସୁରିକ ଗୁଣର ସୂକ୍ଷ୍ମବୀଜକୁ ସିଦ୍ଧକରି ପୁନଶ୍ଚ ଗଜୁରିବା ପ୍ରକ୍ରିୟାକୁ ବିନଷ୍ଟ କରନ୍ତି । ଫଳତଃ ସପ୍ତାଙ୍ଗ ଯୋଗ ବଳରେ ଅଷ୍ଟମ ସୋପାନ ଅର୍ଥାତ୍ ସମାଧି ସ୍ତରରେ ଉଶ୍ୱାସ ଲାଭ କରି ପରମ ସନ୍ତୋଷ ଭୋଗ କରନ୍ତି ।

*ଅନନ୍ତ କିଶୋର ନୃପତି .... ବାଛି ବୁଝାଇ ଦେବ ॥*

ପିଣ୍ଡତତ୍ତ୍ୱରେ ଅନନ୍ତ କିଶୋର ବୋଇଲେ ନିରଞ୍ଜନ ଅକାରଜ୍ଞାନ । ସମାଧିସ୍ତରର ଯୋଗୀ ଏହି ଜ୍ଞାନର ଅଧିକାରୀ ଅଟନ୍ତି । ଏହି ଜ୍ଞାନ ବଳରେ ସେ ସାମ୍ପ୍ରଦାୟିକ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ଜ୍ୟୋତିଃ ଦର୍ଶନ ଫଳରେ ସାମ୍ୟ ଭାବର ମୂର୍ତ୍ତିମନ୍ତ ବିଗ୍ରହ ହୋଇ ଉଠନ୍ତି । କୌଣସି କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥ, ମତ ବା ପଥ ତାଙ୍କର ଗତିରୋଧ କରି ପାରେ ନାହିଁ । ନିରଞ୍ଜନ ଅକାର ଜ୍ଞାନ ବଳରେ ସେ ଭଲ ମନ୍ଦ ବାଛି ନିଜେ ଦର୍ଶନ କରନ୍ତି ଓ ଅନ୍ୟମାନଙ୍କୁ ବୁଝାଇ ଦିଅନ୍ତି ।

*ଧବଳ ଗିରିରେ .... ମ୍ଳେଚ୍ଛମାନ ସବୁ ॥*

ପିଣ୍ଡତତ୍ତ୍ୱ ମତରେ ଧବଳଗିରି ବୋଇଲେ ଧୀ, ପ୍ରାଜ୍ଞ ଓ ଲଲାଟକୁ ବୁଝାଇଥାଏ । ଷଡ଼ଚକ୍ର ମଧ୍ୟରୁ ଲଲାଟ ଚକ୍ରରେ ସୂକ୍ଷ୍ମଶରୀର ସ୍ୱରୂପ ପରମାତ୍ମା ସାକ୍ଷୀ ସ୍ୱରୂପ ଏହି ନରଶରୀର ରୂପକ ବୃକ୍ଷରେ ବିରାଜମାନ କରିଥାଆନ୍ତି । ଯୋଗୀ ସପ୍ତାଙ୍ଗ ଯୋଗମାର୍ଗରେ ଗୋଟିଏ ପରେ ଗୋଟିଏ ଚକ୍ରଭେଦ କରି ଲଲାଟଚକ୍ରରେ ପରମାତ୍ମା ସ୍ୱରୂପ ଜ୍ୟୋତିଃ ଦର୍ଶନ କରନ୍ତି । ଏହାପରେ ଯୋଗୀ (ଜୀବାତ୍ମା)ଙ୍କର ସକଳ ମ୍ଳେଚ୍ଛ ପ୍ରବୃତ୍ତି, କୁପ୍ରବୃତ୍ତି ବା ଆସୁରିକ ଗୁଣର ବିନାଶ ଘଟେ ।

*ପୃଥ୍ୱୀ ଉଶ୍ୱାସ କରିବେ ..... ପାମର ଅଚ୍ୟୁତ ॥*

ପୃଥ୍ୱୀ ବୋଇଲେ ମାନବ ଶରୀର ବା ପିଣ୍ଡ । ଅନନ୍ତ ବୋଇଲେ ନିରଞ୍ଜନ ଅକାର ଜ୍ଞାନ । ଏହି ଜ୍ଞାନ ଆଜ୍ଞାଚକ୍ରସ୍ଥ (ଲଲାଟଚକ୍ର) ପରମାତ୍ମା ସ୍ୱରୂପ ଜ୍ୟୋତିଃ ବିନ୍ଦୁରୁ ସର୍ବଦା ବିଚ୍ଛୁରିତ ହେଉଅଛି । ଅଷ୍ଟାଙ୍ଗ ଯୋଗମାର୍ଗରେ ସିଦ୍ଧଯୋଗୀ ଷଡ଼ଚକ୍ର ଭେଦକରି ଏହି ଜ୍ୟୋତିଃ ଦର୍ଶନ କରିଥାଆନ୍ତି ଏବଂ ସେହି ଜ୍ୟୋତିଃରୁ କ୍ଷରିତ ନିରଞ୍ଜନ ଅକାର ଜ୍ଞାନ ଲାଭକରି ଆପଣାର ପିଣ୍ଡକୁ ସକଳ କୁଭାବରୁ ମୁକ୍ତକରି ଉଶ୍ୱାସ କରି ଥାଆନ୍ତି ।

ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ନିରାକାର ବ୍ରହ୍ମଙ୍କ ସହିତ ନିର୍ବିକଳ୍ପ ସମାଧିସ୍ତରରେ ସାକ୍ଷାତକାର କରି ସେହି ମହାଭାବରେ ଅଧିଷ୍ଠିତ ହୋଇ ଏହି ତତ୍ତ୍ୱ ପ୍ରିୟଶିଷ୍ୟ ରାମଦାସଙ୍କୁ ଅବଗତ କରାଇ ଅଛନ୍ତି ।

***

# ନୀଳଚକ୍ର
## ଚରମର ସଂକେତ

ପରମ କାରୁଣିକ ପରମ ପ୍ରେମମୟ ଠାକୁରଙ୍କର ଶ୍ରୀମୁଖ ନିଃସୃତ ଭାଷାରେ : ନାମ ହିଁ ଚିନ୍ତାମଣି ସ୍ୱରୂପ । ନାମ ହିଁ ଚୈତନ୍ୟରସ ବିଗ୍ରହ । ନାମ ସ୍ୱୟଂ ସମ୍ପୂର୍ଣ୍ଣ, ଶୁଦ୍ଧ, ନିତ୍ୟ, ମୁକ୍ତ । ନାମ ଓ ନାମୀ ମଧ୍ୟରେ ଭେଦ ପାର୍ଥକ୍ୟ ନାହିଁ । ନାମ ହିଁ ଯମଦୂତମାନଙ୍କ ଭୟରୁ ରକ୍ଷା ପାଇବାର ଅଭୟ ଆଶୀର୍ବାଦ । ନାମ ସଂକୀର୍ତ୍ତନଦ୍ୱାରା ଯମ ମଧ୍ୟ ଦୂରକୁ ଚାଲିଯାଏ । ଯମ ଆଉ କ'ଣ କି ? ସାଧନା ପଥରେ ଯାହା ସାଧକକୁ ଯନ୍ତ୍ରଣା, ଯାତନା ଦେଇ ସାଧନ ମାର୍ଗରେ ବାଧକ ସଦୃଶ ପ୍ରତିବନ୍ଧ ଛିଡ଼ାକରାଏ, ତାହା ହିଁ ଯମ । ଯମ ସାଧନ ସିଦ୍ଧ ହେଲେ, ଅଷ୍ଟାଙ୍ଗ ଯୋଗ ମାର୍ଗରେ ଗୋଟିଏ ସୋପାନ ଅତିକ୍ରାନ୍ତ ହୁଏ ।

କ୍ଷିତିଜ୍ୟୋତିଃ ଆଶ୍ରମରେ ବର୍ଷ ବର୍ଷ ଧରି ଦୈନନ୍ଦିନ ଚବିଶଘଣ୍ଟା ଅଖଣ୍ଡ ନାମଯଜ୍ଞ ଅବାରିତ ଭାବରେ ଚାଲୁ ରହିଛି । ତା' ସାଙ୍ଗକୁ ବିଶ୍ୱଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ ଓ ପ୍ରେମର ବାର୍ତ୍ତା ପ୍ରଚାର କରି ଅଖଣ୍ଡଦୀପ ପ୍ରଜ୍ୱଳିତ ରହିଛି । ଅନିର୍ବାଣ ଏହି ଅଖଣ୍ଡ ଦୀପଶିଖା । ଅବାରିତ ଏହି ଅଖଣ୍ଡ ନାମଯଜ୍ଞ । ଏହି ଉପଲକ୍ଷେ ପରମଦୟାଳୁ କରୁଣାସାଗର ଠାକୁରଙ୍କର ଅଭୟବାଣୀ ନାମଯଜ୍ଞ ମାଧ୍ୟମରେ ବହୁ ଦିବ୍ୟାତ୍ମାଙ୍କର ହୃଦୟ ମାଧ୍ୟମରେ କେଉଁ ଏକ ଅଚିନ୍ତିତ ମୁହୂର୍ତ୍ତରେ ସମର୍ପିତ ତନୁମନ ଦେଇ ଏହି ଧରାପୃଷ୍ଠକୁ ଅବତରଣ କରି ଆସୁଛି । ବାସ୍ତବରେ ପ୍ରଭୁଙ୍କର ଏହି ଦିବ୍ୟଭାବ ଓ ଅପୂର୍ବ ଭାଷା ସଜଫୁଲ ପରି ଫୁଟନ୍ତ, ସୁନ୍ଦର, ମଧୁର, ସୁରଭିତ ଏବଂ ପ୍ରାଣମୟ ଶକ୍ତିରେ ଉଜ୍ଜ୍ୱଳ । ଏହା ଦିବ୍ୟ ଭଗବଦ୍ ବାଣୀବୋଲି ଅଭ୍ରାନ୍ତଭାବରେ ଆମ ହୃଦୟରେ ପ୍ରତିଭାତ ହୁଏ । ଏହି ସକଳ ଦିବ୍ୟବାଣୀ ଅଗଣିତ ଅନୁଗତ ଓ ସମର୍ପିତ ପ୍ରାଣରେ ନବୀନ ସୂର୍ଯ୍ୟାଲୋକ ଭଳି ନବୀନ ଜୀବନର ଅମୀୟ ସ୍ପନ୍ଦନ ତୋଳେ ସକଳ ଦୈନ୍ୟ ଓ ସଂଶୟ ତମିସ୍ରାକୁ ଦୂରୀଭୂତ କରେ ।

ନୀରସ, ଅନ୍ଧାର, ସଂଶୟ ତରଙ୍ଗ ସଂକୁଳ ଭାବ ସମୁଦ୍ରରେ ପ୍ରଭୁଙ୍କର ଏହି ଅଭୟ ଦାନ ହିଁ ଆମ ପରି ଦୀନ, ହୀନ, ଅକିଞ୍ଚନମାନଙ୍କର ଏକମାତ୍ର ସମ୍ବଳ, ଏକମାତ୍ର ପାଥେୟ । ଠାକୁରେ ତପଯଜ୍ଞ ଅପେକ୍ଷା ନାମଯଜ୍ଞରେ ଅଧିକ ପ୍ରୀତ । ଏହି ଘୋର କଳିରେ ନାମ ଛଡ଼ା ସଂସାରର ମାୟାଜାଲରୁ ଉଦ୍ଧାର ପାଇବାର ସହଜ ପଥ ଆଉଅଛି କି ? ହଁ, ଅଛି । ତାହା ହିଁ ଆମର ଧର୍ମଧାରା, ଅଭ୍ୟାସ ଯୋଗ । ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଅଷ୍ଟାଙ୍ଗ ଯୋଗ ସାଧନର ସହଜ ପଥ ହିଁ ଏହି ଅନ୍ତିମ କଳିର ଯୁଗୋପଯୋଗୀ ସାଧନା । ଶ୍ରୀ ଶ୍ରୀ ଶ୍ରୀଠାକୁରଙ୍କର ବାଣୀଟିଏ ଏ ପ୍ରସଙ୍ଗରେ :

''ସାଷ୍ଟାଙ୍ଗ ପ୍ରଣାମ ଅଷ୍ଟାଙ୍ଗ ଯୋଗ ।
ଷଡ଼ଚକ୍ର ଭେଦ ଏହି ସୁଯୋଗ ।।''

ଶାସ୍ତ୍ର ତଥାପି କହେ : ''ନାମ ଦ୍ୱାରା ମାନବଲୀଳା ବିଗ୍ରହଧାରୀ ଜୀବ ମୋତେ ପାଇ ମୋହରି ପାଖରେ ରହିଥାଏ, ପ୍ରଳୟରେ ବ୍ରହ୍ମାଣ୍ଡ ନଷ୍ଟ ହେଲେ ମଧ୍ୟ ହୁଏ ନାହିଁ ମହାପ୍ରଳୟ କାଳରେ ବ୍ରହ୍ମା ନାଶ ହେଲେ ମଧ୍ୟ ସେ ନିରୁପାଧି ମାଧୁର୍ଯ୍ୟ ରୂପରେ ମୋର ନିତ୍ୟ ଧାମରେ ଅମରତ୍ୱ ଲାଭ କରେ ।'' ଏଥର ବୁଝିଲତ ବାବୁ, ଆମର

ଦୈନିକ ଉପାସନାରେ ସଂଜେ ସକାଳେ ଶାଖା ସତ୍ସଙ୍ଗ ବୈଠକ ଓ ସବୁ ପ୍ରକାରସତ୍ସଙ୍ଗରେ ଆରମ୍ଭ ଓ ଶେଷରେ ଏପରିକି କ୍ଷିତିଜ୍ୟୋତିଃ ଆଶ୍ରମରେ ମହାମନ୍ତ୍ର ସଂକୀର୍ତ୍ତନକୁ କାହିଁକି ସର୍ବୋପରି ଗୁରୁତ୍ୱ ଦିଆଯାଇଛି, ଦିଆ ଯାଉଛି ? ଶଙ୍ଖଧ୍ୱନି ପରି ଗଗନ ପବନ ଓ ପରିବେଶ ପବିତ୍ରକାରୀ ଏହି ଅଭୟ ନାମଯଜ୍ଞ ଆମ୍ଭମାନଙ୍କ ହୃଦୟରେ ସ୍ପନ୍ଦିତ, ପ୍ରାଣରେ ଧ୍ୱନିତ ଏବଂ ମୁଖରେ ନିର୍ଘୋଷିତ ହେଉ । ଆସ, ଆମ୍ଭେମାନେ ସମସ୍ତେ ଏକତ୍ର ଭ୍ରାତୃତ୍ୱ ପ୍ରେମରେ ଅବଗାହନ କରି ଲଜ୍ଜା, ସଂକୋଚ, କୁଣ୍ଠା ପରିତ୍ୟାଗ କରି ମହା ଆନନ୍ଦରେ ତାଙ୍କରି ନାମ ହିଁ କୀର୍ତ୍ତନ କରିବା । ଏହି ଉଦାର ଆହ୍ୱାନ ତାଙ୍କୁ ଆନନ୍ଦ ଦିଏ, ଆମକୁ ଦିଏ ଅଭୟ ଆଶୀର୍ବାଦ ।

ସଦାପ୍ରେମମୟ ପ୍ରଭୁଙ୍କଠାରେ ସମ୍ଭବ ଅସମ୍ଭବ କିଛି ହିଁ କଳ୍ପନା କରନାହିଁ । ସେ ମୃଣାଳର ସୂକ୍ଷ୍ମାତିସୂକ୍ଷ୍ମ ତନ୍ତୁରେ ପାଗଳା ହାତୀଟିଏ ବି ବାନ୍ଧି ପାରନ୍ତି । ଚଳୁଏ ପାଣିରେ ସେ ହିମାଳୟକୁ ମଧ୍ୟ ବୁଡ଼ାଇ ପାରନ୍ତି । ତାଙ୍କର ଗତି ମତି ବୁଝିବା ବା ଜାଣିବାର ଶକ୍ତି କାହାରିଠାରେ ନାହିଁ । ଦେହଚିନ୍ତା, ଅର୍ଥଚିନ୍ତା, ଋଣଚିନ୍ତା, ବିଷୟଚିନ୍ତା, ସଂସାରଚିନ୍ତା ସବୁ ଚିନ୍ତାଛାଡ଼ି ସେହି ଚିନ୍ତାମଣିଙ୍କ ଚିନ୍ତାରେ ହିଁ ଦିବାନିଶି ବୁଡ଼ି ରୁହ । ସେ ପରା ଆମ ସମସ୍ତଙ୍କର ସବୁ ବ୍ୟବସ୍ଥା କରୁଛନ୍ତି, କରି ସାରିଛନ୍ତି । କେବଳ ପର୍ଯ୍ୟାୟ ଭୋଗକୁ ଧୈର୍ଯ୍ୟଧରି ଅପେକ୍ଷା କର । ଦୃଢ଼ ବିଶ୍ୱାସ ରଖ । ଠାକୁରଙ୍କର ରଙ୍ଗା ଅଧରରୁ ଝରି ପଡ଼ିଥିବା ଅଧର ପୀୟୁଷ କଣିକାଏ :

*''ବିଶ୍ୱାସ ରଖରେ ମୂଢ଼ ପାମର ।*
*ନିଃଶ୍ୱାସ ପ୍ରଶ୍ୱାସ ସହିତେ ଧର ।।*
*ବିଶ୍ୱାସ ମୂଳରେ ଏହି ଜଗତ ।*
*ସାଧି ଆପଣାକୁ ହୁଅତୁ' ରତ ।।''*

ଡାକ, ତାଙ୍କୁ ହିଁ ଡାକ । ମନ ପ୍ରାଣ ଦେଇ ଏକାଗ୍ର ଲୟ ରଖି ଡାକ । ତୁମର ସବୁ ଜ୍ୱାଳା ଅବଶ୍ୟ ଦୂରହେବ । ନାମକର । ବୀଜମନ୍ତ୍ର ମାନସ ଜପ କର । ଯେ ପର୍ଯ୍ୟନ୍ତ ମନ ସ୍ଥିର ନ ହୋଇଛି ନାମକର, ବୀଜମନ୍ତ୍ର ଜପକର । ପାଦତଳୁ ପୃଥିବୀ ଘୁଞ୍ଚିଯାଉ, ମୁଣ୍ଡ ଉପରେ ଆକାଶ ଛିଡ଼ିପଡୁ, ସର୍ବନାଶ ପଛେ ହେଉ, ତଥାପି ଅନ୍ୟମନସ୍କ ନ ହୋଇ ଏକାଗ୍ରତାର ସହିତ ଦିନରାତି ନାମକର, ଜପକର । ଏହିଭାବ ମନରେ ଦୃଢ଼ କର, ତମେ ତାଙ୍କରି କୋଳରେ ହିଁ ଅଛ । ସେ ତୁମକୁ କୋଳରେ ଧରି ରକ୍ଷା କରୁଛନ୍ତି । ସେ ପରା ଅଭୟଦ, ସେ ପରା ଶରଣଦ । ସେ ହିଁ ତୁମର ଏକମାତ୍ର ରକ୍ଷାକର୍ତ୍ତା ତ୍ରାଣକର୍ତ୍ତା, ମୁକ୍ତିଦାତା ।।

*''ସର୍ବେ ନଶ୍ୟନ୍ତି ବ୍ରହ୍ମାଣ୍ଡେ ପ୍ରଭବନ୍ତି ପୁନଃ ପୁନଃ ।*
*ମମ ଭକ୍ତାଃ ପ୍ରଣଶ୍ୟନ୍ତି ନିଃଶଙ୍କା ଚ ନିରାପଦାଃ ।।*

ଭୟ କାହିଁକି ? ମୋ ଭକ୍ତ କେବେବେଳେ ନଷ୍ଟ ହୁଅନ୍ତି ନାହିଁ । ସବୁଯିବ, ମାତ୍ର ମୋ ଭକ୍ତ ନିଃଶଙ୍କ ନିରାପଦରେ ରହିବେ ହିଁ ରହିବେ । ମୁଁ ସତ କରି କହୁଛି : ଯେଉଁମାନେ ମୋର ନାମ ଜପ କରନ୍ତି, ସେମାନେ କାଠପଥର ଭଳି ଜଡ଼ମୂଢ଼ ହେଲେ ମଧ୍ୟ ମରିବାବେଳେ ମୁଁ ତାଙ୍କର ଅଭୀଷ୍ଟ ପୂରଣ କରେ । ତେଣୁ ନାମ ଜପ, ଅବିରାମ ବୀଜମନ୍ତ୍ର ମାନସ ଜପକର । ସେ ତୁମର ସବୁ ଭାର ନେବେ, ନେଇଛନ୍ତି, ନେଉଛନ୍ତି । ଟିକିଏ ସୂକ୍ଷ୍ମ ଦୃଷ୍ଟିଦେଇ ଦେଖତ । ସବୁ ଠିକେଠିକେ ବୁଝିଯିବ ।

**ବାଣୀ**

**ମୁହଁରେ ''କିଛି ଲୋଡ଼ା ନାହିଁ'' ଯେତେ କହିଲେ ବି ଆଚରଣରେ ଅନେକ ତଫାତ୍ ନିଶ୍ଚୟ ରହିବ । ତାହାହିଁ ପ୍ରକୃତି କ୍ରିୟା । କେବଳ ଗୁରୁକୃପାରେ ହିଁ ଏବନ୍ଧନ ତୁଟିବ ।**

*ଶ୍ରୀ ଗୁରୁସ୍ୱାମୀ*

# ଆଶ୍ରମ ସନ୍ଦେଶ

ତା ୧୪.୧.୯୭ରିଖ - (୧) ପର୍ଶୁରାମପୁର ଶାଖାର ବାର୍ଷିକ ଉତ୍ସବ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି ।

(୨) ପ୍ରହରାଜପୁର ଶାଖା ଅନ୍ତର୍ଭୁକ୍ତ ଆପିଲ ଗ୍ରାମର ଗୁରୁଭ୍ରାତା ଶ୍ରୀ ଭୀମସେନ୍ ସାମଲଙ୍କ ଗୃହରେ ବାର୍ଷିକ ମହାମନ୍ତ୍ର ନାମଯଜ୍ଞ ଉଦ୍‌ଯାପିତ ହୋଇଛି ।

ତା୧୫.୧.୯୭ରିଖ - ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ସଦୟ ଉପସ୍ଥିତିରେ ଜଗତପୁର ଖଇରା ତନଖି ଫାଟକ ନିକଟସ୍ଥ ଜଗନ୍ନାଥ ମଠ ପରିସରରେ ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।

ତା୧୯.୧.୯୭ରିଖ - ଆଜି ପୁତ୍ରଦା ଏକାଦଶୀ ତିଥି । ଠାକୁବା ଯଦୁନାଥଙ୍କର ଜନ୍ମ ଜୟନ୍ତୀ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ନିରାଡ଼ମ୍ବର ପରିବେଶ ମଧ୍ୟରେ ଯଥାବିଧି ହୋମଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟ ସହିତ ପାଳନ କରାଯାଇଛି ।

ତା ୨୧.୧.୯୭ରିଖ - ଭଜିମୁଣ୍ଡା ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି ।

ତା ୨୩.୧.୯୭ରିଖ - ବାଲିଆ ଅଣ ଆନୁଷ୍ଠାନିକ ଶାଖାର ବାର୍ଷିକ ଉତ୍ସବ ଦିବସବ୍ୟାପୀ ମହାମନ୍ତ୍ର ସଂକୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଅଛି ।

ଆଜି ଦେବାଭିଷେକ ପୂର୍ଣ୍ଣିମା, ଗୁରୁବାର । ଆଜିଠାରୁ ପୁଣିଥରେ ବହୁଦିନ ଧରି ବନ୍ଦଥିବା ଅର୍ଘ୍ୟସତ୍‌ସଙ୍ଗ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଆରମ୍ଭ ହୋଇଛି । ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ନୂତନ କୋଠାଘରୁ ଉପାଚାର୍ଯ୍ୟ ଶ୍ୟାମଭାଇଙ୍କୁ ସାଙ୍ଗରେ ଧରି ପଦବ୍ରଜରେ ଆସି ସତ୍‌ସଙ୍ଗ ସ୍ଥଳରେ ମଧ୍ୟାହ୍ନ ଘ୧୨.୪୦ମି. ସମୟରେ ବିଜେ କରି ଭାଇଭଉଣୀଙ୍କର ପ୍ରଦତ୍ତ ଅର୍ଘ୍ୟ ଗ୍ରହଣ କରିବା ସହିତ ଅର୍ଘ୍ୟଫଳ ସ୍ପର୍ଶ କରି ଅଛନ୍ତି ।

ତା ୧୩.୧.୯୭ରିଖ - କୁସୁମିର ଗୁରୁଭାଇ ସନାତନ ସାମଲ (ସ.ପ.ନଂ ୨୭୪୦)ଙ୍କର ଦେହାନ୍ତ ହୋଇଯାଇଛି ।

ତା ୨୪.୧.୯୭ରିଖ - ରୋଧପୁର ଶାଖାର କୃଷ୍ଣମଲ୍ଲିକଙ୍କର କନ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ (ସ.ପ.ନଂ ୧୩୩) ଙ୍କର ଦେହାନ୍ତ ହୋଇଯାଇଛି ।

ତା ୩.୨.୯୭ରିଖ - ରୋଧପୁର ଶାଖାର ଗୁରୁଭଉଣୀ ଵ ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ଆତ୍ମାର ଶାନ୍ତିବିଧାନ ନିମନ୍ତେ ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ ତରଫରୁ ଯଥାବିଧି ତିଳତର୍ପଣ ହୋଇଯାଇଅଛି ।

ତା ୪.୨.୯୭ରିଖ - (୧) କେନ୍ଦୁଝରର ତୁରୁମୁଙ୍ଗା ଗ୍ରାମର ଗୁରୁଭାଇ ଵ ନାଲୁ ନାୟକଙ୍କ ଆତ୍ମାର ଶାନ୍ତି ବିଧାନ ନିମନ୍ତେ ସଂଘ ତରଫରୁ ଯଥାରୀତି ତିଳତର୍ପଣ ହୋଇଯାଇଛି ।

(୨) ଆଜି କ୍ଷେତ୍ରରେ କେବଳ ଗୁରୁଭଉଣୀମାନଙ୍କୁ ନେଇ କୃଷ୍ଣା ଏକାଦଶୀ ତିଥିରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

(୩) ଓଳାଶୁଣି ଗୁମ୍ଫାର ପ୍ରତିଷ୍ଠାତା ତଥା ନିରାକାର ବ୍ରହ୍ମ ଉପାସକ ସନ୍ଥ ଅରକ୍ଷିତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅନନ୍ତ ଗୁମ୍ଫାରେ ଠାକୁରଙ୍କ ପଦ୍ମପାଦ ପୀଠରେ ଗୁରୁଭାଇ ଭଉଣୀଙ୍କର ପୋଡ଼ପିଠା ନୈବେଦ୍ୟ ସହ ବିଶିଷ୍ଟ କଳାକାର ମାନଙ୍କଦ୍ୱାରା ଖଞ୍ଜଣି ଭଜନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ତା ୬.୨.୯୭ରିଖ - ଗୋବିନ୍ଦପୁର ଶାଖାର ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ତା ୮.୨.୯୭ରିଖ - କଟିକଟା ଶାଖା ଅନ୍ତର୍ଭୁକ୍ତ ଗୋପାଳପୁରର ଗୁରୁଭାଇ ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତିଙ୍କ ଗୃହରେ ବାର୍ଷିକ ମହାମନ୍ତ୍ର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି ।

ତା ୯.୨.୯୭ରିଖ - ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅଚ୍ୟୁତଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗାଦି ସେବାୟତ କର୍ମୀମାନଙ୍କର ବୈଠକ ଶ୍ରୀ ଗୁରୁସ୍ୱାମୀଙ୍କର ଉପସ୍ଥିତିରେ ଅନୁଷ୍ଠିତ ହୋଇ କେତେକ ଆବଶ୍ୟକ କାର୍ଯ୍ୟକ୍ରମ ଓ ପ୍ରସ୍ତାବ ଗୃହୀତ ହୋଇଅଛି ।

ତା ୧୧.୨.୯୭ରିଖ - କଟିକଟା ଶାଖା ଅନ୍ତର୍ଭୁକ୍ତ ଆଏଣ୍ଡା ଗ୍ରାମର ଗୁରୁଭାଇ ଶ୍ରୀ ବାବାଜିଚରଣ ସାହୁଙ୍କ ବାସଭବନରେ ବାର୍ଷିକ ମହାମନ୍ତ୍ର ସଂକୀର୍ତ୍ତନ ସର୍ବସାଫଲ୍ୟରେ ଅନୁଷ୍ଠିତ ହୋଇଅଛି ।

ତା ୧୩.୨.୯୭ରିଖ - (୧) ସଠିଲୋ ଶାଖାର ପୂଜକ ଗୁରୁଭାଇ ଶ୍ରୀ ନୟନ ମହାନ୍ତିଙ୍କ ବାସଭବନରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି ।

(୨) ମାଣତିରିର ଶ୍ରୀ ଗଣେଶ ପ୍ରସାଦ ମହାନ୍ତିଙ୍କ ବାସସ୍ଥଳୀରେ ଗୀତାଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହୋଇଛି ।

ତା ୧୪.୨.୯୭ରିଖ - ଚାନ୍ଦୋଳ ଶାଖା ଅନ୍ତର୍ଭୁକ୍ତ ଗୁରୁଭାଇ ଶ୍ରୀ ପ୍ରିୟନାଥ ସାହୁଙ୍କର ଅସ୍ଥାୟୀ ବାସଗୃହ ଦୋହଳି ସ୍କୁଲ ନିକଟସ୍ଥ ବ୍ରହ୍ମଚାରୀ ଭବନରେ ଚତୁର୍ଥ ପ୍ରହର ମହାମନ୍ତ୍ର ନାମ ଯଜ୍ଞାନୁଷ୍ଠାନ ଉଦ୍‌ଯାପିତ ହୋଇଛି ।

ତା ୧୬.୨.୯୭ରିଖ - ସଠିଲୋ ଶାଖାର ସହ ପରିଚାଳକ ତଥା ଜଳପୋକ ଗ୍ରାମର ଗୁରୁଭାଇ ଶ୍ରଦ୍ଧେୟ ଶ୍ରୀ ବିଜୟ କେତନ ପଟ୍ଟନାୟକଙ୍କ ବାସଭବନରେ ତାଙ୍କ ପୁଅ ଆୟୁଷ୍ମାନ୍ ସ୍ନିଗ୍ଧ ସମୀର ଓ ଝିଅ ଆୟୁଷ୍ମତୀ ସ୍ନିଗ୍ଧା ପରିମିତାର କର୍ଣ୍ଣବେଧ ଓ ବିଦ୍ୟାରମ୍ଭ ଉପଲକ୍ଷ୍ୟରେ ପାରିବାରିକ ସତ୍‌ସଙ୍ଗ ସର୍ବ ସାଫଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ତା ୧୭.୨.୯୭ରିଖ - କ୍ଷିତିଜ୍ୟୋତିଃ ଆଶ୍ରମ, ଖଇରାଶାଖାର ବାର୍ଷିକ କେତନ ଉତ୍ସବ ଓ ସତ୍‌ସଙ୍ଗ ଯଥାବିଧି ଅନୁଷ୍ଠିତ ହୋଇଅଛି ।

***

**ବାଣୀ**

ଆନନ୍ଦ ହିଁ 'ବ୍ରହ୍ମ' । ଯିଏ ଯେତେ ଆନନ୍ଦ ଉପଲବ୍ଧି କରୁଛି
ସେ ବ୍ରହ୍ମଙ୍କର ସେତେ ନିକଟବର୍ତ୍ତୀ ।

-ଶ୍ରୀ ଗୁରୁସ୍ୱାମୀ

## DECLARATION FORM-I
(Rule-8)

## THE CHARAM PUBLICATION

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Viswa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Keshab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Viswa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

1. Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack, Orissa here by declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarna Kshetra, Mahanga, Cuttack-754206 and the perticular in respect of the said magazine given above are true to the best of my knowledge and belief.

Sd-

**Place : Mahanga**
Date : 3.07.2011

**KESHAB CHANDRA SAMAL**
Signature of the Publisher

ଆମର ଲକ୍ଷ୍ୟ : ଚରମପ୍ରାପ୍ତି